ବର୍ଷ-୨୪, ସଂଖ୍ୟା-୨୦୫
ଭୁବନେଶ୍ୱର
୨୫ ଅଗଷ୍ଟ, ୨୦୨୪ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 205
Bhubaneswar
25 August, 2024, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ୨୦୨୫ରୁ ଲାଗୁ ହେବ ୟୁପିଏସ






**ନୂଆଦିଲ୍ଲୀ,୨୪।୮(ମହାଭାରତ):** ପେନସନ ଯୋଜନା ସମ୍ପର୍କରେ ମୋଦି ସରକାର ଏକ ବଡ ଘୋଷଣା କରିଛନ୍ତି। ଶନିବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ପୁରୁଣା ପେନସନ ସ୍କିମ ଏବଂ ନୂଆ ପେନସନ ସ୍କିମ ବଦଳରେ ୟୁନିଫାଏଡ ପେନସନ ସ୍କିମ (ୟୁପିଏସ) କୁ ଅନୁମୋଦନ କରାଯାଇଛି। ସରକାର କହିଛନ୍ତି ଯେ, ୨୫ ବର୍ଷ କାମ କରିଥିବା କର୍ମଚାରୀଙ୍କୁ ପୂର୍ଣ୍ଣ ପେନସନ ମିଳିବ। ୟୁପିଏସ ଯୋଜନାରେ ୨୩ଲକ୍ଷ କେନ୍ଦ୍ରୀୟ କର୍ମଚାରୀ ଉପକୃତ ହେବେ। ଏହି ଯୋଜନା ୨୦୨୫ ଏପ୍ରିଲ ୧ରୁ କାର୍ଯ୍ୟକାରୀ ହେବ।

କ୍ୟାବିନେଟ ବୈଠକ ସମ୍ବନ୍ଧୀୟ ସୂଚନା ପ୍ରଦାନ କରୁଥିବାବେଳେ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ଯେଉଁମାନେ ୧୦ବର୍ଷ ସେବା କରିଛନ୍ତି ସେମାନେ ୧୦ହଜାର ଟଙ୍କା ପେନସନ ପାଇବେ। ଯଦି କର୍ମଚାରୀଙ୍କ ଚାକିରୀ ବେଳେ ମୃତ୍ୟୁ ହୋଇଥାଏ ତେବେ ସେମାନଙ୍କ ସ୍ତ୍ରୀଙ୍କୁ ୬୦ ପ୍ରତିଶତ ପେନସନ ମିଳିବ। ପ୍ରତି ରାଜ୍ୟ ସରକାର ମଧ୍ୟ ଏହାକୁ କାର୍ଯ୍ୟକାରୀ କରିପାରିବେ ବୋଲି ସରକାର କହିଛନ୍ତି। କର୍ମଚାରୀଙ୍କ ଉପରେ ଏହି ଯୋଜନାର କୌଣସି ବୋଝ ରହିବ ନାହିଁ।

ୟୁପିଏସ ଅନୁସାରେ ଯଦି ଜଣେ କର୍ମଚାରୀ ସର୍ବନିମ୍ନ ୨୫ ବର୍ଷ କାମ କରିଛନ୍ତି, ତେବେ ସେ ପେନସନ ଭାବରେ ଅବସର ନେବା ପୂର୍ବରୁ ଗତ ୧୨ ମାସ ମଧ୍ୟରେ ହାରାହାରି ବେତନର ୫୦ ପ୍ରତିଶତ ପାଇବେ। ପେନସନଧାରୀଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାରକୁ ୬୦ ପ୍ରତିଶତ ପେନସନ ମିଳିବ। କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ସମସ୍ତ ଏନପିଏସ ଲୋକଙ୍କୁ ୟୁପିଏସକୁ ଯିବାର ବିକଳ୍ପ ମିଳିବ। ଏହା ସମସ୍ତଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ ଯେଉଁମାନେ ଅବସର ଗ୍ରହଣ କରିଛନ୍ତି କିମ୍ବା ଆରମ୍ଭରୁ ଏନ୍‌ପିଏସ୍ ଅଧୀନରେ ଅବସର ନେବାକୁ ଯାଉଛନ୍ତି। ଏଥିପାଇଁ ସରକାର ବକେୟା ଅର୍ଥ ଦେବେ। ୨୦୦୪ରୁ ଅବସର ନେଇଥିବା କର୍ମଚାରୀମାନେ ମଧ୍ୟ ଏହି ସୁବିଧା ପାଇବେ। କେନ୍ଦ୍ରର ମୋଦି ସରକାର ସରକାରୀ କର୍ମଚାରୀଙ୍କୁ ବଡ ଉପହାର ଦେଇଛନ୍ତି। ନୂଆ ପେନସନ ଯୋଜନାକୁ ଉନ୍ନତ କରିବାକୁ ହେଉଥିବା ଦାବି ଉପରେ ଧ୍ୟାନ ଦେଇ ସରକାର ୟୁନିଫାଏଡ ପେନସନ ଯୋଜନାକୁ ଅନୁମୋଦନ କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ସରକାରୀ କର୍ମଚାରୀଙ୍କୁ ନିଶ୍ଚିତ ପେନସନ, ପାରିବାରିକ ପେନସନ ଏବଂ ନିଶ୍ଚିତ ସର୍ବନିମ୍ନ ପେନସନ ପ୍ରଦାନ କରିବା। ନୂଆ ପେନସନ ଯୋଜନାରେ ଉନ୍ନତି ଆଣିବା ପାଇଁ ଡ. ସୋମନାଥ କମିଟି ଗଠନ କରାଯାଇଥିଲା। ଏହି କମିଟି ବିସ୍ତୃତ ଆଲୋଚନା ପରେ ରିପୋର୍ଟ ଉପସ୍ଥାପନ କରିଥିଲା।

## ଆଜି ବିଜେଡି ବିଧାୟକଙ୍କୁ ପ୍ରଶିକ୍ଷଣ

**ଭୁବନେଶ୍ୱର,୨୪।୮ (ମହାଭାରତ):** ଆସନ୍ତାକାଲି ହେବେ ବିଜେଡିର ବିଧାୟକମାନଙ୍କ ଟ୍ରେନିଂ କ୍ୟାମ୍ପ୍। ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଶଙ୍ଖ ଭବନରେ ଏହାର ଶୁଭାରମ୍ଭ କରିବେ। ବିଜୁ ଜନତା ଦଳର ବରିଷ୍ଠ ବିଧାୟକମାନେ ନବ ନିର୍ବାଚିତ ବିଧାୟକମାନଙ୍କୁ ଟ୍ରେନିଂ ଦେବେ। ନବ ନିର୍ବାଚିତ ବିଧାୟକ ଭାବରେ କିଭଳି କାର୍ଯ୍ୟ ନିର୍ବାହ କରିବେ ବିଧାୟକମାନେ ସେନେଇ ନେବେ ପ୍ରଶିକ୍ଷଣ। ଦିନ ୧୦ ଟାରୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇ ପୁରା ଦିନ ଚାଲିବ। ବିଶେଷ କରି ବିଧାନସଭାର ସଦସ୍ୟଙ୍କ ଦାୟିତ୍ୱ, ପ୍ରାଇଭେଟ୍ ମେମ୍ବର ବିଲ, ଜିରୋ ଆୱର, ସ୍ୱତନ୍ତ୍ର ମୋସନ ସବମିଶନ, ପବ୍ଲିକ ମାଟର୍ସ, ଷ୍ଟାଣ୍ଡିଂ କମିଟି, ହାଉସ କମିଟି, ବଜଟରୀ ପ୍ରସ୍ତୁତିକରଣ, ବିଧାନସଭା ପ୍ରଶ୍ନକାଳ, ଶୂନ୍ୟକାଳ ଭଳି ପ୍ରସଙ୍ଗରେ ନବନିର୍ବାଚିତ ବିଧାୟକମାନଙ୍କୁ ଟ୍ରେନିଂ ଦିଆଯିବ।



ବିଜୁ ଜନତା ଦଳର ବରିଷ୍ଠ ବିଧାୟକ ଯେମିତିକି ନବୀନ ପଟ୍ଟନାୟକ,ଗଣେଶ୍ୱର ବେହେରା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିକ୍ରମ କେଶରୀ ଆରୁଖ, ଅଶୋକ ପଣ୍ଡା, ସଞ୍ଜୟ ଦାସବର୍ମା, ପ୍ରତାପ କେଶରୀ ଦେବ, କଳିକେଶ ସିଂଦେଓ, ପ୍ରଫୁଲ୍ଲ ସାମଲ, ପ୍ରଦୀପ ଅମାତ, ପ୍ରମିଳା ମଲ୍ଲିକ ଭଳି ବରିଷ୍ଠ ନେତାମାନେ ନବନିର୍ବାଚିତ ବିଧାୟକମାନଙ୍କୁ ପ୍ରଶିକ୍ଷଣ ଦେବେ। ବିଜେପି ଓଡ଼ିଆ ଅସ୍ମିତାର ଗାଥା ଗାଉଥିବା ବେଳେ ଆରମ୍ଭରୁ ହି ରାଜ୍ୟ ସରକାର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡ଼ିଆ ଅସ୍ମିତାକୁ ହାନି ପହଁଚାଇଛି। ଯେଉଁଥିପାଇଁ ଆମେ ବିଧାୟକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବୟକଟ କରିଥିଲୁ।

## ମଦଭାଟି ଉପରେ ଚାଲିଲା ବୁଲଡୋଜର



**ଭୁବନେଶ୍ୱର,୨୪।୮ (ମହାଭାରତ):** ରାଜ୍ୟରେ ଚୋରା ମଦ କାରବାର ରୋକିବା ପାଇଁ ରାଜ୍ୟ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ କଡା ନିର୍ଦ୍ଦେଶ ପରେ ଏବେ ରାଜ୍ୟ ଅବକାରୀ ବିଭାଗ ଆକ୍ସନ ମୁଡ୍‌କୁ ଆସିଛି। ଆଜି ରାଜଧାନୀର ଛାତି ଉପରେ ସାଲିଆସାହି ବସ୍ତିରେ ଚାଲିଥିବା ବଡ ବଡ ଦେଶୀ ମଦଭାଟିକୁ ବୁଲଡୋଜର ଲଗାଇ ଭାଙ୍ଗି ମାଟିରେ ମିଶେଇ ଦିଆଯାଇଛି। ଝୁମ୍ପୁଡି ଘର ଭିତରେ ଆରସିସି ଛାତପକା ଆଲିସନା ବଙ୍ଗଳା ତିଆରି କରି ତା ଭିତରେ ହୋଇଥିବା ସିକ୍ରେଟ ଚ୍ୟାମ୍ବରରେ ମଦ ତିଆରି ହେଉଥିବା ଖବର ପାଇ ଅବକାରୀ ବିଭାଗ ଓ କମିଶନରେଟ ପୋଲିସ ମିଶି ଲକ୍ଷ ଲକ୍ଷ ଲିଟର ଦେଶୀମଦ, ପୋଚ, ମଦ ତିଆରି ସରଞ୍ଜାମ ଜବତ କରିଛନ୍ତି। ଏହା ସହିତ ସେହି ଆଲିସାନ ବଙ୍ଗଳାକୁ ମଧ୍ୟ ବୁଲଡୋର ସାହାଯ୍ୟରେ ଭାଙ୍ଗି ଦେଇଛନ୍ତି। ୩ଟି ସ୍ଥାନରୁ ଯେଉଁ ଦେଶୀମଦ କାରଖାନା ଠାବ କରାଯାଇଛି। ସେଥିରୁ ଜବତ କରାଯାଇଥିବା ମଦର ପରିମାଣ ୫ଲକ୍ଷ ଲିଟରରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ରାଜଧାନୀରେ ଏଭଳି ବଡ ଧରଣର ଅବକାରୀ ଚଢ଼ାଉ ଓ ବୁଲଡୋଜର ଦ୍ୱାରା ତାକୁ ଧ୍ୱଂସ କରିବା ଘଟଣା ପ୍ରଥମ ବୋଲି କୁହାଯାଉଛି। କାରଖାନାରେ ଚଢ଼ାଉ ବେଳେ ଘର ଭିତରୁ ମିଳିଥିଲା ସିକ୍ରେଟ ଚାମ୍ବର। ଘର କାନ୍ଥ ଖୋଳି ଅଣ୍ଡରଗ୍ରାଉଣ୍ଡ କରାଯାଇଥିଲା। ଆଉ ତାରି ଭିତରେ ଚାଲିଥିଲା ଦେଶୀ ମଦ କାରବାର। ସିକ୍ରେଟ ଚାମ୍ବର ଭିତରେ ଥିଲା ସବୁ ପ୍ରକାର ସୁବିଧା।

# ୨୦୨୬ ସୁଦ୍ଧା ନକ୍ସଲ ମୁକ୍ତ ହେବ ଭାରତ

**ରାୟପୁର, ୨୪।୮ (ମହାଭାରତ):** ନକ୍ସଲଙ୍କ ବିରୋଧରେ ଆରପାରର ଲଢ଼େଇ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆହ୍ୱାନ ଦେଇଛନ୍ତି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବା ପାଇଁ ସେ ରାଜ୍ୟର ମୁଖ୍ୟଶାସନ ସଚିବ ଓ ପୋଲିସ୍ ଡିଜି ମାନଙ୍କୁ ଟାର୍ଗେଟ ଦେଇଛନ୍ତି। ଶ୍ରୀ ଶାହା କହିଛନ୍ତି ଯେ ଆମ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ନକ୍ସଲବାଦ ସବୁଠୁ ବଡ଼ ବିପଦ। ତେଣୁ ସେମାନଙ୍କ ମୂଳପୋଛ ହେବା ଜରୁରୀ। ଏହି ଗ୍ରୁପ ବିରୋଧରେ ଶେଷ ପ୍ରହାର ପାଇଁ ଗୋଟିଏ ଶକ୍ତିଶାଳୀ ଓ କଠୋର ରଣନୀତି ଆବଶ୍ୟକ ବୋଲି ଶ୍ରୀ ଶାହ କହିଛନ୍ତି।

ଛତିଶଗଡ଼ର ଗସ୍ତରେ ଥିବା ଅମିତ ଶାହ ଆଜି ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ, କେନ୍ଦ୍ର ଓ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀ ଓ ମୁଖ୍ୟସଚିବଙ୍କ ସହ ରାଜ୍ୟରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ସେ ମାଓବାଦୀଙ୍କୁ ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ସେହିପରି କେନ୍ଦ୍ର ସରକାର ମଧ୍ୟ ଗୋଟିଏ ନୂଆ ଆତ୍ମସମର୍ପଣ ନୀତି ଆସନ୍ତା ୨ ମାସ ମଧ୍ୟରେ ଆଣିବେ ବୋଲି ଶ୍ରୀ ଶାହ କହିଛନ୍ତି।



ସେ କହିଛନ୍ତି, ମାଓବାଦୀଙ୍କ ବିରୋଧରେ ଶେଷ ପ୍ରହାର ପାଇଁ ଗୋଟିଏ ଶକ୍ତିଶାଳୀ ଓ କଠୋର ରଣନୀତି ଆବଶ୍ୟକ। ମାଓବାଦୀ ହିଂସା ଗଣତନ୍ତ୍ର ପାଇଁ ଗୋଟିଏ ଚ୍ୟାଲେଞ୍ଜ। ମାଓବାଦୀ ହିଂସା ଯୋଗୁ ଦେଶରେ ୧୭ ହଜାର ଲୋକଙ୍କ ଜୀବନ ଯାଇଛି।

ଗତବର୍ଷ ଡିସେମ୍ବରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ନିଶ୍ଚିତ କରିଥିଲେ ଯେ ଦେଶରୁ ନକ୍ସଲବାଦର ମୂଳପୋଛ କରିବାର ଅତି ନିକଟରେ ଆମେ ପହଞ୍ଚି ଯାଇଛନ୍ତି। ବିଏସ୍‌ଏଫର ୫୯ମ ରାଇଜିଂ ଦିବସରେ ସେ କହିଥିଲେ ଯେ ବିଗତ ୧୦ ବର୍ଷ ମଧ୍ୟରେ ମାଓବାଦୀ ହିଂସା ପ୍ରାୟ ୫୨% ହ୍ରାସ ପାଇଛି। ଏହି ଘଟଣାରେ ମୃତ୍ୟୁସଂଖ୍ୟା ୭୦% କମିଛି। ନକ୍ସଲ ପ୍ରଭାବିତ ଜିଲ୍ଲା ୯୦ରୁ ୪୫କୁ ଆସିଛି।

ଆଜି ସାମ୍ବାଦିକ ସମ୍ମିଳନରେ ପୁରୁଣା କଥାକୁ ଅମିତ ଶାହ ଦୋହରାଇଛନ୍ତି। ତାଙ୍କ କହିବା କଥା ଯେ ୨୦୦୪ରୁ ୨୦୧୪ ତୁଳନାରେ ୨୦୧୪ରୁ ୨୦୨୪ ମଧ୍ୟରେ ମାଓବାଦୀ ହିଂସା ଘଟଣା ୫୩% ହ୍ରାସ ପାଇଛି। ଏବେ ମାଓବାଦୀ ସମସ୍ୟା ବିରୋଧରେ ଶେଷ ଲଢ଼େଇର ସମୟ ଆସି ଯାଇଛି। ଆମର ବିଶ୍ୱାସ ଯେ ଆମେ ଦେଶକୁ ମାଓବାଦୀ ମୁକ୍ତ କରିପାରିବୁ। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶ ନକ୍ସଲ ମୁକ୍ତ ହେବ।

ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଖାଲି ପଡ଼ିଥିବା ସୁରକ୍ଷାକର୍ମୀଙ୍କ ସ୍ଥାନ ପୂରଣ ପାଇଁ ପ୍ରୟାସ ଚାଲିଛି। ବିକାଶମୂଳକ କାର୍ଯ୍ୟ ସହ ସୁରକ୍ଷାକର୍ମୀମାନେ ଅପରେସନ ଜାରି ରଖିଛନ୍ତି। ରାଜ୍ୟ ବ୍ୟତୀତ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ, ଏନଆଇଏ ଓ ଇଡି ମିଳିତ ଭାବେ ଦେଶରୁ ମାଓବାଦକୁ ହଟାଇବାକୁ ଉଦ୍ୟମ ଜାରି ରଖିଛନ୍ତି ବୋଲି ଶ୍ରୀ ଶାହ କହିଛନ୍ତି।

## ନିର୍ମାଣ ହେବ ୧୫ ହଜାର କିଲୋମିଟର ରାସ୍ତା

**ଭୁବନେଶ୍ୱର,୨୪।୮(ମହାଭାରତ):** ପୂର୍ତ୍ତ ବିଭାଗ ଆଗାମୀ ଦିନରେ ରାଜ୍ୟରେ ୧୫ ହଜାର କିଲୋମିଟର ରାସ୍ତା ନିର୍ମାଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି କରିଛନ୍ତି ବୋଲି ଆଜି ବିଧାନସଭାରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ କହିଛନ୍ତି।

ସେ କହିଛନ୍ତି ଯେ, ଏଥି ସହିତ ଦୁଇ ହଜାର କିଲୋମିଟର ରାସ୍ତାର ଉନ୍ନତି କରଣ କରାଯିବ। ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ଅର୍ଥାତ ରାଜଧାନୀ ଭୁବନେଶ୍ୱରକୁ ଭିଡ଼ ମୁକ୍ତ କରିବା ପାଇଁ ମଧ୍ୟ ରାଜଧାନୀର ରାସ୍ତା ଘାଟର ଉନ୍ନତି କରାଯିବ।

ଏଥି ମଧ୍ୟରେ ଭୁବନେଶ୍ୱରର ୨୦ କିଲୋମିଟର ରାସ୍ତା ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଚି। ଜୟଦେବ ବିହାର ରୁ ନନ୍ଦନକାନନ ୧୩.୫ କିମି ରାସ୍ତା, ପଟିଆରୁ ପାହାଲକୁ ରାସ୍ତା କାର୍ଯ୍ୟ ଅନ୍ତର୍ଭୁକ୍ତ। ବିଭିନ୍ନ ସ୍ଥାନରେ ସେତୁ ନିର୍ମାଣ କରାଯିବ। ସେହିପରି ମାଉସୀମା ମନ୍ଦିରରୁ କଳ୍ପନା ଯାଏଁ ଉଡ଼ନ୍ତା ସେତୁ ପୂର୍ତ୍ତ ବିଭାଗ ନିର୍ମାଣ କରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

## ପରିସଂଖ୍ୟାନ ବିଭାଗ ଅଫିସର ମାନେ ସ୍ୱଚ୍ଛତାର ସହ କାର୍ଯ୍ୟ କରନ୍ତୁ

**ଭୁବନେଶ୍ୱର,୨୪।୮(ମହାଭାରତ):** ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଯୋଜନା ପ୍ରୟୋଗିକ ଅର୍ଥନୀତି ଓ ପରିସଂଖ୍ୟାନ ପ୍ରତିଷ୍ଠାନ (ଆରଆଇପିଏଇଏସ)ରେ ଚଳିତ ଅଗଷ୍ଟ ମାସ୨୦ରୁ୨୩ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ପ୍ରଶିକ୍ଷଣ ନେଇଥିବା ୩ ଜଣ ଭାରତୀୟ ପରିସଂଖ୍ୟାନ ସେବା ଅଧିକାରୀ ଶିକ୍ଷାନବିଶ (ଆଇଏସ୍‌ଏସ୍ପ୍ରୋବେସନର-୪୫ତମ ବ୍ୟାଚ୍୨୦୨୩ ) ଗତକାଲି ଶୁକ୍ରବାର ଲୋକସେବାଭବନସ୍ଥିତ ଉନ୍ନୟନ କମିଶନରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ରାଜ୍ୟ ଉନ୍ନୟନ କମିଶନର ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ଯୋଜନା ଓ ସଂଯୋଜନ ବିଭାଗ, ଓଡ଼ିଶାର ଗଠନ ଏବଂ ଶାସନ ବ୍ୟବସ୍ଥାରେ ଏହାର ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ସୁଶାସନ ଏବଂ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ପରିସଂଖ୍ୟାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସେ ପ୍ରକାଶ କରିଥିଲେ। ଡିଜିଟାଲାଇଜେସନ୍ ମାଧ୍ୟମରେ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର କାର୍ଯ୍ୟଧାରାରେ ଉଲ୍ଲେଖନୀୟ ପରିବର୍ତ୍ତନ, ତଥ୍ୟର ଗୁଣାତ୍ମକ ନିଶ୍ଚିତତା, ଉପଭୋକ୍ତା ନିୟୋଜନ, ତଥ୍ୟ ଆବଶ୍ୟକତା ଅଭାବ ପୂରଣ, ଓଡ଼ିଶା ରାଜ୍ୟ ପାଇଁ ଏକ ଅତ୍ୟାଧୁନିକ ପରିସଂଖ୍ୟାନ ବ୍ୟବସ୍ଥା ନିର୍ମାଣ ନିମନ୍ତେ ଅନୁଷ୍ଠାନର ଦକ୍ଷତା ସୁଦୃଢ଼ କରିବା ଦିଗରେ ପଦକ୍ଷେପ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ଏଥି ସହିତ ଆଗାମୀ ଦିନରେ ଦେଶ ଗଠନରେ ସେମାନେ ଉଲ୍ଲେଖନୀୟ ଯୋଗଦାନ ଦେବାକୁ ଯାଉଥିବା ପ୍ରକାଶ କରି ସେ ପ୍ରଶିକ୍ଷାର୍ଥୀ ଅଧିକାରୀମାନଙ୍କୁ ଉତ୍ସାହିତ କରିଥିଲେ।

## ଖୋଲିଲା ହୀରାକୁଦର ଆଉ ୮ ଗେଟ୍

**ସମ୍ବଲପୁର ୨୪।୮ (ମହାଭାରତ):** ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ହୀରାକୁଦ ଡ୍ୟାମ୍ ଜଳସ୍ତର ବଢ଼ିବାରେ ଲାଗିଛି। ଫଳରେ ଶନିବାର ହୀରାକୁଦ ଡ୍ୟାମର ଆଉ ୮ଟି ଗେଟ୍ ଖୋଲାଯାଇଛି। ବର୍ତ୍ତମାନ ଡ୍ୟାମର ୧୪ଟି ଗେଟରୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଏନେଇ ତଳିଆ ଅଞ୍ଚଳର ଲୋକଙ୍କୁ ସତର୍କ ରହିବାକୁ ସୂଚନା ଦିଆଯାଇଛି। ଜଳସ୍ତରକୁ ଦୃଷ୍ଟିରେ ରଖି ଆହୁରି ଅଧିକ ଗେଟ ଖୋଲାଯାଇପାରେ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷେ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏପରିକି ଉତ୍ତର-ପଶ୍ଚିମବଙ୍ଗରେ ସକ୍ରିୟ ରହିଛି ଲଘୁଚାପ। ଏହାର ପ୍ରଭାବରେ ୩ଦିନ ଯାଏଁ ରାଜ୍ୟରେ ବର୍ଷା ଲାଗି ରହିବାର ସମ୍ଭାବନା ରହିଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ମଧ୍ୟ ସତର୍କ ସୂଚନା ଜାରି କରିଛି।

## ଛାତ୍ର ସଂସଦ ନିର୍ବାଚନ ଦାବିରେ ବିକ୍ଷୋଭ

**ଭୁବନେଶ୍ୱର,୨୪।୮ (ମହାଭାରତ):** ଏବର୍ଷ ନୁହେଁ, ଆସନ୍ତା ବର୍ଷ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ଆଇନ ମନ୍ତ୍ରୀ କହିବା ପରେ ରାଜ୍ୟରେ ଛାତ୍ର ସଙ୍ଗଠନଗୁଡ଼ିକ ଏହା ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ଦାବି କରି ଗୁରୁବାରଠାରୁ ଏବିଭିପି ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଦସ୍ତଖତ ଅଭିଯାନ ସହ ପ୍ରତିବାଦ ଆରମ୍ଭ ହୋଇଥିବାବେଳେ ଶନିବାର ଅଖିଳ ଭାରତ ଛାତ୍ର ସଙ୍ଗଠନ(ଏଆଇଏସ୍‌ଏଫ୍) ପକ୍ଷରୁ ପ୍ରତିବାଦ ଦିବସ ପାଳନ କରିବା ପାଇଁ ଡାକରା ଦିଆଯାଇଛି।

ଚଳିତବର୍ଷ ନିର୍ବାଚନ କରିବା ପାଇଁ ଏଆଇଏସ୍‌ଏଫ୍ ପକ୍ଷରୁ ଶନିବାର ସାରା ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ପ୍ଲାକାର୍ଡ ପ୍ରଦର୍ଶନ କରାଯିବ ବୋଲି ସଂଘ ରାଜ୍ୟ ସଭାପତି ସଂଘମିତ୍ରା ଜେନା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଯେଉଁ ଭାଜପା ଦଳ ବିରୋଧୀ ଦଳରେ ଥିବାବେଳେ ଛାତ୍ର ନିର୍ବାଚନ କରିବା ପାଇଁ ଆମ ସହିତ ସ୍ୱର ମିଶାଇ ଦାବି କରୁଥିଲେ, ସେମାନେ କ୍ଷମତାସୀନ ହେବା ପରେ ନିଜ କଥାରୁ ଓହରୁଛନ୍ତିୟ ତାହା ଗ୍ରହଣୀୟ ନୁହେଁ। ତେବେ ଏ ପର୍ଯ୍ୟନ୍ତ ଛାତ୍ର ସଂସଦ ନିର୍ବାଚନ ନେଇ ଶିକ୍ଷାମନ୍ତ୍ରୀ କାହିଁକି ଚୁପ୍ ବସିଛନ୍ତି, ତାହା ଆମକୁ ବ୍ୟଥିତ କରିଛି। ସରକାର ଜାଣିଶୁଣି ଚଳିତବର୍ଷ ନିର୍ବାଚନ ନ କରିବା ପାଇଁ ଯୋଜନା କରୁଛନ୍ତି। ତେଣୁ ଆମେ ପ୍ରତି ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରୁଛୁ, ସେମାନେ ନିର୍ବାଚନ କରିବା ଦାବିରେ ନିଜ କଲେଜ ହେଉ କିମ୍ବା ବିଶ୍ୱବିଦ୍ୟାଳୟରେ ସମସ୍ୟା ଓ ଦାବି ଲେଖି ପ୍ଲାକାର୍ଡ ଧରି ପ୍ରତିବାଦ କରନ୍ତୁ ବୋଲି ସେ କହିଛନ୍ତି।

ସେପଟେ ଏବିଭିପି ପକ୍ଷରୁ ମଧ୍ୟ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଫାଟକ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସରକାର ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନକୁ ଉଚ୍ଚ ଶିକ୍ଷା ବିଭାଗ କ୍ୟାଲେଣ୍ଡରରେ ଯୋଡ଼ିବାକୁ ଦାବି କରାଯାଇଛି।

# ଅତ୍ୟାବଶ୍ୟକୀୟ ସାମଗ୍ରୀରେ ଆତ୍ମନିର୍ଭରଶୀଳ ହେବ ଓଡ଼ିଶା




**ଭୁବନେଶ୍ୱର,୨୪।୮ (ମହାଭାରତ):** ରାଜ୍ୟକୁ ଆଳୁ, ପିଆଜ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀରେ ଆତ୍ମନିର୍ଭରଶୀଳ କରିବାକୁ ପଡିବ ଏବଂ ଏ ଦିଗରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି କାର୍ଯ୍ୟକୁ ସଫଳ କରିବା ଦିଗରେ ଓୟୁଏଟିରୁ ହିଁ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

ଆଜି ଏଠାରେ ଅନୁଷ୍ଠିତ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୬୩ ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଶ୍ୱବିଦ୍ୟାଳୟରେ ନିର୍ମିତ ନୂତନ କୃଷି ଶିକ୍ଷା ସଦନର ପ୍ରେକ୍ଷାଳୟ ଉଦଘାଟନ କରିଥିଲେ। ସେ କହିଥିଲେ ପୂର୍ବତନ ସରକାର ୨୪ ବର୍ଷ ଧରି କ୍ଷମତାରେ ଥିଲେମଧ୍ୟ ଆଳୁ, ପିଆଜ, ପଣସ ଭଳି ମିଶନ ଗଠନ କରି ଲୋକଙ୍କ ଚାହିଦା ମେଣ୍ଟାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ତାହା ସଫଳ ହୋଇପାରିଲା ନାହିଁ। ରାଜ୍ୟରେ ଆବଶ୍ୟକ ଶୀତଳ ଭଣ୍ଡାର ନକରିପାରିବା ଯୋଗୁ ପୂର୍ବ ସରକାରଙ୍କର ସମସ୍ତ ଯୋଜନା ଫେଲ ମାରିଥିଲା। ତେଣୁ ଆମକୁ ଏଥିରେ ସ୍ୱାବଲମ୍ବନଶୀଳ ହେବାକୁ ପଡିବ। ଏଥିରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏ ସମ୍ପର୍କରେ ନୂତନ ଜ୍ଞାନ କୌଶଳର ବିକାଶ ପାଇଁ ଓୟୁଏଟିର ବୈଜ୍ଞାନିକ ମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ସେମାନେ ଅଧିକ ଉତ୍ପାଦନକ୍ଷମ ବିହନ ଉତ୍ପାଦନ କରିବା ପାଇଁ ସେ ପରାମର୍ଷ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ବିଷୟରେ ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଲେ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ଆଜି ଏକ ବିକଶିତ ରାଷ୍ଟ୍ରହେବା ଲକ୍ଷ୍ୟରେ ଅଗ୍ରଗତି କରୁଛିୟ ସେ କହିଲେ ଯେ ପ୍ରଧାନମନ୍ତ୍ରୀ ସବୁ ସମୟରେ କୃଷକମାନଙ୍କୁ ଅନ୍ନଦାତାର ଆଖ୍ୟାଦେଇ ସମ୍ମାନିତ କରିଆସିଛନ୍ତି ଏବଂ ସେମାନଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ମୋଦୀଜୀଙ୍କ ପ୍ରେରଣାରେ ଓଡିଶା ସରକାର କୃଷକ ମାନଙ୍କ ଉନ୍ନତି ପାଇଁ ଅନେକ ଯୋଜନା କରିଛନ୍ତି। ଓଡିଶାରେ ଆମେ ପିଏମ କିସାନ ସହିତ ସିଏମ କିସାନ ମଧ୍ୟ କାର୍ଯ୍ୟକାରୀ କରୁଛୁ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ରାଜ୍ୟର ସବୁ କୃଷକଙ୍କୁ ସାମିଲ କରାଯିବ।

କୃଷି କ୍ଷେତ୍ରପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ବର୍ଣ୍ଣନାକରି ସେ କହିଲେ ଯେ ନିକଟରେ, ଆମ ସରକାର ରାଜ୍ୟରେ କୃଷକ-ଅନୁକୂଳ ନୀତି ଅନୁସରଣ କରି ପ୍ରତି ବ୍ଲକରେ କୃଷି ସମୃଦ୍ଧି କେନ୍ଦ୍ର ସ୍ଥାପନ ପାଇଁ ନିଷ୍ପତି ଗ୍ରହଣ କରିଛନ୍ତି। ସ୍ୱଳ୍ପ ଉତ୍ପାଦିତ ଫସଲଗୁଡିକର ଉତ୍ପାଦନ ବୃଦ୍ଧି ପାଇଁ ଫସଲ ବିବିଧତା ମାଧ୍ୟମରେ ସ୍ୱତନ୍ତ୍ର ଭାବେ ପ୍ରୟାସ କରାଯାଇଛି। ଏ ଦିଗରେ ଓୟୁଏଟି ତରଫରୁ ପିଲିପେସରା ଫସଲର ଆମ ଦେଶରେ ପ୍ରଥମ କିସମ "ପ୍ରଥମ" ବିକଶିତ ହେବା ଆମ ପାଇଁ ଖୁସିର ବିଷୟ। ଏହା ଏକ ଡାଲିଜାତୀୟ ଗୋଖାଦ୍ୟ ଫସଲ ଅଟେ। ଏହାକୁ ପ୍ରଧାନମନ୍ତ୍ରୀ ମୋଦୀଜୀ ଚଳିତ ମାସ ୧୧ ତାରିଖରେ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟର ସମସ୍ତ ୫୮ଟି ସବ୍ ଡିଭିଜନରେ ଅନ୍ତତଃ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପ୍ରକାଶ କରି ସେ କହିଥିଲେ ଯେ ଆଗାମୀ ପାଞ୍ଚ ବର୍ଷରେ ରାଜ୍ୟର ପ୍ରତି ବ୍ଲକରେ ଶୀତଳଭଣ୍ଡାର ଖୋଲିବା ପାଇଁ ଲକ୍ଷ୍ୟ ରଖାଯାଇଛି।

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ କୃଷି, ଉଦ୍ୟାନ ବିଜ୍ଞାନ, ପ୍ରାଣୀ ପାଳନ, କୃଷି ଯାନ୍ତ୍ରିକୀକରଣ, କୃଷି ବନୀକରଣ, ମତ୍ସ୍ୟ ବିଜ୍ଞାନ, ଗୋଷ୍ଠୀ ବିଜ୍ଞାନ ଆଦି ବିଷୟରେ ଶିକ୍ଷାଦାନ ଓ ଗବେଷଣା କରାଯିବା ଆନନ୍ଦର ବିଷୟ। ଏହା ଦ୍ୱାରା କୃଷକମାନଙ୍କ ବହୁବିଧ ସମସ୍ୟାକୁ ଗୋଟିଏ ସ୍ଥାନରେ ସମାଧାନ କରାଯାଇପାରିବ। ଜିଲ୍ଲା ସ୍ତରରେ ରହିଥିବା କୃଷି ବିଜ୍ଞାନ କେନ୍ଦ୍ର ମାନ ଏସବୁ ଜ୍ଞାନକୌଶଳକୁ କୃଷକମାନଙ୍କ ନିକଟରେ ଫଳପ୍ରଦ ଭାବେ ପହଞ୍ଚାଇ ପାରିବେ ବୋଲି ମୁଁ ଆଶା କରୁଛି ବୋଲି ସେ କହିଥିଲେ।

ଆମ ରାଜ୍ୟରେ ରହୁଥିବା ତଫସିଲଭୁକ୍ତ ଜାତି ଏବଂ ଜନଜାତି, ଅର୍ଥନୈତିକ ଅନଗ୍ରସର ଲୋକମାନେ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ କରିବା ସହିତ ଓତପ୍ରୋତ ଭାବେ ଜଡିତ। ସେମାନଙ୍କ ଜ୍ଞାନ ଓ ଦକ୍ଷତା ବୃଦ୍ଧି ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବାର ଏହା ହେଉଛି ପ୍ରକୃଷ୍ଟ ସମୟ ବୋଲି ସେ ମତ ଦେଇଥିଲେ। ସେସବୁ ବର୍ଗର ଲୋକମାନଙ୍କ ଆର୍ଥିକ ବିକାଶ ପାଇଁ ଓୟୁଏଟି ତରଫରୁ "ଅନୁସୂଚିତ ଜନଜାତି ସବ୍ ପ୍ଲାନ୍ ଏବଂ ଅନୁସୂଚିତ ଜାତି ସବ୍ ପ୍ଲାନ୍ ଯୋଜନା" ମାଧ୍ୟମରେ ପ୍ରୟାସ କରାଯାଉଛି। ଏହି କାର୍ଯ୍ୟକୁ ଅଧିକ ବ୍ୟାପକ କରିବା ପାଇଁ ଉଦ୍ୟମ କରାଯିବା ନିତାନ୍ତ ଆବଶ୍ୟକ।

# ସିଝା ମାଛ ମସଲା

ଆବଶ୍ୟକ ସାମଗ୍ରୀ: ମାଛ,ହଳଦୀ ଗୁଣ୍ଡ,ଗରମ ମସଲା, ଅଦାରସୁଣ ବଟା, କଟା ପିଆଜ,ଧଳା ସୋରିଷ ବଟା,ବସା ଦହି,କଂଚା ଲଙ୍କା,ଅଦାରସୁଣ କଟା,ଗରମ ମସଲା ଗୁଣ୍ଡ,ଲୁଣ ଓ ତେଲ ।।

ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ମାଛକୁ ଧୋଇ ସେଥିରେ ହଳଦୀ ଗୁଣ୍ଡ,ଲଙ୍କା ଗୁଣ୍ଡ,ଗରମ ମସଲା ,ଅଦାରସୁଣ ବଟା,କଟା ପିଆଜ,ଧଳା ସୋରିଷ ବଟା,ବସା ଦହି କଂଚା ଲଙ୍କା ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ପରେ କଡେଇରେ ପାଣି ଫୁଟାଇ ସେଥିରେ ତେଲ ପକାନ୍ତୁ । ଏବେ ସେଥିରେ ମ୍ୟାରିନେଟ ହୋଇଥିବା ମାଛକୁ ପକାନ୍ତୁ । ତା'ପରେ ସେଥିରେ କଟା ଅଦାରସୁଣ,ଗରମ ମସଲା ଗୁଣ୍ଡ,କଟା ପିଆଜ,ଗୋଟା କଂଚା ଲଙ୍କା ଓ ଅଳ୍ପ ଲୁଣ ପକାଇ ଘୋଡଣୀ ଘୋଡାଇ ଦିଅନ୍ତୁ । ୫ରୁ୭ ମିନିଟ୍ ପରେ ଘୋଡଣୀ ବାହାର କରି ମାଛ ଗୁଡିକୁ ଓଲଟାଇ ଦିଅନ୍ତୁ ଓ ପୁଣି ଘୋଡଣୀ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା 'ସିଝା ମାଛ ମସଲା' ।



## ଖବର

# ଆଗକୁ ଆସୁଛି ନୂଆ ସିନେମା 'ଆଶ୍ରମ'



କୌଣସି କ୍ଷେତ୍ରରେ ସଫଳତା ପାଇବା ସହଜ କଥା ନୁହେଁ୍ୟ ଏଥିପାଇଁ ଲୋଡା ଏକାଗ୍ରତା, ଚେଷ୍ଟା ଆଉ ପ୍ରଗାଢ଼ ନିଷ୍ଠାୟ ଓଲିଉଡ୍ର ବରିଷ୍ଠ ତଥା ପାଠପଢ଼ା ସମୟରେ ସେ ନିଜକୁ ନୃତ୍ୟ କଳା ସହ ଜଡିତ ରଖିଥିଲେୟ ତଥାପି ସେ ନିଜର ଲକ୍ଷ୍ୟ ହାସଲ କରିବା ସହ ଜଣେ ଆଇଏଏସ ଅଫିସର ହୋଇପାରିଛନ୍ତିୟ ନିଜ କର୍ତ୍ତବ୍ୟମୟ ଜୀବନରେ ସେ କିପରି ଲୋକମାନଙ୍କର ସେବା କରିଛନ୍ତି ଆଉ ଚାକିରିରୁ ଅବସର ନେଇ ନିଜ ପ୍ରିୟ ଘରକୁ ଫେରିବା ପରେ ତାଙ୍କ ମନରେ ଅତୀତର ସ୍ମୃତି ଉଜାଗର ହୋଇଉଠିଛିୟ ଆଉ ତା'ପରେ କ'ଣ ହେଉଛି ତାହାକୁ ନେଇ କାହାଣୀ ଆଗକୁ ଗତି କରିଛିୟ ହଁ, ଏଭଳି ଏକ ଭିନ୍ନ ଧରଣର କଥାବସ୍ତୁକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଆଶ୍ରମ'ୟ ଚିତ୍ରଟିର ପ୍ରଯୋଜନା କରିଛନ୍ତି ତପନ ଦାସ ଏବଂ ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ଆଗଧାଡିର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁୟ ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଦିଲୀପ ଚୌଧୁରୀୟ ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଅଭିଜିତ ମଜୁମଦାର ୟ କଣ୍ଠଦାନ କରିଛନ୍ତି ଅସିତ ତ୍ରିପାଠୀ, ବିଶ୍ୱଜିତ ମହାପାତ୍ର, ରୂପକ ପରିଡା ଓ ସୋହିନୀ ମିଶ୍ରୟ ଏହାର ବିଭିନ୍ନ ଭୂମିକାରେ ମହାଶ୍ୱେତା ରାୟ, ଅଭିଷେକ ଗିରି, ସୂର୍ଯ୍ୟମୟୀ ମହାପାତ୍ର, ଶତୋ ଆଚାର୍ଯ୍ୟ, ତନୁଶ୍ରୀ, ସୌମ୍ୟା, ବିଜୟିନୀ ମିଶ୍ର, ଶଙ୍କର ଓ ତୁଷାର ପ୍ରମୁଖ କଳାକାର ଅଭିନୟ କରିଛନ୍ତିୟ ଫିଲ୍ମଟିର କ୍ରିଏଟିଭ ଉପଦେଷ୍ଟା ଅଛନ୍ତି ଶ୍ୟାମା ପ୍ରସାଦ ମିଶ୍ରୟ ବାପା ହୋଇଥିଲେ।

# ଜନ୍ମାଷ୍ଟମୀରେ ଚମକିବ ଏହି ରାଶିଙ୍କ ଭାଗ୍ୟ..

ପ୍ରତ୍ୟେକ ବର୍ଷ ଭାଦ୍ରବ ମାସର କୃଷ୍ଣପକ୍ଷର ଅଷ୍ଟମୀ ତିଥିରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ କରାଯାଏ। ଏହି ଦିନକୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ବୋଲି କୁହାଯାଏ । ଚଳିତ ବର୍ଷ ୨୬ ଅଗଷ୍ଟରେ ଜନ୍ମାଷ୍ଟମୀ ପାଳନ କରାଯିବ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଜନ୍ମାଷ୍ଟମୀର ପବିତ୍ର ଦିନରେ ଏହି ରାଶିଙ୍କୁ ଭଗବାନଙ୍କ ବିଶେଷ କୃପା ମିଳିବା ସହ ଭାଗ୍ୟ ଚମକିବ। ଏମାନେ ପ୍ରଭୁଙ୍କ ପ୍ରିୟ ରାଶି ବୋଲି କୁହାଯାଏ।

ବୃଷ - ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବୃଷ ରାଶି ବ୍ୟକ୍ତି ବିଶେଷ ଶ୍ରୀକୃଷ୍ଣଙ୍କ ପ୍ରିୟ ରାଶି ବୋଲି କୁହାଯାଏ । ପ୍ରଭୁଙ୍କ କୃପାରୁ ଏହି ରାଶିଙ୍କୁ ସଫଳତା ମିଳିବା ସହ ଉନ୍ନତି ହେବ।

 କର୍କଟ - ଏହି ରାଶି ବ୍ୟକ୍ତି ବିଶେଷଙ୍କୁ ନିୟମିତ ରୂପରେ ପ୍ରଭୁଙ୍କ ପୂଜାର୍ଚ୍ଚନା କରିବା ଦ୍ୱାରା ଜୀବନରେ କୌଣସି ଜିନିଷର



ଅଭାବ ରହିନଥାଏ । ଅଟକି ରହିଥିବା କାମ ପୂରଣ ହୁଏ।

ସିଂହ - ଏହି ରାଶିର ବ୍ୟକ୍ତି ବିଶେଷ ମଧ୍ୟ ଶ୍ରୀକୃଷ୍ଣଙ୍କ ପ୍ରିୟ । ନିୟମିତ ରୂପରେ ପ୍ରଭୁଙ୍କ ପୂଜାର୍ଚ୍ଚନା କରିବା ଦ୍ୱାରା ଏହି ରାଶିଙ୍କୁ ସଫଳତା ମିଳିଥାଏ । ଅଟକି ଥିବା କାମରେ ସଫଳତା ମିଳେ।

ତୁଳା - ଏହି ରାଶି ବ୍ୟକ୍ତି ବିଶେଷଙ୍କୁ ଶୁଭଫଳ ପ୍ରାପ୍ତି ହେବ । ଧନ ପ୍ରାପ୍ତି ହେବ।

ହିନ୍ଦୁ ଧର୍ମ ଗ୍ରନ୍ଥ ଅନୁସାରେ ଭାଦ୍ରବ ମାସର କୃଷ୍ଣ ଅଷ୍ଟମୀ ତିଥିରେ ମଧ୍ୟ ରାତ୍ରୀରେ ରୋହିଣୀ ନକ୍ଷତ୍ରରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ହୋଇଥିଲା । ଶାସ୍ତ୍ରରେ ଶ୍ରୀକୃଷ୍ଣଙ୍କୁ ଭଗବାନ ବିଷ୍ଣୁଙ୍କ ଅଷ୍ଟମ ସ୍ୱରୂପ ବୋଲି କୁହାଯାଏ । ଜନ୍ମାଷ୍ଟମୀ ଦିନ କୃଷ୍ଣଙ୍କ ରୂପରେ ଭଗବାନ ବିଷ୍ଣୁ କଂସଙ୍କ ଅତ୍ୟାଚାରରୁ ଲୋକଙ୍କୁ ମୁକ୍ତି ଦେବା ପାଇଁ ଜନ୍ମ ନେଇଥିଲେ।

# ଏହି ସରଳ ଉପାୟରେ କେଶ ହେବ ରେଶମୀ

ପ୍ରଥମେ ଗୋଟିଏ ପାଚିଲା କଦଳୀକୁ ପେଷି ଦିଅନ୍ତୁ। ତାପରେ ଏକ ପାତ୍ରରେ କ୍ଷୀର ନେଇ ସେଥିରେ ପେଷିଥିବା କଦଳୀକୁ ମିଶାଇ ଦିଅନ୍ତୁ। ଏବେ ପୁଣି ଏହାକୁ ଭଲ ଭାବେ ପେଷି ଏକ ପାତ୍ରକୁ କାଢନ୍ତୁ। ତାହାକୁ କେଶର ଶେଷ ଭାଗ ଓ ମୂଳରେ ଭଲ ଭାବେ ଲଗାଇ ୩୦ ମିନିଟ ରଖନ୍ତୁ। ୩୦ ମିନିଟ ପରେ ସାମାନ୍ୟ ଉଷୁମ ପାଣିରେ କେଶକୁ ଧୋଇ ପୁଣି ଭଲ ଭାବେ ସାମ୍ପୁ କରି ଦିଅନ୍ତୁ। ଏପରି ସପ୍ତାହକୁ ୨ ଥର ଲଗାନ୍ତୁ। ଆପଣ ନିଜେ ଅନୁଭବ କରିବେ ଏହା କେଶକୁ ରେଶମୀ, ନରମ କରିବା ସହ କୌଣସି କ୍ଷତି କରିନଥାଏ। ନିୟମିତ ପେସ୍ତାବାଦାମ ଓ କାଜୁ ଖାଇଲେ କେଶର ଘନତ୍ୱ ବଢୁଥିବାବେଳେ ଏସବୁକୁ ବାଟି କେଶରେ ପ୍ୟାକ୍ ଭଳି ମଧ୍ୟ ଲଗାଇବା ଭଲ। ପେସ୍ତାବାଦାମରେ ଥିବା



ପୋଷକତତ୍ୱ ଆମ ଶରୀରକୁ ଆବଶ୍ୟକ ପରିମାଣରେ ପୋଷକତତ୍ୱ ଯୋଗାଇବା ସହ କେଶ ପାଇଁ ଔଷଧ ଭଳି କାମ କରେ। ପେସ୍ତାବାଦାମ ମାସ୍କ ପାଇଁ ଆବଶ୍ୟକ **ସାମଗ୍ରୀ:** ଅଧ କପ୍ ଖିର, ୧ବଡ଼ ଚାମଚ ପେସ୍ତାବାଦାମ ତେଲ, ଅଧ କପ୍ ଉଷୁମ ପାଣି, ୨ଚାମଚ ପେସ୍ତାବାଦାମ ଗୁଣ୍ଡୟ ଏକ ପାତ୍ର ନେଇ ସମସ୍ତ ସାମଗ୍ରୀକୁ ମିଶାଇ ପ୍ୟାକ୍ ତିଆରି କରି କେଶମୂଳରେ ଲଗାଇ ୨୦-୩୦ ମିନିଟ୍ ଲଗାଇ ରଖନ୍ତୁ। ପରେ ଶ୍ୟାମ୍ପୁ କରିନେବେ। ଦହିରେ ପେସ୍ତାବାଦାମ ଗୁଣ୍ଡ ମିଶାଇ ତାହା ମଧ୍ୟ କେଶରେ ପ୍ୟାକ୍ ଭଳି ଲଗାଇଲେ ଲାଭ ମିଳେ। କେଶ ଅତ୍ୟଧିକ ଝଡୁଥିଲେ, ଏଇ ଉପାୟ ଆପଣାଇଲେ ୧ ମାସ ମଧ୍ୟରେ ଘନତ୍ୱ ବଢ଼ିଥାଏ। ଦୁର୍ବଳ ତଥା ପତଳା କେଶ ନିମନ୍ତେ ପେସ୍ତାବାଦାମ ପ୍ୟାକ୍ ଲଗାଇବା ଜରୁରୀ। କେଶରେ ସଂକ୍ରମଣ ହୋଇଥିଲେ, ସପ୍ତାହରେ ୨ଥର ଏହି ପେସ୍ତାବାଦାମ ପ୍ୟାକ୍ ଲଗାଇବା ଭଲୟକେଶକୁ କଣ୍ଡିସନିଂ କରିବା ପାଇଁ ପେସ୍ତାବାଦାମ ପ୍ୟାକ୍ ସପ୍ତାହରେ ୨-୩ଥର ଶାମ୍ପୁ ପରେ ଲଗାଇଲେ କେଶକୁ ଉତ୍ତମ ଖୋରାକ୍ ମିଳୁଥିବାର ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ।

ପେସ୍ତାବାଦାମ ପ୍ୟାକ୍ କେଶକୁ ମଏଶ୍ଚରାଇଜ୍ କରିବା ସହ ରୁପି ସମସ୍ୟା ଦୂର କରିଥାଏ।

# ଅଦ୍ଭୁତ ଥିଲା କୃଷ୍ଣଙ୍କର ବାଲ୍ୟଜୀବନ



ବାସ୍ତୁର ଏହି ନିୟମ କୃଷ୍ଣଙ୍କ ବାଲ୍ୟକାଳ ଅନେକ ଲୀଳା ବିଷୟରେ ଶୁଣିବାକୁ ଓ ପଢ଼ିବାକୁ ମିଳିଥାଏ। ଯାହାକୁ ପଢ଼ି କିମ୍ବା ଶୁଣି କେହି ବି ଭାବବିଭୋର ହୋଇଯିବେ। ଏହା ତାଙ୍କର ଯାଦୁ ହିଁ ଥିଲା। ତାଙ୍କର ଦୁଷ୍ଟାମୀକୁ ଦେଖିବା ଏବଂ ପୁଣି ତାଙ୍କୁ କ୍ଷମା କରିବାକୁ ଲୋକ ବ୍ୟାକୁଳ ରହୁଥିଲେ। ଯଦି ଆପଣ କୃଷ୍ଣଙ୍କ ବାଲ୍ୟଭୂମି ଗୋକୁଳ ନଗରୀ ବିଷୟରେ ଜାଣିବାକୁ ଚାହାନ୍ତି, ତେବେ ଆପଣଙ୍କୁ ନିଜ ଭିତରେ ଏକ ସ୍ୱତନ୍ତ୍ର ସ୍ଥିତି ସୃଷ୍ଟି କରିବାକୁ ହେବ। ଅଦ୍ଭୁତ ଥିଲା କୃଷ୍ଣଙ୍କର ବାଲ୍ୟଜୀବନ- ତାଙ୍କର ମନମୋହକ ଚେହେରା, ଅନୁପମ ହସ, ବଂଶୀ ଓ ତାଙ୍କ ନୃତ୍ୟ ଏପରି ଥିଲା ଲୋକମାନେ ଆନନ୍ଦରେ ବୁଡିଯାଉଥିଲେ। ଏହା ଏପରି ଆନନ୍ଦ ଥିଲା, ଯାହାକୁ ସେମାନେ ପୂର୍ବରୁ କେବେ ଜାଣିନଥିଲେ। ସେ ସମ୍ପର୍କକୁ ଏତେ ନିବିଡ କରିଦେଉଥିଲେ ଯେ, ଲୋକ ତାଙ୍କପାଇଁ ପାଗଳ ହେଇଯାଉଥିଲେ। କୃଷ୍ଣଙ୍କ ବାଲ୍ୟକାଳ ଅନେକ କିଛି କୁହାଯାଇଛି ଏବଂ ଲେଖାଯାଇଛି। ତାଙ୍କ ଉପରେ ଅସଂଖ୍ୟ ଗୀତ ମଧ୍ୟ ଲେଖାଯାଇଛି। ଏହି କଥା ପାଖାପାଖି ୩୫୦୦ ବର୍ଷ ପୁରୁଣା, ଯାହା ଏପରି ଲାଗୁଛି ଯେମିତି ଏହା କାଲିର ଘଟଣା। ଗାଈ ଚରାଇବା ଏବଂ ଉପରେ ଶିକା ମାଠିଆ ତାଙ୍କ ବାଲ୍ୟକାଳ ସହ ଯୋଡ଼ିହୋଇରହିଛି। ଏହା ସବୁ ଗ୍ରାମୀଣ ସଂସ୍କୃତିରେ ମହତ୍ୱପୂର୍ଣ୍ଣ ଅଂଶ ରହିଛି। ଆଜି ମଧ୍ୟ ଭାରତର ଗ୍ରାମୀଣ ଗାଁଗୁଡ଼ିକରେ ଦହି ଓ ଲହୁଣି ଉଚ୍ଚ ଶିକାରେ ମାଠିଆରେ ରଖାଯାଇଥାଏ। ଯାହାକି ପଶୁ ଓ ପିଲାଙ୍କ ଠାରୁ ଦୂରେଇ ରଖାଯାଇଥାଏ। କିନ୍ତୁ କୃଷ୍ଣ ବଡ଼ ଖୁସିରେ କହୁଥିଲେ ମୁଁ ଲବଣୀ ଚୋରି କରିଛି। ଯଦି ମୁଁ ଲବଣୀ ଚୋରି ନ କରିବି, ତେବେ ଗାଁ ଲୋକଙ୍କୁ ଆନନ୍ଦ ଆସିବ ନାହିଁ। କୃଷ୍ଣ ଏବଂ ତାଙ୍କ ମିତ୍ର ଲୋକଙ୍କ ଛପର ଖୋଲି ଘରେ ପଶିଯାଉଥିଲେ। ମାଠିଆ ଉଚ୍ଚରେ ଟଙ୍ଗା ଯାଇଥିବା କାରଣରୁ ଜଣେ ଆରଜଣଙ୍କ କାନ୍ଧରେ ଚଢ଼ି ଲବଣି ଚୋରି କରୁଥିଲେ। ଯଦି ମାଠିଆ ବହୁ ଉଚ୍ଚରେ ରହୁଥିଲ. ତେବେ ସେମାନେ ପଥର ମାରି କଣା କରିଦେଉଥିଲେ। ଏହାଦ୍ୱାରା ଦହି କିମ୍ବା ଲବଣି ବୋହୁଥିଲା ଏବଂ ସେମାନେ ତଳେ ପାଟିଖୋଲି ଠିଆହେଇଯାଉଥିଲେ। ବେଳେବେଳେ ମାଠିଆ ପୂରା ଭାଙ୍ଗିଯାଉଥିଲା ଏବଂ ଭୂମିରୁ ଉଠାଇ ସେମାନେ ଖାଇବା ଆରମ୍ଭ କରିଦେଉଥିଲେ। ସେମାନେ ଏହି ଦହି ଓ ଲବଣିକୁ ସମସ୍ତଙ୍କ ମଧ୍ୟରେ ବାଣ୍ଟି ନେଉଥିଲେ। ଏହି କଥାକୁ ନେଇ କିଛି ମହିଳା ଅସନ୍ତୁଷ୍ଟ ଥିଲେ ତ ଆଉ କିଛି କ୍ରୋଧିତ ହୋଇଯାଉଥିଲେ। କାରଣ ଲବଣି ତାଙ୍କର ଜୀବିକା ଥିଲା। ସେମାନେ ଲଗାତାର କୃଷ୍ଣଙ୍କ ମାତାଙ୍କୁ ଅଭିଯୋଗ କରୁଥିଲେ। କୃଷ୍ଣଙ୍କ ମାତାଙ୍କୁ ଅଭିଯୋଗ କରିବା ପାଇଁ ପହଞ୍ଚିବା ସମୟରେ ସେ ନିଜ ମାତାଙ୍କ ପଛରେ ଲୁଚିଯାଉଥିଲେ। ଗୋପୀମାନଙ୍କୁ ନିରୀହ ନଜରରେ ଚାହୁଁଥିଲେ। ଯାହାଫଳରେ ସମସ୍ତ ଗୋପୀ ହସିଦେଉଥିଲେ।

# ଦଶ ଦିଗପାଳ

ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ମୋଟ୍ ଦଶଟି ଦିଗ ରହିଛି । ସେଗୁଡ଼ିକ ହେଲେ- ଉର୍ଦ୍ଧ୍ୱ, ଈଶାନ, ପୂର୍ବ, ଆଗ୍ନେୟ, ଦକ୍ଷିଣ, ନୈରତ୍ୱ, ପଶ୍ଚିମ, ବାୟବ୍ୟ, ଉତ୍ତର ଏବଂ ଅଧୋ । ଆଉ ଏକ 'ମଧ୍ୟ' ଦିଗ ସମ୍ବନ୍ଧରେ ମଧ୍ୟ କେତେକ ପୁରାଣରେ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଥାଏ । ହିନ୍ଦୁ ଶାସ୍ତ୍ର କୁହେ, ପ୍ରତ୍ୟେକ ଦିଗରେ ଜଣେ ଲେଖାଏଁ ଦେବତାଙ୍କୁ ନିଯୁକ୍ତ କରାଯାଇଛି । ଏହି ଦେବତାଙ୍କୁ 'ଦିଗପାଳ' କୁହାଯାଏ । ଯାହାର ଅର୍ଥ ଦିଗପାଳ । ଏମାନେ ଦିଗର ରକ୍ଷା କରିଥାନ୍ତି ।

ଦଶ ଦିଗରେ ଦଶ ଦିଗପାଳ ହେଲେ- ଉର୍ଦ୍ଧ୍ୱ ଦିଗରେ ବ୍ରହ୍ମା, ଈଶାନ୍ ଦିଗରେ ଶିବ ବା ଈଶ, ପୂର୍ବ ଦିଗରେ ଇନ୍ଦ୍ର, ଆଗ୍ନେୟ ଦିଗରେ ଅଗ୍ନି କିମ୍ବା ବ୍ରାହ୍ମି, ଦକ୍ଷିଣ ଦିଗରେ ଯମ, ନୈରତ୍ୱ ଦିଗରେ ନରତି, ପଶ୍ଚିମ ଦିଗରେ ବରୁଣ, ବାୟବ୍ୟ ଦିଗରେ ବାୟୁ ବା ମାରୁତ, ଉତ୍ତର ଦିଗରେ କୁବେର ଏବଂ ଅଧୋ ବା ନିମ୍ନ ଦିଗରେ ଅନନ୍ତ ଦିଗପାଳ ରୂପରେ ବିରାଜମାନ କରିଛନ୍ତି ।

ବରାହ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ଦିଗପାଳଙ୍କ ଉତ୍ପତ୍ତି କଥା ଏହି ପ୍ରକାରେ- ଥରେ ସୃଷ୍ଟିକର୍ତ୍ତା ବ୍ରହ୍ମା ସୃଷ୍ଟି ରଚନା ନିମନ୍ତେ ଚିନ୍ତାମଗ୍ନ ଥିଲେ । ଏହି ସମୟରେ ତାଙ୍କ କାନରୁ ୧୦ କନ୍ୟା ଉତ୍ପନ୍ନ ହେଲେ । ଏମାନଙ୍କ ମଧ୍ୟରୁ ମୁଖ୍ୟ ୬ଜଣ ଏବଂ ୪ ଜଣ ଗୌଣ ଥିଲେ । ଏହି ଦଶ କନ୍ୟା ହେଲେ ପୂର୍ବା (ଯେକି' ପୂର୍ବ ଦିଗ ନାମରେ ପରିଚିତ ହେଲେ), ଆଗ୍ନେୟୀ(ଯେକି' ଆଗ୍ନେୟ ଦିଗ ରୂପେ ପରିଚିତ ହେଲେ), ଦକ୍ଷିଣା (ଯେକି' ଦକ୍ଷିଣ ଦିଗ ବୋଲାଇଲେ), ନୈରତୀ (ଯେକି' ନୈରତ ଦିଗ ବୋଲାଇଲେ), ପଶ୍ଚିମା (ପଶ୍ଚିମ ଦିଗ ନାମରେ ପରିଚିତ ହେଲେ), ବାୟବୀ (ବାୟବ୍ୟ ଦିଗ ହେଲେ), ଉତ୍ତର (ଉତ୍ତର ଦିଗ ହେଲେ), ଏଶାନୀ (ଈଶାନ ଦିଗ ନାମରେ ପରିଚିତ ହେଲେ), ଉର୍ଦ୍ଧ୍ୱା (ଉର୍ଦ୍ଧ୍ୱ ଦିଗ ନାମରେ ପରିଚିତ ହେଲେ), ଅଦ୍ଧସ୍(ଅଧୋ ବା ନିମ୍ନ ଦିଗ ନାମରେ ପରିଚିତ ହେଲେ) ।

ଏହି କନ୍ୟାମାନେ ବ୍ରହ୍ମାଙ୍କୁ ପ୍ରଣାମ କରି ତାଙ୍କୁ ରହିବା ଲାଗି ଉପଯୁକ୍ତ ସ୍ଥାନ ଏବଂ ଉପଯୁକ୍ତ ପତି ଦେବା ଲାଗି ଅନୁରୋଧ କଲେ । ଏହାଶୁଣି ବ୍ରହ୍ମା କହିଲେ, ତୁମେମାନେ ଯେଉଁ ଦିଗକୁ ଯିବାକୁ ଚାହୁଁଛ ଯାଅ । ମୁଁ ତୁମକୁ ସେହି ଅନୁରୂପ ପତି ଦେବି । ଏହାପରେ ସେହି କନ୍ୟାମାନେ ଭିନ୍ନ ଭିନ୍ନ ଦିଗକୁ ଗତି କଲେ । ସେହି ଅନୁଯାୟୀ, ବ୍ରହ୍ମା ଦିଗପାଳମାନଙ୍କୁ ସୃଷ୍ଟି କଲେ । ସେମାନଙ୍କୁ ଗୋଟିଏ ଗୋଟିଏ କନ୍ୟା ପ୍ରଦାନ କଲେ । ଏହାପରେ ଦିଗପାଳମାନେ ନିଜ ନିଜ ଦିଗକୁ ଚାଲିଗଲେ ।

ଲୋକପାଳ ଏବଂ ଦିଗପାଳ
ପୂର୍ବରେ ଇନ୍ଦ୍ର
ଦକ୍ଷିଣ-ପୂର୍ବ(ଆଗ୍ନେୟ)ରେ ଅଗ୍ନି
ଦକ୍ଷିଣରେ ଯମ
ଦକ୍ଷିଣ ପଶ୍ଚିମ(ନୈରତ୍ୱ)ରେ ସୂର୍ଯ୍ୟ
ପଶ୍ଚିମରେ ବରୁଣ
ପଶ୍ଚିମୋତ୍ତର (ବାୟବ୍ୟ)ରେ ବାୟୁ
ଉତ୍ତରରେ କୁବେର
ଉତ୍ତର-ପୂର୍ବ(ଈଶାନ୍)ରେ ସୋମ ବା ଈଶ ରହିଲେ ।
ଉର୍ଦ୍ଧ୍ୱ ଦିଗରେ ସ୍ୱୟଂ ବ୍ରହ୍ମା ରହିଲେ ଏବଂ ଅଧୋ ଦିଗ ଶେଷନାଗଙ୍କୁ ପ୍ରଦାନ କଲେ ।

ଜ୍ୟୋତିଷ ଏବଂ ବାସ୍ତୁ ଶାସ୍ତ୍ରରେ ଦିଗପାଳଙ୍କ ବିଶେଷ ମହତ୍ୱ ରହିଛି । ଦିଗ ଅନୁଯାୟୀ, ଦିଗପାଳଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ମନୁଷ୍ୟର କଲ୍ୟାଣ ହୋଇଥାଏ । ଦିଗପାଳଙ୍କୁ ସାକ୍ଷୀ ରଖି କେତେକ ଧାର୍ମିକ ପରମ୍ପରା ସମ୍ପନ୍ନ କରାଯାଉଥିବା ମଧ୍ୟ ଦେଖିବାକୁ ମିଳିଥାଏ ।

# ବଳଭଦ୍ର ତତ୍ତ୍ୱ ଓ ସଂସ୍କୃତିର ଚିରନ୍ତନତା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୨୪।୮ (ମହାଭାରତ):** କୃଷି ପ୍ରଯୁକ୍ତିର ଆଦ୍ୟ ଉଦ୍ୟକ୍ତା ତଥା ଏହି ସଂସ୍କୃତିର ଦେବତା ବଳଦେବଙ୍କ ଚିରନ୍ତନତା ରହିଛି ଓ ରହିବ। କୃଷିକର୍ମ ବିନା ଖାଦ୍ୟାନ୍ନ ଉତ୍ପାଦନ ଅସମ୍ଭବ ଓ ଖାଦ୍ୟ ବିନା ପ୍ରାଣୀ ଜଗତର ପରିପୋଷଣୀୟତା ଅକଳ୍ପନୀୟ। ଭୂତ ଜଗତ ଅନ୍ନରୁ ସୃଷ୍ଟି। ଏଣୁ ବଳଭଦ୍ର ହେଉଛନ୍ତି ବିଶ୍ୱ ଦେବତା ଓ ପ୍ରାଣୀ ଜଗତର ତତ୍ତ୍ୱାବଧାରକ। ଭୁବନେଶ୍ୱର ବୁଦ୍ଧ ମନ୍ଦିର ପରିସରରେ ନିଖିଳ ଉତ୍କଳ ପାଟରା ସମିତି ପକ୍ଷରୁ ଆୟୋଜିତ ଗହ୍ମା ପର୍ବ ଅବସରରେ ବକ୍ତାମାନେ ପାଟରାକୂଳର ଇଷ୍ଟ ଦେବତା ବାସ୍ତବରେ ବିଶ୍ୱର ଦେବତା ବୋଲି ମତ ପ୍ରଦାନ କରିଛନ୍ତି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟର ଖାଦ୍ୟ ଓ ସାଧାରଣ ବଣ୍ଟନ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜାତିର ସଂସ୍କାର ସହିତ ଧର୍ମ ଓ ରାଷ୍ଟ୍ରର ସୁରକ୍ଷାରେ ସମସ୍ତେ ବ୍ରତୀ ହେବା ଉଚିତ ବୋଲି ମତ ପ୍ରଦାନ କରିଥିଲେ।

ରାଷ୍ଟ୍ର ଓ ଧର୍ମକୁ ଭଲ ପାଇଲେ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ସୁରକ୍ଷା ହୋଇପାରିବ। ଭାରତର ବିଭିନ୍ନ ଜାତି ମଧ୍ୟରେ ସଂପର୍କ ଓ ସଦଭାବ ରହିବା ଜରୁରୀ। ତଥାପି ଭିନ୍ନ ଭିନ୍ନ ଜାତି ସେମାନଙ୍କର କୁଳ ଚଳଣି ଓ ପରମ୍ପରା ବଜାୟ ରଖିବା ଦରକାର। ତଦ୍ୱାରା ଭାରତର ବିବିଧତା ବଜାୟ ରହିବ। ଏହି ବିବିଧ ସଂସ୍କୃତି ରାଷ୍ଟ୍ର ଓ ଧର୍ମ ପ୍ରତି ଅଙ୍ଗୀକାରବଦ୍ଧତା ଜରିଆରେ ଏକତା ରଜ୍ଜୁରେ ଗୁନ୍ଥି ହୋଇ ଭାରତାମାଳାରେ ପରିଣତ ହେବ ବୋଲି ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମତବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ ପ୍ରାଚୀନ ଓଡ଼ିଶାରୁ ଆରମ୍ଭ କରି ଆଧୁନିକ ଓଡ଼ିଶା ଗଠନରେ ପାଟରା ଜାତିର ଉଲ୍ଲେଖନୀୟ ଅବଦାନ ରହିଛି। ପାଟରା ଜାତିର ବିକାଶ ଓ ସଶକ୍ତିକରଣ ଦିଗରେ ସେ ଉଦ୍ୟମ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ରାଜଧାନୀରେ ଏକ ପାଟରା ନିବାସ ପ୍ରତିଷ୍ଠା କରିବାରେ ସେ ସହଯୋଗ କରିବେ ବୋଲି ଘୋଷଣା କରିବାବେଳେ ବୁଦ୍ଧ ମନ୍ଦିର ସଭାଗୃହ କରତାଳିରେ ପ୍ରକମ୍ପିତ ହୋଇଉଠିଥିଲା। ପୂର୍ବତନ ବିରୋଧୀ ଦଳ ନେତା ସଚ୍ଚିଦାନନ୍ଦ ଦଲାଲ ଓ ଯୁବ ନେତା ଆଶିଷ ସାହୁ ମଧ୍ୟ ପର୍ବରେ ଉପସ୍ଥିତ ରହି ପାଟରା ପ୍ରତିନିଧିମାନଙ୍କୁ ସମ୍ବୋଧିତ କରିଥିଲେ। ଜାତିର ବିକାଶ ପାଇଁ ଯୋଜନାବଦ୍ଧ ଭାବରେ କାର୍ଯ୍ୟ କରିବାକୁ ସେମାନେ ପରାମର୍ଶ ଦେଇଥିଲେ।



ଏହି ପର୍ବରେ ପୌରୋହିତ୍ୟ କରିଥିଲେ ନିଖିଳ ଉତ୍କଳ ପାଟରା ସମିତିର ସଭାପତି ଡାକ୍ତର ରୁଦ୍ର ନାରାୟଣ ପୃଷ୍ଟି। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସଂପାଦକ ସଂଜୟ ପାତ୍ର, ଉପସଭାପତି ରବି ନାରାୟଣ ସେନାପତି, ମନୋଜ ସାହୁ, ଆଲୋକ ସାହୁ, ଦିବାକର ପାତ୍ର, ମୁନୀବ ଶ୍ୟାମସୁନ୍ଦର ଚୌଧୁରୀ, ଅଜୟ ଚୌଧୁରୀ, ଉପଦେଷ୍ଟା ଦୀନବନ୍ଧୁ ସାହୁ, ପର୍ବର ସଂଯୋଜକ ଦେବେନ୍ଦ୍ର ପୃଷ୍ଟି, ଆୟୋଜକ ଆନନ୍ଦ ସାହୁ ଓ ଗୋଲକ ସାହୁ ପ୍ରମୁଖ ପାଟରା ଜାତିର ଇଷ୍ଟ ବଳଦେବଙ୍କ ମହିମା ତଥା ଜାତିର ସଂସ୍କାର ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜୟଦେବଙ୍କ ଗୀତଗୋବିନ୍ଦ ଅନୁସାରେ ବଳରାମ ହେଉଛନ୍ତି ଭଗବାନଙ୍କ ଦଶାବତାର ମଧ୍ୟରେ ଅଷ୍ଟମ ଅବତାରୟ ସେ ହେଉଛନ୍ତି ହଳଧର। ହଳ କୃଷି ସଂସ୍କୃତିର ପ୍ରତୀକ। ସେ ହେଉଛନ୍ତି ରୋହିଣୀ ପୁତ୍ର। ରୋହିଣୀ ହେଲେ ଗୋମାତାୟ ତେଣୁ କୃଷି ଗୋପାଳନ ଜରିଆରେ ବିଶ୍ୱର ଖାଦ୍ୟ ସଂକଟ ଦୂର କରିବା ସହିତ ପ୍ରାଣୀ ଜଗତର ଚିରନ୍ତନ ସୃଷ୍ଟିର ଧାରାକୁ ଅବ୍ୟାହତ ରଖାଯାଇ ପାରିବ। ବଳଦେବ ହେଉଛନ୍ତି ବଳବାନ ପୁଣି ଭଦ୍ରୟ ତାଙ୍କର ଅନୁଗାମୀମାନେ ଯେତେ ଶକ୍ତିଶାଳୀ ବା ବିତ୍ତଶାଳୀ ହେଲେ ବି ଭଦ୍ର ଆଚରଣ ପ୍ରଦର୍ଶନ କରିବା ଉଚିତ ବୋଲି ବକ୍ତାମାନେ ମତ ଦେଇଥିଲେ। ଓଡ଼ିଶାର ବାଣିଜ୍ୟ ସଂସ୍କୃତି, ବୌଦ୍ଧ ଧର୍ମ ପ୍ରବର୍ତ୍ତନ ଏବଂ ଦରିଆପାରି ନୌବାଣିଜ୍ୟ ସହିତ ପାଟରା ଜାତିର ରହିଥିବା ସଂପର୍କ ଉପରେ ଗବେଷଣା କରିବାକୁ ମଧ୍ୟ ବକ୍ତାମାନେ ପ୍ରସ୍ତାବ ରଖିଥିଲେ।

## ବୋର୍ଡ ଅଫିସ ଆଗରେ ଓଟିଇଟି ପରୀକ୍ଷାର୍ଥୀଙ୍କ ଧାରଣା

**କଟକ,୨୪।୮ (ମହାଭାରତ):** ବୋର୍ଡ ଅଫିସ ଆଗରେ ଧାରଣାରେ ବସିଲେ ଓଟିଇଟି ପରୀକ୍ଷାର୍ଥୀ। ଦାବି କଲେ ଗ୍ରେସ ମାର୍କ। ଚଳିତ ଓଟିଇଟି ପରୀକ୍ଷାରେ ଉପୁଜିଥିବା ସମସ୍ୟାକୁ ନେଇ ଆଜି କଟକ ବୋର୍ଡ ଅଫିସ ଆଗରେ ଓଟିଇଟି ପରୀକ୍ଷାର୍ଥୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ନାରାବାଜି କରିଛନ୍ତି ୟ ବିଭିନ୍ନ ଜିଲ୍ଲାରୁ ପରୀକ୍ଷାର୍ଥୀମାନେ ଆସି ବିକ୍ଷୋଭରେ ବସି ଗ୍ରେସ ମାର୍କ ଦାବି କରିଛନ୍ତି।

ତେବେ ଚଳିତ ବର୍ଷ ଅଗଷ୍ଟ ୧୭ ତାରିଖରେ ଆୟୋଜିତ ହୋଇଥିବା ଓଟିଇଟି ପରୀକ୍ଷା ଦିନ ପ୍ରବଳ ବର୍ଷା ଓ ଘଡଘଡି କାରଣରୁ ପରୀକ୍ଷା ଚାଲିଥିବା ବେଳେ ହଲରେ ଲାଇନ କଟିଯାଇଥିଲା। ଫଳରେ ଅନ୍ଧାରରେ ବସି ପରୀକ୍ଷା ଦେବାରେ ପିଲାଙ୍କୁ ସମସ୍ୟା ହୋଇଥିଲା। ଏନେଇ କର୍ତ୍ତୃପକ୍ଷ ମଧ୍ୟ କେଣସି ବ୍ୟବସ୍ଥା କରିନଥିବା କଥା ଅଭିଯୋଗ କରିଥିଲେ ପରୀକ୍ଷାର୍ଥୀ।ଏହାପରେ ବି ଏଭଳି ତ୍ରୁଟି ଯୋଗୁଁ ପରୀକ୍ଷାରେ ଅଧିକ ସମୟ ମଧ୍ୟ ନଦିଆଯାଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଆଜି ବୋର୍ଡ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ପରୀକ୍ଷାର୍ଥୀ।

ଖାଲି ସେତିକି ନୁହେଁ, ଏହା ସହିତ ପରୀକ୍ଷାର୍ଥୀ ଏହାବି କହିଛନ୍ତି ଯେ, ଏନସିଟିଇ ଗାଇଡଲାଇନ ଅନୁଯାୟୀ ବର୍ଷକୁ ଦୁଇଥର ଓଟିଇଟି ପରୀକ୍ଷା ହେବା କଥା ହେଲେ ଏବେ ୨ ବର୍ଷରେ ଥରେ ଏହି ପରୀକ୍ଷା ଆୟୋଜିତ କରାଯାଉଛି। ଯାହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଓଟିଇଟି ଆଶାୟୀ। ସେପଟେ ଏନେଇ ବୋର୍ଡର କିଛି ପ୍ରତିକ୍ରିୟା ମିଳିନାହିଁ।

## ଜନଜାତିଙ୍କ ସୁରକ୍ଷା ଓ ସଂସ୍କୃତିର ସଂରକ୍ଷଣ ଜରୁରୀ

**ଭୁବନେଶ୍ୱର,୨୪।୮ (ମହାଭାରତ):** ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଆରମ୍ଭ କରାଯାଇଥିବା ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମ୍-ଜନମନ) ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ସୂଚନା-ଶିକ୍ଷା-ପ୍ରସାର(ଆଇ.ଇ.ସି) ଅଭିଯାନ ଆଜିଠାରୁ ଆରମ୍ଭ ହୋଇଛି। ଏହି ଅଭିଯାନ ରାଜ୍ୟର ୧୪ ଟି ଜିଲ୍ଲାର ୧୬୭୯ ଟି ଗ୍ରାମରେ ବାସ କରୁଥିବା ୨,୯୪,୭୧୨ ଜଣ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ (ପିଭିଟିଜି) ଙ୍କ ନିକଟରେ ପହଞ୍ଚିବ।

ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ, ଯୋଜନା ଓ ପ୍ରକଳ୍ପ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହାର ଲକ୍ଷ୍ୟ। ଗତବର୍ଷ ଜନଜାତି ଗୌରବ ଦିବସ ଅବସରରେ ଝାଡଖଣ୍ଡ ରାଜ୍ୟର ଖୁଣ୍ଟି ଜିଲ୍ଲାରୁ ପ୍ରଧାନମନ୍ତ୍ରୀ ଏହାର ଶୁଭାରମ୍ଭ କରିଥିଲେ। ଦେଶର ୧୬ ଗୋଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୧୯୪ ଟି ଜିଲ୍ଲାରେ ବସବାସ କରୁଥିବା ୧୦.୭ ଲକ୍ଷ ପରିବାର ପାଖରେ ପହଞ୍ଚି ସେମାନଙ୍କୁ ବିଭିନ୍ନ ମୌଳିକ ସେବା ଏବଂ ସୁବିଧା ସୁଯୋଗ ଯୋଗାଇ ଦେବା ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା। ଏହି ଅଭିଯାନରେ ଗତବର୍ଷ ମଧ୍ୟ ଏକ ଆଇ.ଇ.ସି ଅଭିଯାନ ଜନିତ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା।

ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ, ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ସମସ୍ତଙ୍କୁ ଏହି ଅଭିଯାନରେ ସାମିଲ୍ ହେବା ପାଇଁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି, ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରୟାସରେ ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି କରାଯିବ। ବିଶେଷ ଭାବେ ଅନୁନ୍ନତ ଜନଜାତି ବା ପିଭିଟିଜିଙ୍କ ସୁରକ୍ଷା, ସେମାନଙ୍କ ସଂସ୍କୃତିର ସଂରକ୍ଷଣର ଆବଶ୍ୟକତା ରହିଛି। ସେଥିପାଇଁ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଆବଶ୍ୟକ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ବିକାଶ, ଆମ ରାଜ୍ୟ ସରକାରଙ୍କର ପ୍ରାୟତଃ ସମସ୍ତ ଯୋଜନାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେମାନଙ୍କୁ 'ବିକଶିତ ଓଡିଶା, ବିକଶିତ ଭାରତ'ର ସାରଥି କରିବା ଉଦ୍ଦେଶ୍ୟରେ ରାଜ୍ୟରେ ପିଏମ୍-ଜନମନ ଯୋଜାନର ପ୍ରଚାରପ୍ରସାର କରାଯାଉଛି। ଏହି ଅଭିଯାନରେ ଜନସାଧାରଣ, ବିଭିନ୍ନ ଅଧିକାରୀ, କର୍ମଚାରୀଙ୍କ ମିଳିତ ପ୍ରୟାସର ଆବଶ୍ୟକତା ରହିଛି।

ଏହି ଯୋଜନା ସମ୍ପର୍କରେ ସୂଚନା ଦେଇ ସେ ଏହା ମଧ୍ୟ କହିଛନ୍ତି ଯେ ଯୋଜନାରେ ୯ ଟି ପ୍ରମୁଖ ମନ୍ତ୍ରାଳୟ ତଥା ବିଭାଗର ୧୧ ଟି ପ୍ରମୁଖ କାର୍ଯ୍ୟକ୍ରମକୁ ସାମିଲ କରାଯାଇଛି। ଏତଦବ୍ୟତୀତ ଆଧାର ପଞ୍ଜିକରଣ, ଗୋଷ୍ଠୀ ପ୍ରମାଣପତ୍ର ପ୍ରଦାନ, ପିଏମ-ଜନଧନ ଯୋଜନା, ପିଏମ-ଗରିବ କଲ୍ୟାଣ ଯୋଜନା, ଆୟୁଷ୍ମାନ କାର୍ଡ, ପିଏମ-କିସାନ ସମ୍ମାନ ନିଧି, କିସାନ କ୍ରେଡିଟ୍ କାର୍ଡ, ଜଙ୍ଗଲ ଅଧିକାର ଆଇନ ଅନ୍ତର୍ଗତ ଥିବା ବ୍ୟକ୍ତିଗତ ଓ ଗୋଷ୍ଠୀଗତ ମାଲିକାନା ବାବଦରେ ସମାଧାନ ଭଳି ୧୦ ଟି ପ୍ରସଙ୍ଗର ସମାଧାନ କରାଯାଉଛି।

ଚଳିତ ବର୍ଷ ଅଭିଯାନରେ ବିଭିନ୍ନ ସ୍ତରରେ କର୍ମଚାରୀ, ପରାମର୍ଶଦାତା, ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଏକାଠି କରି ବିଭିନ୍ନ ବିଭାଗର ସମନ୍ୱୟରେ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଉଛି।

## ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ପାଇଁ ଜିଲ୍ଲାସ୍ତରୀୟ ବୈଠକ

**ଖୋର୍ଦ୍ଧା,୨୪।୮ (ମହାଭାରତ):** ଆଜି ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧକ୍ଷତା ରେ ଆଭାସି ମାଧ୍ୟମରେ ରାଜ୍ୟ ସରକାର ଙ୍କ ସୁଭଦ୍ରା ଯୋଜନା ଉପରେ ଏକ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଏହି ଯୋଜନାରେ ମହିଳା ମାନଙ୍କ ବୟସ ୨୧ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ଏବଂ ୬୦ ବର୍ଷ ରୁ କମ ହୋଇଥିବା ଦରକାର। ଏହି ଯୋଜନାରେ ଜଣେ ଯୋଗ୍ୟ ହିତାଧିକାରୀଙ୍କୁ ବର୍ଷ କୁ ୧୦,୦୦୦/- ଟଙ୍କା ଲେଖାଏଁ ୫ବର୍ଷ ରେ ୫୦,୦୦୦ /- ଟଙ୍କା ପ୍ରଦାନ କରାଯାଇପାରିବ। ଆର୍ଥିକ ସ୍ୱଚ୍ଛଳ ବର୍ଗର ମହିଳା କିମ୍ବା କୋଣସି ସରକାରୀ ଯୋଜନା ରେ ମାସିକ ୧୫୦୦ ଟଙ୍କା କିମ୍ବା ବାର୍ଷିକ ୧୮୦୦୦ ଟଙ୍କା ଲେଖାଏଁ ସହାୟତା ରାଶି ପାଉଥିବା ମହିଳା ମାନେ ସୁଭଦ୍ରା ଯୋଜନା ରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।




ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ମହିଳା ମାନେ ଅଙ୍ଗନବାଡି କେନ୍ଦ୍ର/ବ୍ଲକ୍ କାର୍ଯ୍ୟାଳୟ/ ଜନ ସେବାକେନ୍ଦ୍ର/ ମୋ ସେବାକେନ୍ଦ୍ର ଇତ୍ୟାଦି ରେ ମାଗଣା ରେ ଉପଲବ୍ଧ ଫର୍ମ ପୂରଣ କରି ଆବେଦନ କରିପାରିବେ ୟ ଏଥି ସହ ଆଧାର କାର୍ଡ ଏବଂ ମୋବାଇଲ ନମ୍ବର ( ଆଧାର ରେ ଲିଙ୍କ୍ ହୋଇଥିବା) ଦେଇ ଆବେଦନ କରିପାରିବେ।

ଏହି ବୈଠକ ରେ ଅତିରିକ୍ତ ଜିଲ୍ଲାପାଳ, ଭୂବନେଶ୍ୱର, ରୁଦ୍ରନାରାୟଣ ମହାନ୍ତି/ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରା, ଉପ-ଜିଲ୍ଲାପାଳ ଖୋର୍ଦ୍ଧା,ଦିପ୍ତି ରଞ୍ଜନ ସେଠି/ଜିଲ୍ଲା ର ସମସ୍ତ ବିଡିଓ/ ସମସ୍ତ ବିଭାଗୀୟ ଅଧିକାରୀ/ଡି ଆଇ ପି ଆର ଓ/ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରମୁଖ ଯୋଡ଼ି ହୋଇଥିଲେ।

## ସୁଭଦ୍ରା ଯୋଜନାରେ ଓଡ଼ିଶାର ମହିଳାଙ୍କୁ ପ୍ରତାରିତ କରିଛନ୍ତି ସରକାର: କଂଗ୍ରେସ

**ଭୁବନେଶ୍ୱର,୨୪।୮ (ମହାଭାରତ):** ନିର୍ବାଚନ ପୂର୍ବରୁ ରାଜ୍ୟ ରାଜନୀତିର କେନ୍ଦ୍ରବିନ୍ଦୁ ପାଲଟିଥିବା ସୁଭଦ୍ରା ଯୋଜନା ପ୍ରସଙ୍ଗରେ ବିଜେପି ସରକାରର ଲୁଚିକିଥିବା ଅସଲ ଉଦ୍ଦେଶ୍ୟ ଆଜି ପଦାରେ ପଡ଼ିଛି। ଏ ସରକାର ଓଡ଼ିଶାର ସୁଭଦାର ସ୍ୱରୁପା ମା' ଭଉଣୀମାନଙ୍କୁ ସୁଭଦ୍ରା ଯୋଜନା ନାମରେ ଭଣ୍ଡାଇଛନ୍ତି, ମିଛ କହି ଭୋଟ ଲୁଟିଛନ୍ତି, ଠକିଛନ୍ତି ସେମାନଙ୍କୁ ପ୍ରତାରିତ କରିଛନ୍ତି, ସେମାନଙ୍କ ସହିତ ଛଳନା କରିଛନ୍ତି, ସେମାନଙ୍କୁ ଭକୁଆ ବନାଇଛନ୍ତି, ଧୋକା ଦେଇଛନ୍ତି, ଭୂଆଁ ବୁଲାଇଛନ୍ତି, ଉପେକ୍ଷା କରିଛନ୍ତି ଏବଂ ସରଳ ମା' ଭଉଣୀଙ୍କ ବିଶ୍ୱାସରେ ବିଷ ଦେଇଛନ୍ତି। କଂଗ୍ରେସର ବରିଷ୍ଠ ନେତ୍ରୀ ସୋନାଲି ସାହୁ କହିଥିଲେ ନିର୍ବାଚନ ପୂର୍ବରୁ ଭାରତୀୟ ଜନତା ପାର୍ଟି ସରକାରକୁ ଆସିଲେ ଓଡ଼ିଶାର ପ୍ରତ୍ୟେକ ମହିଳାଙ୍କୁ ୨ ମାସ ଭିତରେ ୫୦ ହଜାର ଟଙ୍କା ଦେବେ ବୋଲି। ସରକାରକୁ ଆସିଲାପରେ ଓଡ଼ିଶାର ମହିଳାମାନେ ସେମାନଙ୍କର ଅସଲ ଚେହେରା ଦେଖି ଚକିତ ଓ ବିସ୍ମିତ ହୋଇଛନ୍ତି। କ୍ୟାବିନେଟ ନିଷ୍ପତି ଅନୁଯାୟୀ ଏହି ଯୋଜନାରେ ଆଗାମୀ ୫ ବର୍ଷ ପାଇଁ ୫୫,୮୨୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି ଏବଂ ଏଥିରେ ଓଡ଼ିଶାରେ କୁଆଡ଼େ ୧କୋଟି ମହିଳା ଲାଭବାନ ହେବେ ବୋଲି ଲିଖିତ ଆକାରରେ ଦିଆଯାଇଛି ଯାହା ସରକାରଙ୍କର ଅପରିପକ୍ୱତା ଓ ଅପରିଣାମଦର୍ଶିତାକୁ ପଦାରେ ପକାଇଛି ବୋଲି ସେ କହିଛନ୍ତି। ଶ୍ରମତୀ ସାହୁ କହିଛନ୍ତି ଯେ, ଦିବ୍ୟାଙ୍ଗ ଓ ୬୦ ବର୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଏଥିରୁ ବାଦ ଦେବା ଓଡ଼ିଶାର ମହିଳାଙ୍କ ପ୍ରତି ସବୁଠୁ ବଡ଼ ପ୍ରତାରଣା ହୋଇଛି। ଯଦି ବିଜେପି ସରକାରରେ ୬୫ ବର୍ଷର ମହିଳା ଅର୍ଥମନ୍ତ୍ରୀ ହେବାପାଇଁ ଯୋଗ୍ୟା, ୭୫ ବର୍ଷର ବୃଦ୍ଧ ଯଶ୍ୱସୀ ପ୍ରଧାନମନ୍ତ୍ରୀ ହେବାପାଇଁ ଯୋଗ୍ୟ, ଅବସର ନେଲା ପରେ ମଧ୍ୟ କେନ୍ଦ୍ର ସରକାର ଅନେକ ବ୍ୟକ୍ତିଙ୍କୁ ପୁନଃ ଥଇଥାନ କରି ଆର୍ଥିକ ସହାୟତା ପ୍ରଦାନ କରିବା ଠିକ ତେବେ ଓଡ଼ିଶାର ଆର୍ଥିକ ସହାୟତା ପାଇବାକୁ ଯୋଗ୍ୟ ତେବେ ଓଡ଼ିଶାର ୬୦ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଶୁଭଦ୍ରା ଯୋଜନା ପାଇବାରୁ ଲାଭ ପାଇବା ପାଇଁ ଅଯୋଗ୍ୟ ହେଲେ କେମିତି ?

## ୭୫ କିମି ରେଳ ପ୍ରକଳ୍ପରେ ୭ ଟନେଲ କାର୍ଯ୍ୟ ତ୍ୱରାନ୍ୱିତ

**ଭୁବନେଶ୍ୱର,୨୪।୮ (ମହାଭାରତ):** ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ନିର୍ମାଣ କ୍ଷେତ୍ରରେ ପୂର୍ବତଟ ରେଳପଥ ବିଶେଷ କରି ଟନେଲ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନର ସମ୍ମୁଖୀନ ହେଉଥିଲେ ମଧ୍ୟ ଭାରତୀୟ ରେଳରେ ଏକ ପ୍ରମୁଖ ଭିତ୍ତିଭୂମି ନିର୍ମାଣ ପଦକ୍ଷେପ ନେଇ ଉଲ୍ଲେଖନୀୟ ବେଗରେ ଅଗ୍ରଗତି କରୁଛି । ଏହି ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଟନେଲଗୁଡିକ ରେଳପଥ ନିର୍ମାଣରେ ସାମ୍ନାକୁ ଆସିଥିବା କେତେକ ଜଟିଳ ଓ କଠିନ ଇଞ୍ଜିନିୟରିଂ ଆହ୍ୱାନକୁ ସାମ୍ନା କରି ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସମ୍ପାଦନ ପାଇଁ ଆଗକୁ ବଢି ଚାଲିଛି ।

ଭାରତୀୟ ରେଳବାଇର ଏକ ଗୁରୁତ୍ୱପୂର୍ଣ୍ଣ ଜନ-କେନ୍ଦ୍ରିକ ପଦକ୍ଷେପ ଭାବେ ଏହି ପ୍ରକଳ୍ପ ସମସ୍ତ ବାଧାବିଘ୍ନକୁ ସାମ୍ନା କରି ଆଗକୁ ବଢିଚାଲିଛି ଏବଂ ଦୁର୍ଗମ ଅଞ୍ଚଳରେ ଟନେଲ୍ ନିର୍ମାଣ ଦ୍ୱାରା ସୃଷ୍ଟି ହୋଇଥିବା ଆହ୍ୱାନ ସତ୍ତ୍ୱେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଗୁଡିକ ହାସଲ କରି ଚାଲିଛି । ସମୁଦାୟ ୩୦୧ କିଲୋମିଟର ଦୈର୍ଘ୍ୟ ଏହି ପ୍ରକଳ୍ପ ସୁଦୂର ଉପାନ୍ତ ଅଞ୍ଚଳରେ ସଂଯୋଗ ବୃଦ୍ଧି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଯଥାଶୀଘ୍ର କାର୍ଯ୍ୟ ଶେଷ କରିବାକୁ ରେଳ ମନ୍ତ୍ରଣାଳୟର ନିରନ୍ତର ଭାବେ ଏହି ନିର୍ମାଣ କାର୍ଯ୍ୟର ସମୀକ୍ଷା କରୁଅଛି ।

ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ମଧ୍ୟରେ ଦଶପଲ୍ଲା ଓ ପୁରୁଣାକଟକ ମଧ୍ୟରେ ଥିବା ଦୁର୍ଗମ ତଥା ଜଙ୍ଗଲଭୂମି ଦେଇ ଗତି କରୁଥିବାବେଳେ ଏହି ୭୫ କିଲୋମିଟର ଦୂରତା ମଧ୍ୟରେ ସାତୋଟି ଟନେଲ୍ (ସମୁଦାୟ ୧୨.୭୬କମ) ମାନଙ୍କର ନିର୍ମାଣ ଏହି ସମଗ୍ର ପ୍ରୟାସର ସବୁଠାରୁ ଜଟିଳ ଏବଂ ବୈଷୟିକ ଦୃଷ୍ଟିରୁ ଆବଶ୍ୟକୀୟ ଦିଗ ଭାବରେ ଉଭା ହୋଇଛି । ଏହି ଟନେଲଗୁଡ଼ିକ କେବଳ ପର୍ବତ ଦେଇ ଗମନାଗମନ ବିଷୟରେ ନୁହେଁ ବରଂ ପ୍ରକୃତି ଏବଂ ଭୌଗୋଳିକ ଦ୍ୱାରା ସୃଷ୍ଟି ହୋଇଥିବା ଅସାଧାରଣ ପ୍ରତିବନ୍ଧକକୁ ଦୂର କରିବାକୁ ପ୍ରତିନିଧିତ୍ୱ କରୁଛି। ୨୦ ଅଗଷ୍ଟ ୨୦୨୪ ରେ ୧.୭୯୫ କିମି ଦୈର୍ଘ୍ୟ ଟନେଲ୍ (ନମ୍ବର ୭) ର ବ୍ରେକଥ୍ରୁ କରାଯାଇଥିଲା ବେଳେ ଠିକ ଏହାର ପରଦିନ ଅର୍ଥାତ୍ ୨୧ ଅଗଷ୍ଟ ୨୦୨୪ ରେ ଟନେଲ୍ ନମ୍ବର -୧ ର ବ୍ରେକଥ୍ରୁ କରାଯାଇ ଆଉ ଏକ ସଫଳତା ହାସଲ କରାଯାଇଥିଲା।

ଏହି ପ୍ରକଳ୍ପ ମଧ୍ୟରେ ସମୁଦାୟ ସାତ ଗୋଟି ଟନେଲ ନିର୍ମାଣ ଚାଲିଛି ଏବଂ ସମସ୍ତ ଟନେଲ ଦଶପଲ୍ଲା ଓ ପୁରୁଣାକଟକ ଯାହାକି ଜଙ୍ଗଲ, ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ ଆଢେଣିଗଡ଼ ଓ ପୁରୁଣାକଟକ ମଧ୍ୟରେ ବୌଦ୍ଧ ଜିଲ୍ଲା ମଧ୍ୟରେ ଚାରୋଟି ଟନେଲ ଅନ୍ତର୍ଭୁକ୍ତ ଏବଂ ସେଥିମଧ୍ୟରୁ ପ୍ରମୁଖ ଦୀର୍ଘତମ ଟନେଲର ଦୈର୍ଘ୍ୟ ସୁରକ୍ଷା ପାଇଁ ୭୦୦ ମିଟର ଏସକେପ ଟନେଲ ସହିତ ୪.୧୮୫ କିଲୋମିଟର ଅଟେ ।

## ପ୍ରତି ପଞ୍ଚାୟତରେ ଖୋଲିବ ଚାଉଳ ଏଟିଏମ୍

**ଭୁବନେଶ୍ୱର,୨୪।୮ (ମହାଭାରତ):** ମଞ୍ଚେଶ୍ୱରରେ ସ୍ଥାପିତ ଚାଉଳ ଏଟିଏମ୍ (ଗ୍ରେନ୍ ଏଟିଏମ୍)କୁ ବହୁତ ପ୍ରଶଂସା ମିଳୁଛି। ଏହା ଦ୍ୱାରା ଓଜନରେ ହେଉଥିବା ଠକେଇକୁ ରୋକାଯିବା ସହ ଉପଭୋକ୍ତାମାନେ ଲାଭବାନ ହେବେ। ଆଗାମୀ ଦିନରେ ପ୍ରତି ଜିଲ୍ଲା ମୁଖ୍ୟାଳୟ, ବ୍ଲକ ଓ ପର୍ଯ୍ୟାୟ କ୍ରମେ ପ୍ରତି ପଞ୍ଚାୟତରେ ଗ୍ରେନ୍ ଏଟିଏମ୍ ଖୋଲାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବିଧାନସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଖର୍ଚ୍ଚ ଦାବି ଉପସ୍ଥାପନ କରି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ପୂର୍ବରୁ ଚାଉଳ ବଣ୍ଟନରେ ହଜାର ହଜାର କୋଟିର ଦୁର୍ନୀତି ହେଉଥିଲା। ଲୋକେ ମରିଯିବା ପରେ ବି ସେମାନଙ୍କ ରାସନ୍ କାର୍ଡରେ ଚାଉଳ ଉଠାଯାଉଥିଲା। ରାଜ୍ୟରେ ୧୬ ଲକ୍ଷରୁ ଅଧିକ ଭୂତ କାର୍ଡ ରହିଛି। ସେଗୁଡିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ସ୍ଥାନରେ ନୂଆ। ଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ ଦେବାକୁ କୁହାଯାଇଛି । ସେହିପରି ୫୦ କେଜିର ଚାଉଳ ପ୍ୟାକେଟରେ ୪୨ରୁ ୪୩ କେଜି ଚାଉଳ ରହୁଥିବା ଯାଞ୍ଚ ବେଳେ ଜଣାପଡ଼ିଛି। ଯାହାକୁ ରୋକିବାକୁ କୁହାଯାଇଛି। ମଣ୍ଡିରେ ଧାନ କଟନି, ଛଟନି ରୋକିବାକୁ କଡ଼ା ପଦକ୍ଷେପ ନିଆଯାଇଛ। ଏହା ସହିତ ଯେଉଁ ଦିନ ଚାଷୀଙ୍କୁ ମେସେଜ୍ ଯାଇଥିବ, ସେହିଦିନ ନେବାକୁ ମିଲରମାନଙ୍କୁ କୁହାଯାଇଛି।

## 'ସାଂପ୍ରତିକ ସମାଜ ପାଇଁ ଶ୍ରୀ କୃଷ୍ଣଙ୍କ ବାର୍ତ୍ତା' ଆଲୋଚନାଚକ୍ର

**ଭୁବନେଶ୍ୱର,୨୪।୮ (ମହାଭାରତ):** ଶନିବାର ଦିନ ସୋମନାଥ ବାଲୁଙ୍କେଶ୍ୱର ଦେବ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ, କନ୍ତିଆ। ଓ ଆମରିସତ୍ୟ ବିକାଶ ପରିଷଦ ଜଟଣୀ ଆନୁକୁଲ୍ୟରେ ମହାବିଦ୍ୟାଳୟ ସଭାଗୃହରେ ଅଧକ୍ଷ ସତ୍ୟବ୍ରତ ମହାନ୍ତିଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନା ଚକ୍ରରେ ନିମନ୍ତ୍ରିତ ଅତିଥିମାନେ ସାଂପ୍ରତିକ ସମାଜ ପାଇଁ ଶ୍ରୀ କୃଷ୍ଣଙ୍କ ବାର୍ତ୍ତା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଦେବା ସହ ପ୍ରସଙ୍ଗ ଭିତ୍ତିକ ଆଲୋଚନା କରିଥିଲେ। ଅଧ୍ୟକ୍ଷା ଡ. ସୁକାନ୍ତି ମହାପାତ୍ର ଅତିଥି ପରିଚୟ ଦେବା ସହ ବିଷୟବସ୍ତୁର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ମୂଖ୍ୟ ବକ୍ତା ଶଢି ଦୁଲାଲ୍ ଗୌରହରି ଦାସ ଇନ୍ଦ୍ରିୟ ସଞ୍ଜମ, କାମନା ତ୍ୟାଗ ଦ୍ୱାରା କିପରି ଭଗବତ୍ ପ୍ରାପ୍ତି ହୁଏ, ସେ ବିଷୟରେ ଶ୍ରୀ ମଦ ଭଗବତ୍ ଗୀତାରୁ ଉଦ୍ଧାର କରି କହିଥିଲେ। ମୂଖ୍ୟ ଅତିଥି ପଣ୍ଡିତ ରମାକାନ୍ତ ମିଶ୍ର ଶ୍ରୀକୃଷ୍ଣଙ୍କ ତତ୍ତ୍ୱକୁ ଓଡ଼ିଆ। ସାହିତ୍ୟ ଓ ସଂସ୍କୃତସାହିତ୍ୟରୁ ଉଦାହରଣ ଦେଇ ବୁଝାଇଥିଲେ। ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ ସମାଜରୁ କାମ, କ୍ରୋଧ, ଲୋଭ କିପରି ଲୋପ ହେବ ଏବଂ ପରସ୍ପର କିପରି ସଂପର୍କ ସ୍ଥାପନ ହେବ । ସେ ବିଷୟକୁ ଗୀତା ଗ୍ରନ୍ଥରୁ ଉଦ୍ଧାର କରି କହିଥିଲେ। ପଣ୍ଡିତ କାଶୀନାଥ ଦାସ ଶ୍ରୀକୃଷ୍ଣ ଓ ଜଗନ୍ନାଥ ତତ୍ତ୍ୱକୁ ସୁନ୍ଦର ଉପସ୍ଥାପନା କରିଥିଲେ। ସମ୍ମାନୀତ ଅତିଥି ସୀତାକାନ୍ତ ଶତପଥି ଅଧୁନା ସମାଜର ଅଧୋଗତି ଓ ତାର ପ୍ରତିକାର ସମ୍ବନ୍ଧରେ ସମ୍ୟକ୍ ସୂଚନା ଦେଇ ଥିଲେ। ସମ୍ମାନୀତ ଅତିଥି ତ୍ରିଲୋଚନ ମହାପାତ୍ର ମହାଭାରତରେ ଶ୍ରୀ କୃଷ୍ଣଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ବର୍ଣ୍ଣନା କରିଥିଲେ।

## ଅନୁପ୍ରବେଶକାରୀଙ୍କୁ ତଡିବା ପାଇଁ ମହାଆନ୍ଦୋଳନ

**ଭୁବନେଶ୍ୱର,୨୪।୮ (ମହାଭାରତ):** ଓଡ଼ିଶା ସମେତ ଭାରତ ବିଭିନ୍ନ ପ୍ରଦେଶରେ ରୋହିଙ୍ଗିଆ ଓ ବାଲାଂଦେଶୀ ମୁସଲମାନମାନେ ବିଭିନ୍ନ ଆଳରେ ଆସି ବେଇଆଇନ୍ ଭାବେ ସ୍ଥାୟୀ ବସବାସ କରିବାରେ ଲାଗିଲେଣି । ଦିନରେ ସେମାନେ ଫେରିବାଲା ଓ ଅନ୍ୟାନ ବ୍ୟବସାୟୀ ତଥା କାରିଗର ଭାବେ କାର୍ଯ୍ୟ କରୁଥିବା ବେଳେ ରାତିରେ ସେମାନେ ଚୋରୀ, ତସ୍କରି, ଡକାୟତି ଭଳି ବହୁ ଜଘନ୍ୟ ଅପରାଧିକ କାର୍ଯ୍ୟରେ ସମ୍ପୃକ୍ତ ହେଉଛନ୍ତି । ଏମାନଙ୍କୁ ତୁରନ୍ତ ଚିହ୍ନଟ କରି ରାଜ୍ୟ ତଥା ଦେଶରୁ ବିତାଡିତ କରିବା ଲାଗି ଭାରତ ରକ୍ଷା ମଞ୍ଚ ଶୁକ୍ରବାର ଦିନ ଦାବି କରିଛି । ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଅବସରରେ ସ୍ଥାନୀୟ ଲୋୟର ପିଏମଜି ଠାରେ ଭାରତ ରକ୍ଷା ମଞ୍ଚର ରାଷ୍ଟ୍ରିୟ ମହାସଚିବ ଡାକ୍ତର ଅଶୋକ ଆଚାର୍ଯ୍ୟଙ୍କ ପୌରହିତରେ ଆୟୋଜିତ ଏକ ବିଶାଳ ଜନସମାବେଶକୁ ଉଦ୍‌ବୋଧନ ଦେଇ ଏହି ଅନୁଷ୍ଠାନର ଜାତୀୟ ତଥା ରାଜ୍ୟସ୍ତର ନେତାମାନେ କହିଥିଲେ ଯେ ରୋହିଙ୍ଗିଆ ଓ ବାଲାଂଦେଶୀ ମୁସଲମାନମାନେ ଭାରତରେ ଜନ ଅସ୍ଥିରତା ଭଳି ମନ୍ଦ ଉଦ୍ଦ୍ୟେଶ ରଖି ଅନୁପ୍ରବେଶ କରୁଛନ୍ତି । ଏହା ଅତ୍ୟନ୍ତଉଦ୍‌ବେଗର ବିଷୟ । ବକ୍ତାମାନେ କହିଥିଲେ ଯେ ଉପରୋକ୍ତ ଦୁଇବର୍ଗର ଅନୁପ୍ରବେଶକାରୀ ଚଞ୍ଚକତା ଉପାୟରେ କିଛି ନେତା, ସ୍ଥାନୀୟ ଟାଉଟର ଓ ଦଲାଲଙ୍କୁ ଲାଞ୍ଚ ଦେଇ ଭୋଟର କାର୍ଡ ଓ ଆଧାର କାର୍ଡ ହାସଲ କରୁଛନ୍ତି । ଏହାପରେ ସେମାନେ ଭାରତୀୟ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ରାସନ ସାମାଗ୍ରୀ, ଆବାସ ଗୃହ ଠାରୁ ଆରମ୍ଭ କରି ଅନ୍ୟାନ ସରକାରୀ ସୁବିଧା ହଡପ କରୁଛନ୍ତି । ତେଣୁ ଏମାନଙ୍କୁ ଅବିଳମ୍ବେ ଚିହ୍ନଟ କରି ସେମାନଙ୍କ ଦେଶକୁ ପଠାଇଦେବା ଲାଗି ସରକାରଙ୍କ ନିକଟରେ ଦୃଢ ଦାବି ରଖିଥିଲେ । ସମାବେଶରେ ଉଦ୍‌ବୋଧନ ଦେଇ ଭାରତ ରକ୍ଷା ମଞ୍ଚର ପ୍ରତିଷ୍ଠାତା ଓ ରାଷ୍ଟ୍ରିୟ ସଂଯୋଜକ ସୂର୍ଯ୍ୟକାନ୍ତ କେଲକର କହିଲେ ଯେ ଭାରତର କେରଳ ଓ ପଶ୍ଚିମବଙ୍ଗ ଭଳି କେତେକ ପ୍ରଦେଶରେ ବର୍ତମାନ



ହିନ୍ଦୁମାନେ ଅସୁରକ୍ଷିତ ହୋଇପଡିଛନ୍ତି । ହିନ୍ଦୁମାନଙ୍କ ଉପରେ ଆକ୍ରମଣ ହେଲେ ମଧ୍ୟ ରାଜନୈତିକ ଦୃଷ୍ଟି କିଛି ଦଳ ଆଦୌ ପାଟି ଖୋଲୁନାହାଁନ୍ତି ।

କିଛି ଆନ୍ତାର୍ଜାତୀୟ ଇସଲାମିକ୍ ମୌଳବାଦୀ ସଙ୍ଗଠନ ଭାରତରେ ମୁସଲମାନମାନଙ୍କ ଜନସଂଖ୍ୟା ବଢାଇବା ପାଇଁ ରୋହିଙ୍ଗିଆ ଓ ବାଲାଂଦେଶୀ ମୁସଲମାନମାନଙ୍କୁ ଏଠାକୁ ପଠାଉଛନ୍ତି । ପାକିସ୍ଥାନ ଓ ବାଲାଂଦେଶରେ ମୁସଲମାନମାନଙ୍କ ଦ୍ୱାରା ହିନ୍ଦୁମାନେ ନିର୍ଯ୍ୟାତିତ ହେଉଛନ୍ତି । ସେ ଦେଶର ସ୍ୱାଧୀନତା ସମୟରେ ସେଠାରେ ବସବାସ କରୁଥିବା ହିନ୍ଦୁମାନଙ୍କ ସଂଖ୍ୟାରେ ବ୍ୟାପକ ହ୍ରାସ ଘଟିବାରେ ଲାଗିଛି । ଏପରି ସମୟରେ ଭାରତରେ ଯଦି ହିନ୍ଦୁମାନେ ଜାଗ୍ରତ ନହେବେ, ତେବେ ୨୦୪୦ ବେଳକୁ ଏଠାରେ ମୁସଲମାନ ଶାସନ ପ୍ରତିଷ୍ଠା ନହେବ ବୋଲି କହିହେବ ନାହିଁ । ଭାରତକୁ ତୁରନ୍ତ ହିନ୍ଦୁ ରାଷ୍ଟ୍ରଭାବେ ଘୋଷଣା କରିବା ଆବଶ୍ୟକ ବୋଲି ଶ୍ରୀ କେଲେକର ମତବ୍ୟକ୍ତ କରିଥିଲେ । ଡାକ୍ତର ଅଶୋକ ଆଚାର୍ଯ୍ୟ କହିଥିଲେ ଯେ ଓଡ଼ିଶାର ରାଜଧାନୀରେ ବର୍ତ୍ତମାନ ୫୦ ହଜାରରୁ ୬୦ ହଜାର। ରୋହିଙ୍ଗିଆ ଓ ବାଲାଂଦେଶୀ ମୁସଲମାନ ରହୁଛନ୍ତି । ଏହାଛଡା ସାରା ରାଜ୍ୟରେ ଏହି ଦୁଇ ବର୍ଗର ପ୍ରାୟ ୪ରୁ ୫ ଲକ୍ଷ ଲୋକ ବସବାସ କରୁଛନ୍ତି । ଏମାନଙ୍କ ଚିହ୍ନଟ ଓ ଦେଶାନ୍ତର ପାଇଁ ତୁରନ୍ତ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ସେଲ୍ ଗଠନ କରନ୍ତୁ । ଏହାଛଡ଼ା ଡକ୍ଟର ଆଚାର୍ଯ୍ୟ ସ୍ୱାମୀ ଲକ୍ଷଣାନନ୍ଦଙ୍କ ହତ୍ୟାକାରୀ ତୁରନ୍ତ ଗିରଫ କରିବା ପାଇଁ ମଧ୍ୟ ଦାବି କରିଥିଲେ। ଆଜି ଠାରୁ ଜଗନ୍ନାଥଧାମ ଓଡ଼ିଶାରୁ ଭାରତରେ ବସବାସ କରୁଥିବା ଅନୁପ୍ରବେଶକାରୀମାନଙ୍କୁ ତଡିବା ଅଭିଯାନ ଆରମ୍ଭ କରାଗଲା ବୋଲି ଏହି ଅବସରରେ ଘୋଷଣା କରାଯାଇଥିଲା।

## ଅଜଣା ରୋଗ

ଅନ୍ୟ ରୋଗ ଭଳି କୋଭିଡ ମଧ୍ୟ ଏକ ରୋଗ ହୋଇ ରହିଲା। ଏହାର ପ୍ରତିଷେଧକ ଟିକା ବାହାରିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ବିକଶିତ ହୋଇନାହିଁ। ଏହା ଉପରେ ଆହୁରି ଗବେଷଣା ଚାଲିଛି। ଏହାକୁ ଆହୁରି ବିକଶିତ ଏବଂ ଶତ ପ୍ରତିଶତ ନିର୍ଭରଯୋଗ୍ୟ କରିବାକୁ ହୁଏତ ଆଉ କିଛି ବର୍ଷ ଲାଗିଯିବ। କିନ୍ତୁ ଉଦବେଗର ବିଷୟ ହେଲା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର କହିବା କଥା ହେଲା ଆଗାମୀ ଦିନରେ ଏଭଳି ଆହୁରି ଅନେକ ମହାମାରୀ ଆସିବ। ଅଜଣା ରୋଗରେ ଲକ୍ଷ ଲକ୍ଷ ବ୍ୟକ୍ତି ପ୍ରାଣ ହରାଇବେ। ଏବେ ଏଭଳି ଏକ ବିପଜ୍ଜନକ ସଙ୍କେତ ମିଳିଛି। ଏହି ରୋଗର ନାମ ହେଲା ମଙ୍କି ପକ୍ସ ବା ଏମପକ୍ସ। ୨୦୨୨ରେ ପ୍ରଥମେ ଏହି ରୋଗ ଆଫ୍ରିକାରେ ଚିହ୍ନଟ ହୋଇଥିଲା। ଏହା ପରେ ଏବେ ସୁଦ୍ଧା ୧୧୬ଟି ଦେଶରେ ଏହି ରୋଗୀ ଚିହ୍ନଟ ହୋଇଛନ୍ତି। ୯୯ ହଜାରରରୁ ଅଧିକ ଏହି ରୋଗରେ ଆକ୍ରାନ୍ତ ହେଲେଣି। ସେମାନଙ୍କ ମଧ୍ୟରୁ ୨୦୮ଜଣ ପ୍ରାଣ ହରାଇଛନ୍ତି। କରୋନା ଭଳି ଏହା ମଧ୍ୟ ଏକ ଭୂତାଣୁ ସଂକ୍ରମଣ ଜନିତ ରୋଗ। କିନ୍ତୁ କରୋନା ଭଳି ଏହାର ସଂକ୍ରମଣ କ୍ଷମତା ସେତେବ ଅଧିକ ନୁହେଁ। ମୃତ୍ୟୁ ହାର ମଧ୍ୟ କମ। କିନ୍ତୁ ଏହା କେତେବେଳେ ଅଧିକ ସଂକ୍ରମଣ ହେବ ତାହା କୁହାଯାଇପାରିବ ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ)ପକ୍ଷରୁ ଏଥିନେଇ ହେଲଥ ଇମର୍ଜେନ୍ସି ଜାରି କରାଯାଇଛି। ନିକଟରେ କିଛି ଦେଶରେ ଏହି ରୋଗୀ ଚିହ୍ନଟ ହୋଇଛନ୍ତି। ପାକିସ୍ତାନରେ ଜଣେ ଏମପକ୍ସ ରୋଗୀ ଚିହ୍ନଟ ହୋଇଛନ୍ତି ଯିଏ ସାଉଦୀ ଆରବରୁ ଆସିଛନ୍ତି। ପାକିସ୍ତାନରେ ଜଣେ ବିଦେଶ ଫେରନ୍ତା ଏମପକ୍ସ ଆକ୍ରାନ୍ତ ଚିହ୍ନଟ ହେବା ପରେ ଚୀନରେ ବିଭିନ୍ନ ବିମାନ ବନ୍ଦରରେ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ବାହାରୁ ଆସୁଥିବା ଯାତ୍ରୀଙ୍କ ଟେଷ୍ଟିଂ ବ୍ୟବସ୍ଥା କରାଯାଇଛି। ଭାରତ ସରକାର ମଧ୍ୟ ଏଥିଲାଗି ସତର୍କ ହୋଇଯାଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ ପି ନଡ୍ଡା ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତିର ସମୀକ୍ଷା କରିଛନ୍ତି। ଯଦିଓ ଭାରତରେ ଏମପକ୍ସ ଏ ପର୍ଯ୍ୟନ୍ତ ଚିହ୍ନଟ ହୋଇ ନାହାଁନ୍ତି, କିନ୍ତୁ ଭାରତ ସରକାର ଏ ଦିଗରେ ସତର୍କତା ଅବଲମ୍ବନରେ କୌଣସି ପ୍ରକାର ହେଳା କରିବାକୁ ଚାହୁଁ ନାହାଁନ୍ତି। ଭାରତ ସରକାର ଏମପକ୍ସର ସମ୍ଭାବ୍ୟ ସଂକ୍ରମଣକୁ ରୋକିବା ନିମନ୍ତେ ସର୍ଭେଲାନ୍ସକୁ ଅଧିକ ବ୍ୟାପକ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏବେ ଦେଶର ବିଭିନ୍ନ ସ୍ଥାନରେ ୩୨ଟି ଟେଷ୍ଟିଂ ଲ୍ୟାବ ରହିଛି ଯେଉଁଠି ଏମପକ୍ସ ଆକ୍ରାନ୍ତଙ୍କ ନମୂନା ପରୀକ୍ଷା କରାଯାଇପାରିବ। ଆବଶ୍ୟକ ପଡ଼ିଲେ ଏହାର ସଂଖ୍ୟା ବୃଦ୍ଧି କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଏହି ରୋଗକୁ ରୋକିବା ନିମନ୍ତେ ଜନସଚେତନତା ନିହାତି ଆବଶ୍ୟକ। ଏହାର ଲକ୍ଷଣ, ବିପଦ ମାତ୍ରା ଏବଂ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଜାଣିବା ଉଚିତ। ଏହା ଯେପରି ଅଧିକ ସଂକ୍ରମିତ ନହୁଏ ସେଥିଲାଗି କ’ଣ ପଦକ୍ଷେପ ନିଆଯାଇପାରିବ ସେ ସମ୍ପର୍କରେ ମଧ୍ୟ ସମସ୍ତେ ଭଲ ଭାବେ ଅବଗତ ହେବା ଉଚିତ। ବିଦେଶରୁ ଆସୁଥିବା ବ୍ୟକ୍ତିଙ୍କ ଉପରେ ନଜର ରଖିବା ନିମନ୍ତେ ବିଭିନ୍ନ ବିମାନ ବନ୍ଦରରେ କଡ଼ା ଯାଞ୍ଚ ବ୍ୟବସ୍ଥା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସମ୍ଭାବ୍ୟ ଏମପକ୍ସ ସଂକ୍ରମଣକୁ ନେଇ ଆତଙ୍କିତ ହେବାର ନାହିଁ, କିନ୍ତୁ ଏହାକୁ ହାଲୁକା ଭାବେ ମଧ୍ୟ ନିଆଯାଇପାରିବ ନାହିଁ। କିଏ ଜଣେ କାଲି ଏହା କୋଭିଡଠାରୁ ମଧ୍ୟ ଅଧିକ ଭୟଙ୍କର ରୂପ ନନେବ! କେବଳ ଏମପକ୍ସ ନୁହେଁ, ଆହୁରି ଅନେକ ନୂଆ ରୋଗ ଏବେ ବିଶ୍ୱର କୋଣ ଅନୁକୋଣରେ ଚିହ୍ନଟ ହେଉଛି। କିଏ ଜାଣେ ସେହିସବୁ ରୋଗ ମଧ୍ୟରୁ କେଉଁ ରୋଗ ମହାମାରୀ ରୂପ ନ ନନେବ ! ସୃଷ୍ଟି ଆରମ୍ଭରୁ ଏମିତି ଅନେକ ମହାମାରୀ ଆସିଲାଣି। ,ସବୁ ମହାମାରୀ ସହ ମଣିଷ ଲଢ଼େଇ କରି ବଂଚିଛି।

## କ୍ଷେପଣାସ୍ତ୍ରଧାରୀ ବେଲୁନ ପାଇଁ ଚିନ୍ତା

॥ ସୌମେନ୍ଦ୍ର ଜେନା ॥

“

*ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧ୍ୟକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା ।*

ଆମେରିକାର ପ୍ରତିରକ୍ଷା ବିଭାଗର ତଥ୍ୟ ସଂଗ୍ରହ କରୁଥିବା ଚୀନର ବିଶାଳକାୟ ବେଲୁନକୁ ଆମେରିକା ବାୟୁସେନା କ୍ଷେପଣାସ୍ତ୍ର ମାଡକରି ନଷ୍ଟ କରିଥିବା ଖବର ନିକଟରେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଉକ୍ତ ବେଲୁନଟି ଦୀର୍ଘ ସମୟ ଘରି ତଥ୍ୟ ଚୋରୀ କରିବାକୁ ଫଟୋ ଉଠାଉଥିବା କଥା କୁହାଯାଇଥିଲା । ଆମେରିକା ଏବଂ କାନାଡାରେ ଏମିତି ପ୍ରାୟ ତିନୋଟି ବେଲୁନ ସଂପ୍ରତି ଦେଖିବାକୁ ମିଳିଛି । ଚୀନ ସରକାର ଏହାକୁ ପାଣିପାଗ ପରୀକ୍ଷା ପାଇଁ ଛଡାଯାଇଥିବା କଥା କହୁଥିଲେ ହେଁ ଏହି ବେଲୁନର ସହାୟତାରେ ଆଗାମୀ ଦିନରେ କିପରି ମହାକାଶରୁ ବହୁ ଉଚ୍ଚରୁ ହାଇପରସୋନିକ କ୍ଷେପଣାସ୍ତ୍ର ମାଡ କରାଯାଇପାରିବ ସେହି ଲକ୍ଷ୍ୟରେ ଚୀନ ପରୀକ୍ଷା-ନିରୀକ୍ଷା ଚଳାଇଛି ।

ଚୀନ ସରକାରଙ୍କ ମାଲିକାନାରେ ଥିବା ସିସିଟିଭିରେ ୨୦୧୮ରେ ଏମିତି ଏକ ଭିଡିଓ ଛଡାଯାଇଥିଲା ଯେଉଁଥିରେ ବହୁ ଉଚ୍ଚକୁ ଖୋଲା ମଇଦାନରୁ ବେଲୁନଟିକୁ ଛଡାଯାଉଛି । ବେଲୁନଟି ସହ ତ୍ରିକୋଣ ବିଶିଷ୍ଟ କ୍ଷେପଣାସ୍ତ୍ର ସବୁ ଏକ ହାଇପରସୋନିକ ଗ୍ଲାଇଡ ଭେହିକିଲ୍‌ସରେ ଲାଗିଥିବା ଅବସ୍ଥାରେ ଉପରକୁ ଉଠୁଛନ୍ତି । ପରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ବେଲୁନ୍‌ଟି ଉଠିବା ପରେ ଗୋଟିଏ ପରେ କ୍ଷେପଣାସ୍ତ୍ରଗୁଡିକ ତଳମୁହାଁ ହୋଇ ଖସୁଛି ଗୋଟିଏ ଯାହାକୁ ସେତେବେଳେ ଚୀନ କର୍ତ୍ତୃପକ୍ଷ କ୍ଷେପଣାସ୍ତ୍ର ପରୀକ୍ଷାର ଆଖ୍ୟା ଦେଇଥିଲେ । ହଂକଂସ୍ଥିତ ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଜଣାଇଥିଲା ଯେ ବେଲୁନ ଆକାଶରୁ ତଳକୁ ପକାଇଥିବା ହାଇପରସୋନିକ୍ ଗ୍ଲାଇଡ ଭେହିକିଲଗୁଡିକ ହାଇପରସୋନିକ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଗତ, ଯାହାକି ଆଗାମୀ ଦିନରେ ଚୀନ ସେନାକୁ ଅଦମ୍ୟ ଆଣବିକ ଅସ୍ତ୍ରର କ୍ଷମତା ପ୍ରଦାନ କରିବ । ୨୧ ସେପ୍ଟେମ୍ବର ୨୦୧୮ରେ ‘ଦାଫେଙ୍ଗ୍ କାଓ’ ନାମଟ ଟ୍ୱିଟର ଆକାଉଣ୍ଟରୁ ଏ ସଂକ୍ରାନ୍ତରେ ଏକ ପୋଷ୍ଟ କରାଯାଇଥିଲା । ଯେଉଁଥିରେ କୁହାଯାଉଥିଲା ଯେ ବହୁ ଉଚ୍ଚରୁ ବେଲୁନ ସାହାଯ୍ୟରେ ତଳକୁ କ୍ଷେପଣାସ୍ତ୍ର ମାଡର ପରୀକ୍ଷା ସଫଳତାର ସହ ଶେଷ ହୋଇଛି । ଚୀନର ଉତ୍ତର ପଶ୍ଚିମରେ ଆକାଶରେ ଏହି ପରୀକ୍ଷା ହୋଇଥିଲା । ଦିନ ୧୨ଟା ୪୭ମିନିଟରେ ୨୫ସେକେଣ୍ଡର ଭିଡିଓଟିକୁ ଟ୍ୱିଟର ଆକାଉଣ୍ଟରେ ଅପ୍‌ଲୋଡ କରିବା ଦେଖାଯାଇଥିଲା ।

ଚୀନର ମଧମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ଡଙ୍ଗ୍‌ଫେଙ୍ଗ୍-୧୭ ଯାହା ୫-୧୦ ମାକ୍ ଗତିରେ ଯିବାର କ୍ଷମତା ରଖିଛି ଏବଂ ଯେଉଁଥିରେ ପାରମ୍ପାରିକ ଏବଂ ଆଣବିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ମଧ ରହିଛି , ତାହା ଏହି ବେଲୁନକୁ ମହାକାଶକୁ ନେଇଯାଇପାରିବ । ଡଙ୍ଗ୍‌ଫେଙ୍ଗ୍‌ର ଓଜନ ୧୫ଟନ ଥିଲାବେଳେ ମାରକ କ୍ଷମତା ୧୮୦୦ରୁ ୨୫୦୦କିମି ପର୍ଯ୍ୟନ୍ତ ରହିଥିବାର ଜଣାଯାଏ । ଭିଡିଓ ଦୃଶ୍ୟରେ ଆକାଶରୁ ତଳକୁ ବେଲୁନ ସାହାଯ୍ୟରେ କ୍ଷେପଣାସ୍ତ୍ରମାଡ କରାଯିବା ଦୃଶ୍ୟକୁ ସେ ସମୟରେ ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଗୁରୁତ୍ୱର ସହ ନେଇଥିଲେ । ଜୁଲାଇ ୨୦୨୧ରେ ଚୀନ ସେନା ପକ୍ଷରୁ ଅତି ଗୋପନୀୟ ଭାବେ ହୋଇଥିବା ଏହି ପରୀକ୍ଷା ସମୟକ୍ରମେ ଭାରତ, ତାଇୱାନ ଏବଂ ଜାପାନର ଆକାଶ ସୀମାରେ ମଧ ହୋଇଥିବା କଥା କୁହାଯାଉଛି । ସେହି ପରୀକ୍ଷା ବେଳେ ୨୪୮୦୦ ମାଇଲ (୩୯୯୧୧ କିମି) ଦୂରକୁ ମହାକାଶରେ ଅତିକ୍ରମ କରି ତାହା ବାୟୁମଣ୍ଡଳରେ ପ୍ରବେଶ କରି ମାଟି ଉପରେ ଥିବା ଟାର୍ଗେଟକୁ କ୍ଷେପଣାସ୍ତ୍ରମାଡ କରିବାକୁ ସକ୍ଷମ ହୋଇଥିଲା । ଏହି ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଗୋଇନ୍ଦା ବିଭାଗ (ଡିଆଇଓ)ର ରିପୋର୍ଟରେ ମଧ ପ୍ରକାଶ ପାଇଥିଲା । ସେଥିଲେ ଉଲ୍ଲେଖ କରାଯାଇଥିଲା ଯେ ପରୀକ୍ଷା ୧୦୦ ମିନିଟରୁ ଅଧିକ ସମୟ ପାଇଁ ହୋଇଥିଲା, ଯାହା ଚୀନ ଦ୍ୱାରା ପ୍ରସ୍ତୁତ କୌଣସି ସ୍ଥଳଭାଗ ଆକ୍ରମଣକାରୀ ଅସ୍ତ୍ର ବ୍ୟବସ୍ଥାଠାରୁ ସର୍ବାଧିକ ଦୂର ଅତିକ୍ରମ କରିବା ସହ ଟାର୍ଗେଟକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା । ଆମେରିକାକୁ ଟାର୍ଗେଟ କରି ଆକ୍ରମଣ ପାଇଁ ଚୀନ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସେହି ପରୀକ୍ଷା ଏକ ଅଂଶ ବିଶେଷ ବୋଲି ଆମେରିକା ସେନାର ଉପମୁଖ୍ୟ ଜେନେରାଲ ଜନ୍ ହାଇଟେନ୍ ସେତେବେଳେ ପ୍ରକାଶ କରିଥିଲେ । ପ୍ରଥମେ ଆଣବିକ ଆକ୍ରମଣ ପାଇଁ ଉକ୍ତ ଗୋପନୀୟ ପରୀକ୍ଷା ଉଦ୍ଦିଷ୍ଟ ଥିବା କଥା କୁହାଯାଇଥିଲା।

ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧ୍ୟକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା । ଇପୋକ୍ ଟାଇମ୍ସକୁ ନିଜର ପ୍ରତିକ୍ରିୟା ପ୍ରଦାନ କରି କ୍ରେସ୍‌ପୋ କହିଛନ୍ତି ଯେ, ଆମେରିକା ଉପରକୁ ଉଚ୍ଚାକାଶରେ ଉଡିବାକୁ ସକ୍ଷମ ଏହିପରି ଗୋଟିଏ କିମ୍ବା ଅଧିକ ବେଲୁନ ସହ ଛୋଟ ଆଣବିକ ଇଏମ୍‌ପି (ଇଲେକ୍ଟ୍ରୋ ମ୍ୟାଗନେଟିକ୍ ପଲ୍ସ ) ସାହାଯ୍ୟରେ ଆକ୍ରମଣ ହେବାର ଆଶଙ୍କା ରହିଛି । କେବଳ ଏତିକି ନୁହେଁ ଉଚ୍ଚାକାଶରୁ ସେମାନେ ବିନା ଗୁଳିରେ ଏହି ବେଲୁନ ସାହାଯ୍ୟରେ ଆମେରିକାର ଯୋଗାଯୋଗ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ବର୍ଷାଧିକ କାଳ ପାଇଁ ନଷ୍ଟ କରିଦେବାକୁ ସକ୍ଷମ ହେବା ସହ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିପାରିବେ। କାରଣ ଆମେରିକାର ବାଇଡେନ ପ୍ରଶାସନ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ସୁରକ୍ଷାଗତ ସଂକ୍ରାନ୍ତରେ ବିଶେଷ ସଚେତନ ନଥିବା ହେତୁ ଏପରି ଆକ୍ରମଣ ହେବା କିଛି ବଡ କଥା ନୁହେଁ ବୋଲି କୁହାଯାଉଛି । ମହାକାଶରୁ ସ୍ଥଳଭାଗ ଉପରେ ଆକ୍ରମଣ ସଂକ୍ରାନ୍ତରେ ଜୁଲାଇ ୨୦୨୦ରେ ଯୁକ୍ତରାଷ୍ଟ୍ର ଆମେରିକାର ଇଏମ୍‌ପି ଟାସ୍କଫୋର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ଥିବା ତତ୍‌କାଳୀନ ଅଧିକାରୀ ଡକ୍ଟର ପିଟର ଭିନସେଣ୍ଟ ପ୍ରି ତାଙ୍କର ଏକ ରିପୋର୍ଟରେ ଜାତୀୟ ଏବଂ ପ୍ରାଦେଶିକ ସୁରକ୍ଷା ବିଷୟରେ ଉଲ୍ଲେଖ କରି ପ୍ରକାଶ କରିଥିଲେ ଯେ ଚୀନରୁ ପ୍ରକାଶିତ ପ୍ରତିରକ୍ଷା ସଂକ୍ରାନ୍ତୀୟ ଅନେକ ଲେଖାରେ ଆମେରିକା ବିରୁଦ୍ଧରେ ଉଚ୍ଚାକାଶରୁ ବିସ୍ଫୋରଣ କରି ଗାମାରଶ୍ମିର ବିକିରଣ ଦ୍ୱାରା ସ୍ଥଳଭାଗରେ କାର୍ଯ୍ୟରତ ସଂଚାର ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ନଷ୍ଟ କରିବା ପାଇଁ ହେଉଥିବା ଆଲୋଚନା ନିଶ୍ଚିତ ରୂପେ ଆମେରିକା ବିରୁଦ୍ଧରେ ଯୁଦ୍ଧ ପ୍ରସ୍ତୁତି ବୋଲି ବୁଝିବାକୁ ହେବ । କାରଣ ଆମେରିକା ପ୍ରତିରକ୍ଷା ବିଭାଗର ବିଶେଷଜ୍ଞଙ୍କ କହିବାନୁସାରେ ଆମେରିକାର ପୂର୍ବ ଉପକୂଳରେ ଇଏମ୍‌ପି ଦ୍ୱାରା ଆକ୍ରମଣ ହେଲେ ଗୋଟିଏ ବର୍ଷ ଭିତରେ ୯୦ ପ୍ରତିଶତ ଜନସଂଖ୍ୟାକୁ ଧ୍ୱଂସ କରାଯାଇପାରିବ ଏବଂ ସେହି ଅଞ୍ଚଳରେ ବିଦ୍ୟୁତ ବ୍ୟବସ୍ଥାକୁ ଠିକ୍ କରିବାକୁ ୧୮ମାସ ସମୟ ଲାଗିବ । ଏହି ପରିସ୍ଥିତିରେ ୯୯ ଆଣବିକ ରିଆକଟର ଥଣ୍ଡା ହେବା ପାଇଁ ବିଦ୍ୟୁତ ନପାଇ ତରଳିଯିବେ । ଆଣବିକ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଅଞ୍ଚଳର ୪୧ଲକ୍ଷ ଲୋକଙ୍କୁ ବାସଚ୍ୟୁତ ହେବାକୁ ପଡିବ ।

ଦେଖିବାକୁ ଗଲେ କେବଳ ଚୀନ ଯେ ଉଚ୍ଚାକାଶ ବେଲୁନ ଆକ୍ରମଣ କଥା ଏକାକୀ ଚିନ୍ତା କରୁଛି ତା ନୁହେଁ । ଆମେରିକା ସମେତ ଅନେକ ରାଷ୍ଟ୍ର ଏ କ୍ଷେତ୍ରରେ ଗୋପନରେ ସେମାନଙ୍କ ଗବେଷଣା ଜାରି ରଖିଛନ୍ତି । ଉଚ୍ଚାକାଶର ୨୩୦୦୦ ଫୁଟରୁ ୬୬୦୦୦ ଫୁଟ ମଧ୍ୟରେ ସଂଖ୍ୟାଧିକ ଡ୍ରୋନ ସାହାଯ୍ୟରେ ମଧ ଶତ୍ରୁପକ୍ଷ ଉପରେ ଆକ୍ରମଣ ପାଇଁ ଯୋଜନା ହେଉଛି । ଶତ୍ରୁପକ୍ଷର ନିରୀକ୍ଷଣକାରୀ ଗୁଇନ୍ଦା ଉପକରଣ, ହାଇପରସୋନିକ ଅସ୍ତ୍ର ଉପରେ ନଜର ରଖିବାଲାଗି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ବିଭାଗ ଲକ୍ଷ ଲକ୍ଷ କୋଟି ଡଲାର ବେଲୁନ ପ୍ରସ୍ତୁତି ଏବଂ ଉଡାଣ ପାଇଁ ଖର୍ଚ୍ଚ କରୁଛି । ତେବେ ଚଳିତମାସ ୧୦ ଫେବୃଆରୀ ଦିନ ବାଇଡେନ ପ୍ରଶାସନ ପକ୍ଷରୁ ଚୀନର ଗୁଇନ୍ଦା ତଥ୍ୟ ସଂଗ୍ରହକାରୀ ବେଲୁନ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ ଚୀନ ଦ୍ୱାରା ଯେଉଁସବୁ ବେଲୁନଗୁଡିକୁ ୫ଟି ଉପମହାଦେଶର ୪୦ଟି ଦେଶ ଉପରେ ଉଡି ତଥ୍ୟ ସଂଗ୍ରହ ପାଇଁ ଛଡାଯାଇଥିଲା,ଏହି ବେଲୁନ ତନ୍ମଧ୍ୟରୁ ଗୋଟିଏ । ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ ଦ୍ୱାରା ପରିଚାଳିତ ଭର୍ଜିନିଆର କ୍ୟାଣ୍ଟିକୋ ପରୀକ୍ଷାଗାରରେ ଚୀନା ବେଲୁନର ପରୀକ୍ଷା କରାଯାଇଥିଲା । ଏହିପରି ଏକ ବେଲୁନ ଗତ ୩୧ ଡିସେମ୍ବର ୨୦୨୨ଦିନ ତାଇୱାନର ଚେଙ୍ଗଚେନ୍‌ଫେଙ୍ଗ୍ (ନାନ୍‌ଟୋଉ)ଠାରେ ଉଡୁଥିବା ଅବସ୍ଥାରେ ଗୁଳିକରି ଖସାଯାଇଥିଲା । ତେବେ ଏହି ବିଷୟକୁ ନେଇ ଆମେରିକାର ସଂସଦରେ ଏବେ ଢେର ତୁମ୍ଭିତୋଫାନ ହୋଇଛି । ଚୀନ ପକ୍ଷରୁ ଏହି ବେଲୁନ ଆକ୍ରମଣ ପାଇଁ ଜାପାନ ଓ ଭାରତ ଟାର୍ଗେଟରେ ଥିବାରୁ ଭାରତ ସରକାର ଏବେଠୁ ସତର୍କ ହେବା ଜରୁରୀ ।


ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩


## ଗୋପବନ୍ଧୁ ଦୀନବନ୍ଧୁ

॥ ବାଦଲ ଭୂୟାଁ ॥

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଉତ୍କଳମାତାର ଯୋଗ୍ୟତମ ସନ୍ତାନ। ସମାଜ ସେବା କ୍ଷେତ୍ରରେ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ। ତୁଳସୀ ଦୁଇ ପତ୍ରରୁ ବାସିବା ପରି ଗୋପବନ୍ଧୁଙ୍କ ସେବା ମନୋବୃତ୍ତିର ପରିପ୍ରକାଶ ପିଲାଟି ଦିନରୁ ଘଟିଥିଲା। ଗୋପବନ୍ଧୁ ଥିଲେ ରୂପାଦେଈପୁର ଭର୍ଣ୍ଣାକୁଲାର ସ୍କୁଲର ଛାତ୍ର। ଏକଦା ସ୍କୁଲ ପଣ୍ଡିତଙ୍କ ଦେହ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କ ପାଇଁ ଲେମ୍ବୁଟିଏ ଯୋଗାଡ଼ କରିବାକୁ ଗୋପବନ୍ଧୁ ଭାର୍ଗବୀ ନଦୀର ଖଇଫୁଟା ବାଲି ଉପରେ ଚାଲିଥିଲେ। ପଣ୍ଡିତଙ୍କୁ ଲେମ୍ବୁ ପାଣି ପିଆଇବା ପରେ ପଣ୍ଡିତ ସେଦିନ କହିଥିଲେ ‘ଗୋପ ଦିନେ ଭାରି ବଡ଼ ଲୋକ ହେବ। ଦୀନ, ଦୁଃଖୀ, ଦରିଦ୍ରଙ୍କ ସେବାରେ ଜୀବନ ଉତ୍ସର୍ଗ କରିବ।’ ପଣ୍ଡିତଙ୍କ କଥା ସତ ହେଲା। ଦୀନ, ଦୁଃଖୀଙ୍କ ସେବାରେ ଗୋପବନ୍ଧୁ ସଳିତା ଭଳି ଆଜୀବନ ଜଳିଥିଲେ ଏବଂ ପାଲଟିଯାଇଥିଲେ ସମଗ୍ର ଉତ୍କଳର ତ୍ରାଣକର୍ତ୍ତା। ଗୋପବନ୍ଧୁ କେବଳ ଜନସେବକ ନଥିଲେ; ଏକାଧାରରେ ସେ ଦେଶପ୍ରେମୀ, ସଂଗଠକ, ସଂସ୍କାରକ, ସାହିତ୍ୟିକ ଓ ବାଗ୍ମୀ ଥିଲେ। ୧୯୦୯ରେ ପ୍ରତିଷ୍ଠା କରିଥିଲେ ସାକ୍ଷୀଗୋପାଳ ବନ ବିଦ୍ୟାଳୟ। ଏହାଥିଲା ଆଦର୍ଶ ମାନବ ନିର୍ମାଣ କାରଖାନା। ୧୯୨୧ରେ ମହାତ୍ମା ଗାନ୍ଧୀ ପ୍ରଥମ ଥର ଓଡ଼ିଶା ଆସିଥିବାବେଳେ ବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ସେ ୟଙ୍ଗ ଇଣ୍ଡିଆରେ ଲେଖିଥିଲେ ଏ ଭଳି ନିଷ୍ପାପର ଶିକ୍ଷକ ଓ ଛାତ୍ର ଯଦି ଦେଶରେ ସୃଷ୍ଟି ହୁଅନ୍ତେ, ତେବେ ବର୍ଷକ ମଧ୍ୟରେ ସ୍ୱରାଜ୍ୟ ଲାଭ କରିବା କିଛି ବିସ୍ମୟକର କଥା ନୁହେଁ ବୋଲି ମୋର ବିଶ୍ୱାସ। ଗୋପବନ୍ଧୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣି। ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୋପବନ୍ଧୁଙ୍କୁ ଉତ୍କଳମଣି ଉପାଧି ଦେଇଥିଲେ। ଗୋପବନ୍ଧୁଙ୍କ ପ୍ରସିଦ୍ଧ ସାରସ୍ୱତ ସୃଷ୍ଟି ମଧ୍ୟରୁ ବନ୍ଦୀର ଆତ୍ମକଥା, ଧର୍ମପଦ, କାରା କବିତା, ଗୋ-ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, ଅବକାଶ ଚିନ୍ତା ଅନ୍ୟତମ। ୧୮୭୭, ଅକ୍ଟୋବର ୯ ତାରିଖ ଦିନରେ ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଜନ୍ମ ହୋଇଥିଲେ ଓଡ଼ିଶାର ମଉଡମଣି ଗୋପବନ୍ଧୁ ଦାସ।

ଓଡ଼ିଶାର ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଥିଲା ଉତ୍କଳ ପ୍ରାଣ ଗୋପବନ୍ଧୁଙ୍କ କର୍ମ ଓ ତ୍ୟାଗର କ୍ଷେତ୍ର। ଓଡ଼ିଆ ଭାଷା ଆଜି ଏଠାରେ ଦ୍ୱିତୀୟ ରାଜ୍ୟ ଭାଷାର ମର୍ଯ୍ୟାଦା ପାଇଛି। ଉତ୍କଳମଣିଙ୍କ ପ୍ରଧାନ ଓ ପ୍ରଥମ କର୍ମଭୂମି ଥିଲା ସିଂହଭୂମ। କଟକ, ପୁରୀ, ବାଲେଶ୍ୱର ଅଞ୍ଚଳରେ ୧୯୨୦ ପର୍ଯ୍ୟନ୍ତ ସେଥିଲେ ଜଣେ ସମାଜସେବୀ। ଗାଁ ଗାଁ ବୁଲି ବଢ଼ି, ମରୁଡ଼ି ସମୟରେ ସ୍ୱେଚ୍ଛାସେବୀ ମାନଙ୍କୁ ଧରି ଚୁଡ଼ା, ଚାଉଳ ବାଣ୍ଟୁଥିଲେ। ସିଂହଭୂମର ଚକ୍ରଧରପୁର ଠାରେ ତାଙ୍କ ରାଜନୈତିକ ଜୀବନର ଆରମ୍ଭ ହୋଇଥିଲା କହିଲେ ଭୁଲ ହେବନାହିଁ। ଏଠାରେ ହୋଇଥିବା ଉତ୍କଳ ସମ୍ମିଳନୀ ଅଧିବେଶନରେ ସେ ସମୟର ରାଜନେତା ମାନଙ୍କୁ ବିରୋଧ ଏଇ ସିଂହଭୂମ ମାଟିରୁ କରିଥିଲେ। କଂଗ୍ରେସ ଦଳର ବାର୍ତ୍ତାକୁ ପ୍ରଚାର ପ୍ରସାର କରି ସେ ସମୟର ନେତା ମାନଙ୍କ ଭିତରେ ମଧ୍ୟରେ ହୋଇପାରିଥିଲେ ଅଗ୍ରଣୀ। ଗୋପବନ୍ଧୁଙ୍କ ଅତି ଆଦରର କର୍ମପୀଠ ସିଂହଭୂମ ଓଡ଼ିଆ ଜାତି ପାଇଁ ଏକ ତୀର୍ଥ ଭୂମିଠୁଁ କମ ନଥିଲା। ୧୯୨୩ ବେଳର କଥା। ସେ ସମୟରେ ଜମିଦାର ମାନଙ୍କର ସେପରି ଆଟବାଟ ନଥାଏ। ନାମ ଓ ସଞ୍ଜ୍ଞା ସାର ହୋଇ ରହିଯାଇଥିଲେ ରାଜ ପରିବାର, କର୍ପୁର ଉଡିଯାଇ କନା ପଡ଼ି ରହିଥିବା ପରି କଥା। ନାଁ ଥିଲା ଅର୍ଥର ପ୍ରାବଲ୍ୟ ନାଁ କ୍ଷମତା, ପ୍ରତିପତ୍ତି। ଇଂରେଜ ମାନଙ୍କ କଡ଼ା ଶାସନ ଫଳରେ ଜମିଦାର ମାନଙ୍କର ଗୌରବ, ଗାଥା ସବୁ ଅସ୍ତମିତ ହୋଇ ଆସିଥିଲା। ୧୯୧୨ ମସିହାରେ ବିହାର ସହିତ ଏ ଅଞ୍ଚଳକୁ ମିଶେଇ ଦେବା ଫଳରେ ଓଡ଼ିଆ ଭାଷା, କଳା, ସଂସ୍କୃତି ସୁବ ଲୋପ ପାଇବା ଉପରେ ଥିଲା। କେରା ଆସି ଗୋପବନ୍ଧୁ ଦେଖିଲେ ବିହାରୀମାନେ ଓଡ଼ିଆ ଭାଷାର କଣ୍ଠରୋଧ କରିବା ପାଇଁ ଯେଉଁ ପ୍ରପଞ୍ଚ ଚଳେଇଛନ୍ତି ଜମିଦାର ଠାକୁର ଲକ୍ଷ୍ମୀ ନାରାୟଣଙ୍କଠୁ ଶୁଣି ସେ ସ୍ତବ୍ଧ ହୋଇଯାଇଥିଲେ। ଓଡ଼ିଆ ମାରଣ ନୀତି ତାଙ୍କ ମନ ମଗଜକୁ ଦଗ୍ଧ କରିଦେଇଥିଲା। ସିଂହଭୂମର ବିସ୍ତୃତି ଅଞ୍ଚଳ ଭ୍ରମଣ କରି, ଚାଇବସା, ଚକ୍ରଧରପୁର, ପୋଡାହାଟ, ଷଢ଼େଇକଳା, ଖରସୁଆଁ ଓ ବହଳାଗୋଡ଼ାର ପଞ୍ଚରୁଲିଆ, ଚୟନପୁର, ଆନନ୍ଦପୁର, ଧଳଭୂମ ଆଦି ଅଞ୍ଚଳକୁ ଆସି ସେଠାକାର ବିଶିଷ୍ଟ ଓଡ଼ିଆ ମାନଙ୍କ ସହିତ ସମନ୍ୱୟ ରକ୍ଷା କରି କିପରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ହୋଇପାରିବ ତାର ସରଜମିନ ତଥ୍ୟ ଗ୍ରହଣ କରି ଉପରସ୍ଥ ବ୍ରିଟିଶ ଶାସକ ମାନଙ୍କୁ ବୁଝାଇ ଥିବାର କଥା ନଜରକୁ ଆସେ।

ୟୁରୋପରେ ବିଶ୍ୱଯୁଦ୍ଧ ଲାଗି ରହିଥିଲା ବେଳେ ସେ ଏଠାରେ ପଇସିକିଆ ଫଣ୍ଡର ଅବଧାରଣା ଆରମ୍ଭ କରିଥିଲେ। କାରଣ ତାଙ୍କ ଦ୍ୱାରା ସ୍ଥାପିତ ଓଡ଼ିଆ ବିଦ୍ୟାଳୟ ସବୁ ଅର୍ଥ ଅଭାବରୁ ବନ୍ଦ ହୋଇନଯାଉ। ୧୭.୧୧.୧୯୨୭ ତାରିଖ ସମାଜରେ ସେ ଲେଖିଥିଲେ ଅର୍ଥ ଅଭାବପରୁ ସିଂହଭୂମ, ଫୁଲଝର ପ୍ରଭୃତି ସ୍ଥାନରେ କରାଯାଇଥିବା ଓଡ଼ିଆ ସ୍କୁଲ ଗୁଡ଼ିକ ଏତେ ବେଳକୁ ଭାଙ୍ଗିଗଲାଣି। ମୁଁ ସେଥିରେ ମର୍ମାହତ। ୧୯୨୨ ପରେ ଗୋପବନ୍ଧୁ ସିଂହଭୂମ ଆଡ଼କୁ ଆଉ ପ୍ରାୟ ଆସି ନାହାନ୍ତି। ତଥାପି କଟକ, ପୁରୀ ଆଦି ଅଞ୍ଚଳରେ ରହି ମଧ ସେ ସିଂହଭୂମ ଓଡ଼ିଆ ଆନ୍ଦୋଳନ ପ୍ରତି ଆନ୍ତରିକ ଦୃଷ୍ଟି ରଖିଥିଲେ। ଏ ବିଷୟରେ ୨୨.୧୧.୧୯୨୭ ସଂଖ୍ୟା ସମାଜରେ ପ୍ରକାଶିତ।

ସିଂହଭୂମର ବିଶିଷ୍ଟ କବି ଦିଲ୍ଲୀପ ଷଡ଼ଙ୍ଗୀ, ଦେବାନନ୍ଦ ବଟ କବିତାରେ ଗୋପବନ୍ଧୁଙ୍କ ବିଷୟରେ ଲେଖିଥିଲେ, କଟକ ଠୁ ଶହ ଶହ ମାଇଲ ଏ ପାରେ, ଏଇ ସିଂହଭୂମରେ ଯେବେ ଥାପେ ତୁମ ଘଟ, ପୂଜା ପାଇଁ ତୁମରି କଳସ, ଜଣେ ମତେ ପ୍ରଶ୍ନ କଲେ କିଏ ଥିଲେ ଗୋପବନ୍ଧୁ ଦାସ ? ଜଣେ ସମ୍ବାଦିକ ଗୋପବନ୍ଧୁ ଶତ ବାର୍ଷିକ ପାଳିତ ପାଳନ ଅବସରରେ ପଚାରିଥିବା ପ୍ରଶ୍ନ ଗୋପବନ୍ଧୁ କିଏ ଥିଲେ ? ଉତ୍ତରରେ କବି ଦିଲ୍ଲୀପ ଷଡ଼ଙ୍ଗୀ ଏକଥା ଲେଖିଥିଲେ। ଆଜି ପ୍ରବାସର ଏହି ସୁଦୂର ଝାଡ଼ଖଣ୍ଡର ଟାଟାନଗରରେ ପ୍ରବାସୀ ଓଡ଼ିଆ ମାନଙ୍କ ସହିତ ଗୋପବନ୍ଧୁଙ୍କ ଜୟନ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହେଉଛି।


୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫,


## ନକାରାତ୍ମକ ବ୍ୟବହାର ଅବସାଦର କାରଣ

॥ ଡାକ୍ତର ସମ୍ରାଟ କର ॥

ସୂର୍ଯ୍ୟପ୍ରକାଶ ବହୁ ଦିନ ପରେ ଫୋନ କରି ତାଙ୍କ ବ୍ୟସ୍ତତା ଜଣାଇଲେ। ତାଙ୍କ ସାନ ଭାଇ ବେଳେ ବେଳେ ଉତ୍ତେଜିତ ହୋଇ ଅନ୍ୟମାନଙ୍କ ପ୍ରତି ବିରକ୍ତିକର ମନ୍ତବ୍ୟ ଦେବା ସହ ଉତ୍ତେଜିତ ହୋଇ ହିଂସାତ୍ମକ କାର୍ଯ୍ୟକଳାପ କିଛି କରିଦେଉଛି। ଯାହାଫଳରେ ତାହା ବ୍ୟକ୍ତିଗତ ଜୀବନ ଓ କର୍ମମୟ ଜୀବନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇସାରିଲାଣି। ମୁଁ ତାଙ୍କ ବ୍ୟସ୍ତତା ସବୁ ଜାଣି କହିଲି ବାସ୍ତବରେ ଏହା ହେଉଛି, ଅନ୍ୟର କ୍ଷତି କରୁଥିବା ନକାରାତ୍ମକ ବ୍ୟବହାର କିମ୍ବା କଥାକୁ ମନୋବିଜ୍ଞାନରେ ଟକ୍ସିକ ବିହେଭିୟର ବୋଲି କୁହାଯାଉଛି। ଏହାଦ୍ୱାରା ଭାବନାତ୍ମକ ଭାବେ ଜଣେ ବ୍ୟକ୍ତି ଆହାତ ହୋଇଥାଏ। ଯାହାକି ମାନସିକ ସ୍ତରରେ ଅସନ୍ତୁଳନ ସୃଷ୍ଟି କରେ। ଏହି ଟକ୍ସିକ ବିହେଭିୟର ଅନେକ ପ୍ରକାର ହୋଇଥାଏ। ଯଥା କାହାକୁ ଧମକାଇବା, ଉକ୍ତ ବ୍ୟକ୍ତିର ଭାବନାକୁ ଆଘାତ ଦେବା, ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ମନ୍ତବ୍ୟ ଦେବା, ଅନ୍ୟର ଆଚରଣକୁ ତାଚ୍ଛଲ୍ୟ କରି କହିବା, ଅତ୍ୟଧିକ ରାଗିଯାଇ କାହାକୁ ଆକ୍ରମଣ କରିବା ଇତ୍ୟାଦି। ଏଭଳି ବ୍ୟବହାର ଦ୍ୱାରା ପୀଡ଼ିତ ଥିବା ବ୍ୟକ୍ତିର ଭାବନାତ୍ମକ ସ୍ୱାସ୍ଥ୍ୟ ଗଭୀର ଭାବେ ପ୍ରଭାବିତ ହୋଇଥାଏ, ଯାହାକି ଚିନ୍ତା, ଅବସାଦ, ଏଙ୍ଗଜାଇଟି ଏବଂ ନିଜ ପ୍ରତି ହୀନମନ୍ୟତା ଭାବ ସୃଷ୍ଟି କରେ। ଏହା କେବଳ ପୀଡ଼ିତ ବ୍ୟକ୍ତିଙ୍କ କ୍ଷେତ୍ରରେ ନୁହେଁ, ଟକ୍ସିକ ବ୍ୟବହାର ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ମାନସିକ ସ୍ୱାସ୍ଥ୍ୟକୁ ମଧ କ୍ଷତି ପହଞ୍ଚାଇ ଥାଏ ବୋଲି ଏବେ ଏକ ନୂତନ ପରୀକ୍ଷଣରୁ ଜଣାପଡ଼ିଛି। କାରଣ ସବୁବେଳେ ଏଭଳି ବ୍ୟବହାର କରିବା ଦ୍ୱାରା ମସ୍ତିଷ୍କରେ ଏକ ନକାରାତ୍ମକ ଭାବନାର ଏକ ଫିଡବ୍ୟାକ ସଂଗୃହୀତ ହୋଇରହିଥାଏ। ଏହା ଧୀରେ ଧୀରେ ମସ୍ତିଷ୍କର ଦକ୍ଷତା ଉପରେ ପ୍ରଭାବ ପକାଏ ଏବଂ ଅସୁସ୍ଥ ମସ୍ତିଷ୍କ ଦ୍ୱାରା ଶାରୀରିକ କାର୍ଯ୍ୟପ୍ରଣାଳୀରେ ଅସନ୍ତୁଳନ ଦେଖାଯାଏ। ଉକ୍ତ ବ୍ୟକ୍ତିଙ୍କ ଠାରେ ଅବସାଦ, ଚିନ୍ତା, ଚିଡ଼ଚିଡ଼ାପଣ ଏବଂ ହାଇପରସେନ୍ସିଟିଭିଟି ଦେଖାଯାଏ। ଅନ୍ୟମାନଙ୍କ ସହ ଦୁର୍ବ୍ୟବହାର କରିବା ଦ୍ୱାରା ସେଲଫ ଓର୍ଥ, ବା ଆତ୍ମସମ୍ମାନ ମଧ ହାନି ହୋଇଥାଏ। ଏହା ଯୋଗୁଁ ନିଜ ଭିତରେ ଲଜ୍ୟାବୋଧ, ଅପରାଧ ଭାବନା ଓ ଆତ୍ମ ସନ୍ଦେହର ଭାବନା ଅନୁଭୂତ ହୋଇଥାଏ। ଟକ୍ସିକ ବିହେଭିୟର ଯୋଗୁଁ ନିଜ ଭିତରେ ଅଧିକ ଦିନ ପର୍ଯ୍ୟନ୍ତ ନିଜ ଭିତରେ ଏକ ନିରାଶାବୋଧ ମଧ ଅନୁଭୂତ ହୋଇଥାଏ। ଟକ୍ସିକ ବିହେଭିୟର ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ସହିତ କେହି ମିଶିବାକୁ ପସନ୍ଦ କରନ୍ତି ନାହିଁ। ତେଣୁ ସେମାନେ ଧୀରେ ଧୀରେ ଏକୁଟିଆ ହୋଇଯାନ୍ତି, ଯାହାଦ୍ୱାରା ସେମାନେ ଅବସାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରିବାକୁ ମଧ ପଛାଇ ନଥାନ୍ତି। ଟକ୍ସିକ ବିହେଭିୟରର କୌଣସି ଲକ୍ଷଣ ଜଣାପଡୁ ନଥିଲେ ଅନ୍ୟମାନଙ୍କ ସହିତ କିଭଳି ବ୍ୟବହାରକୁ ଟକ୍ସିକ କୁହାଯାଏ ତାହାର କିଛି ନିର୍ଦ୍ଦିଷ୍ଟ ତଥ୍ୟ ରହିଛି। ଯଥା ଅନ୍ୟ କାହାର ବ୍ୟବହାର, ବିଚାର ଓ ଭାବନା ସହିତ ଖେଳିବା କିମ୍ବା ନିଜର କର୍ତ୍ତୃତ୍ୱ ଜାହିର କରିବା, ନିଜ ତ୍ରୁଟି ପାଇଁ ସବୁବେଳେ ଅନ୍ୟମାନଙ୍କୁ ଦୋଷ ଦେବା, ନିଜର ଭୁଲ ମାନିବାକୁ ସବୁବେଳେ ମନା କରିବା, ନିଜର କାମ ପାଇଁ ଅନ୍ୟମାନଙ୍କ ଉପରେ ଲଦି ଦେବା, ଅନ୍ୟ ସହିତ ଛଳକପଟ କରିବା, ଅନ୍ୟମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ ନକରିବା, ଅନ୍ୟର ଭାବନାକୁ ଆଘାତ କରିବା, ଅନ୍ୟମାନଙ୍କ ପ୍ରତି ଗାଳି ବା ଅପଶବ୍ଦ ବ୍ୟବହାର କରିବା କିମ୍ବା ହାତ ଉଠାଇବା ଇତ୍ୟାଦି ଟକ୍ସିକ ବିହେଭିୟର ଅନ୍ତର୍ଗତ। ତେଣୁ ଏଭଳି ଦୁର୍ବ୍ୟବହାର କରିବାର ମନୋବୃତ୍ତିକୁ ପରିବର୍ତ୍ତନ କରିବା ନିତାନ୍ତ ଆବଶ୍ୟକ। କାରଣ ଏହା ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ।

ଏ କ୍ଷେତ୍ରରେ ଲୋକଟିର ପାଖ ଲୋକମାନଙ୍କର ଗୁରୁଦାୟିତ୍ୱ ରହିଛି। ସେମାନେ ସବୁବେଳେ ପୀଡ଼ିତ ଜଣଙ୍କ ପ୍ରତି ବିରକ୍ତିକର ବ୍ୟବହାର ନଦେଖାଇ ଉତ୍ତମ ବ୍ୟବହାର ସହ ତାଙ୍କ ପାଇଁ ଏକ ଭଲ ରୁଟିନ ଜୀବନ ତିଆରି କରନ୍ତୁ। ତାଙ୍କ ଖାଇବା, ବିଶ୍ରାମ ଓ କର୍ମବ୍ୟସ୍ତତା ସମ୍ପର୍କରେ ମଧ ସଚେତନ ରୁହନ୍ତୁ। ଅଧିକ କୌଣସି ସମସ୍ୟା ଦେଖାଗଲେ ବା ପରିସ୍ଥିତି ଜଟିଳ ଅନୁଭବ କଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।


ମାନସିକ ରୋଗ ବିଶେଷଜ୍ଞ, ଦି’ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩



ମହାଭାରତ

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






### ଦେଶୀ ମଦରେ ମିଶୁଛି ସ୍ପିରିଟ-ୟୁରିଆ

## ମଦମୃତ୍ୟୁ ଆଶଙ୍କା ମୁହାଁ ଗରିବ-ନିରୀହ କଳାହାଣ୍ଡିଆ



**କଳାହାଣ୍ଡି,(ମହାଭାରତ) :** ସରକାରଙ୍କୁ ରାଜସ୍ୱ ବୃଦ୍ଧି ଚିନ୍ତା, ସ୍ୱାଗତଯୋଗ୍ୟ ପଦକ୍ଷେପ। ଗଣତନ୍ତ୍ର ରାଷ୍ଟ୍ରରେ ଜନସାଧାରଣଙ୍କ ହିତ ପାଇଁ, ବିକାଶ ମୂଳକ କାର୍ଯ୍ୟ ସକାଶେ ନିହାତି ଅର୍ଥର ଆବଶ୍ୟକତା ରହିଛି, ଏହା ଗ୍ରହଣୀୟ। ହେଲେ ରାଜସ୍ୱ ବୃଦ୍ଧି ନାଁ ରେ ଲୋକଙ୍କ ଜୀବନ ସହ ଖେଳିବା ଅପାଙ୍କ୍ତେୟ ମନେହୁଏ। ରାଜ୍ୟ ସରକାରଙ୍କ ରାଜସ୍ୱ ଆଦାୟର ଏକ ଦୁଧିଆଳି ବିଭାଗ ହେଉଛି ଅବକାରୀ ବିଭାଗ। ମଦ ଉତ୍ପାଦନ, ବିତରଣ, ପରିଚାଳନା, ବେଆଇନ କାରବାରକୁ ରୋକିବା ଭଳି ଗୁରୁ ଦାୟିତ୍ୱ ଏହି ବିଭାଗ ଉପରେ ରହିଛି। ସମ୍ପ୍ରତି ଗଞ୍ଜାମ ଜିଲ୍ଲାରେ ମଦମୃତ୍ୟୁକୁ ନେଇ ସାରା ରାଜ୍ୟରେ ତୁମ୍ବିତୋଫାନ ଚାଲିଛି।ଏଭଳି ପରିସ୍ଥିତିରେ କଳାହାଣ୍ଡି ଭଳି ପଛୁଆ ଜିଲ୍ଲାରେ ବେଳ ଥାଉଥାଉ ଆଖିଦୃଶିଆ ପଦକ୍ଷେପ ନିଆ ନ ଗଲେ ଜିଲ୍ଲାରେ ମଦମୃତ୍ୟୁ ଆଶଙ୍କାକୁ ଏଡାଇ ଦିଆ ଯାଇ ନ ପାରେ। ଜିଲ୍ଲାର ୬୮ ଗୋଟି ଦେଶୀ ମଦଭାଟି, ୯୦ ଗୋଟି ଦେଶୀ ଶାଖା ଦୋକାନ, ୩୪ ଗୋଟି ଠିପିବନ୍ଦ ବିଦେଶୀ ମଦ ଦୋକାନ, ୨୨ ଗୋଟି ଠିପିଖୋଲା ବିଦେଶୀ ମଦଦୋକାନ ଓ ବାର ରହିଛି। ଏହି ସ୍ୱୀକୃତି ପ୍ରାପ୍ତ ସରକାରୀ ମଦଦୋକାନ ମାନଙ୍କୁ ଛାଡି ଜିଲ୍ଲାର ପ୍ରାୟ ସବୁ ସହର ଓ ଗ୍ରାମାଞ୍ଚଳରେ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ସହଜେ ଉପଲବ୍ଧ। ଦେଶୀ ମଦଭାଟି ମାଲିକ ମାନେ ନିଜ ନିଜର ସୀକୃତି ପ୍ରାପ୍ତ ଦୋକାନକୁ ଛାଡି ଗାଁ ଗାଁରେ କୁଚିଆ ଦୋକାନ ଖୋଲିଛନ୍ତି।ଜିଲ୍ଲାର ନବେଭାଗ ଗାଁରେ କୁଚିଆ ଦୋକାନ ଚାଲିଛି। କିଛି କିଛି ଗାଁରେ କୁଚିଆ ଦୋକାନ ଖୋଲିବା ପାଇଁ ଗ୍ରାମ୍ୟ କମିଟିକୁ ଭାଟି ମାଲିକ ମାନେ ବର୍ଷକିଆ ସୂତ୍ରରେ ଅର୍ଥ ଯୋଗାଉଛନ୍ତି।ଫେରିବାଲା ମାନଙ୍କ ଭଳି ଭାଟି କର୍ମଚାରୀ ମାନେ ଗାଁକୁ ଗାଁ ମଦ ପକେଟ ଯୋଗାଣ କରୁଛନ୍ତି। ଦେଶୀ ମଦ ପ୍ରସ୍ତୁତି ସମୟରେ ବିନିଯୋଗ ସାମଗ୍ରୀର ଗୁଣାତ୍ମକ ମାନ , ଯଥା ମହୁଲଫୁଲ, ପାଣି, ପତ୍ର, ଚିନି ଆଦିର ତତ୍କାଳୀନ ଗୁଣାତ୍ମକ ମାନ ସଠିକ ଭାବେ ଯାଞ୍ଚ ହେଉଥିବା ଲୋକଙ୍କୁ ସନ୍ଦିହାନ କରୁଛି। ଦେଶୀ ମଦ ପ୍ରସ୍ତୁତିରେ ଚୁନି, ଗୁଡ଼, ସ୍ପିରିଟ, ୟୁରିଆ ସାର ମିଶାଇ ଅଧିକ ନିଶାଯୁକ୍ତ କରାଯାଉଥିବା ଅଭିଯୋଗ ହୁଏ। ଜିଲ୍ଲାରେ ହାତଗଣତି ବିଦେଶୀ ଠିପିଖୋଲା ଓ ଠିପିବନ୍ଦ ଦୋକାନ ଥିବାବେଳେ ଏହା ପ୍ରାୟ ସହର ଓ ଗ୍ରାମାଞ୍ଚଳର ପ୍ରମୁଖ ଛକ, ଚା, ପାନ ଦୋକାନରେ ସହଜେ ମିଳୁଛି। ଏହି ବେଆଇନ ମଦର ସବୁ ବ୍ରାଣ୍ଡକୁ ନକଲି କରାଯାଇ ବିକ୍ରିକରୁଥିବା ଲୋକେ ଅଭିଯୋଗ କରିଥାନ୍ତି। ଭାଟିମାଲିକ ମାନଙ୍କ ଅନାମଧେୟ କୁଢ଼ା ଖାତାରେ ଜିଲ୍ଲାର ତଥାକଥିତ ବଡ଼ବଡ଼ ରାଜନେତା, ବୁଦ୍ଧିଜୀବୀଙ୍କ ଠାରୁ ଆରମ୍ଭ କରି କୁଜିନେତା, ଟାଉଟର ସମସ୍ତଙ୍କ ନାଁ ଟାର୍ଗେଟ ହିସାବରେ ନିର୍ଦ୍ଧାରିତ ହୋଇଛି। ରାଜନୈତିକ ପୃଷ୍ଠପୋଷକତାରେ ବଳିୟାନ ଥିବା ଏହି ମାଲିକ ମାନେ ବିଭିନ୍ନ ସମୟରେ ଶାସନ ପ୍ରଶାସନକୁ ନିଜର ପାରିବାପଣିଆର ପାରିଦର୍ଶିତରେ ପ୍ରଭାବିତ କରିଥାନ୍ତି।ଜିଲ୍ଲାର ପ୍ରମୁଖ ଲାଲ ବଙ୍ଗଳାରୁ ପୂର୍ବରୁ ନେପାଲି ଓ ସମ୍ପ୍ରତି ମନ୍ତ୍ରୀ ନାମକ ଅଣଓଡ଼ିଆ, ଓ ଅନ୍ୟ ଦୁଇତିନି ଜଣ ମଦଭାଟି ମାଲିକ ପ୍ରାୟତଃ ବଦବଡିଆଙ୍କୁ ବ୍ୟବସ୍ଥାରେ ବ୍ୟବସ୍ଥିତ କରି ମଦ ସାମ୍ରାଜ୍ୟକୁ ଅନାୟାସରେ ବିସ୍ତାର କରାଯାଉଛି। ଜିଲ୍ଲାରେ କୁଚିଆ ମଦଦୋକାନ ଏବେ କୁଟୀର ଶିଳ୍ପର ରୂପ ନେବାକୁ ବସିଲାଣି। କଳାହାଣ୍ଡି ଭଳି ଅଂନୁନ୍ନତ ଜିଲ୍ଲାରେ ଲୋକେ ମଦ୍ୟପାନ କରି ସର୍ବସ୍ୱାନ୍ତ ହେଉଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାର ବେଆଇନ ମଦ କାରବାରକୁ ଅଙ୍କୁଶ ଲଗା ଗଲେ,ଜିଲ୍ଲାରେ ଆସନ୍ନ ମଦମୃତ୍ୟୁ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଏଣୁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ପୋଖରୀରେ ବୁଡି ବାଳକର ମୃତ୍ୟୁ

**ପାଟଣା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଦିଗପଶି ଗ୍ରାମରେ ଘଟିଯାଇଛି ଏକ ଅଭାନୀୟ ଘଟଣା ଗ୍ରାମରେ ଶୋକାକଳ ଛାୟା ଖେଳିଯାଇ ଛି। ପୋଖରୀ କୁ ଗାଧେଇ ବାକୁ ଯାଇ ୭ବର୍ଷ ର ବାଳକ ର ମୃତ୍ୟୁ ଘଟିଛି । ସୂଚନା ରୁ ପ୍ରକାଶ ଦିଗିପଶି ଗ୍ରାମ ର କାଳିଦାସ ମାଝୀଙ୍କ ୭ବର୍ଷର ବାଳକ ଶୁଭମ ମାଝୀ ତାଙ୍କ ସାଙ୍ଗ ସହିତ ପୋଖରୀ କୁ ଗାଧେଇ ବାକୁ ଯାଇ ଥିଲେ। ଶୁଭମ୍ ଗାଧେଇ ଘର କୁ ନ ଫେରିବା ରୁ ଘର ଲୋକେ ବ୍ୟସ୍ତ ହୋଇ ଖୋଜା ଖୋଜି କରିବା ବାପା କାଳୀଦାସ ପୋଖରୀ କୁ ଯାଇ ଦେଖନ୍ତି ତ ପୋଖରୀ କୂଳରେ ସୁଭମ ଚପଲ ରଖା ଥିଲା । ଚପଲ ରଖା ବାପା କାଳିଦାସ ଦେଖି ପୋଖରୀ ଭିତରେ ଖୋଜା ଖୋଜି କରିବା ସମୟରେ ସୁଭମ କୁ ପୋଖରୀ ପାଣି ରେ ବୁଡି ରହିଥିବା ଦେଖି ତାକୁ ପାଣି ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଆଣି ପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ସୁଭମ କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପାଟଣା ପୋଲିସ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପହଁଞ୍ଚି ବାଳକର ଶବ ଜବତ କରିବା ସହିତ ପାଟଣା ଥାନା ରେ ଏକ ଅପମୃତ ୫୨/୨୪ ମାମଲା ରୁଜୁ କରି ଶବ ବ୍ୟବଛେଦ କରିବା ପରେ ପରିବାର ବର୍ଗ ଙ୍କୁ ପୋଲିସ ଶବ ହସ୍ତାନ୍ତର କରିଛି ।

## ଏନସିସି ବାଟାଲିୟନ ତରଫରୁ ନିଶାମୁକ୍ତି ଅଭିଯାନ




**ପାଟଣା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ଏନ.ସି.ସି ୧୪ ବାଟାଲିୟନ ତରଫ ରୁ ନିଶାମୁକ୍ତି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢି ଏବଂ ସମାଜ ରୁ କିପରି ନିଶା ଠାରୁ ଦୂରେଇ ରହିବ ଏବଂ ଏକ ସୁସ୍ଥ ସମାଜ ଗଠନ କରିବା ଉଦେଶ୍ୟ ରେ ମହାବିଦ୍ୟାଳୟ ତରଫ ରୁ ମହାବିଦ୍ୟାଳୟ ଏନ ସି ସି ବାଟାଲିୟନ-ଓ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ବିଶାଳ ନିଶାମୁକ୍ତ ଶୋଭାଯାତ୍ରା ପାଟଣା ମହାବିଦ୍ୟାଳୟ ରୀ ରୁ ପାଟଣା ଅଞ୍ଚଳ ପରିକ୍ରମା କରି ସ୍ଲୁଲଗାନ ମାଧ୍ୟମରେ ସଚେତନା ର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇ ଛନ୍ତି।ଏହି କାର୍ଯ୍ୟକ୍ରମ ରେ ଓଡ଼ିଆ ଅଧାପକ ଜଗନାଥ ମହାନ୍ତ, ଗୋବିନ୍ଦା ପାତ୍ର, କ୍ରୀଡା ଅଧାପକ ତଥା ଲେଫଲାଣ୍ଟ ହଳଧର ସାହୁଙ୍କ ପ୍ରହଲ୍ଲାଦ ବେହେରା, ଗୋବିନ୍ଦା ପାତ୍ର ଭତୃହରି ମହାନ୍ତ ପ୍ରମୁଖ ନିଶାମୁକ ଅଭିଯାନ ଶୋଭାଯାତ୍ରା ଯୋଗ ଦେଇ ଥିଲେ ।

## କବି ବାଂଛାନିଧି ଦାସଙ୍କ ୧୦୧ ତମ ଜନ୍ମ ଜୟନ୍ତି ପାଳିତ



**ବରୀ,(ମହାଭାରତ) :** ବରୀ ପୂଜ୍ୟପୂଜା ପରିଷଦ ପକ୍ଷରୁ ସନ୍ତନ ମହାବିଦ୍ୟାଳୟ ଠାରେ ଆଜି ଜାତୀୟ କବି ତଥା ସ୍ୱାଧିନତା ସଂଗ୍ରାମୀ ବାଂଛାନିଧି ଦାସଙ୍କ ୧୦୧ ତମ ଜନ୍ମ ଜୟନ୍ତୀ ଓ କବିଙ୍କ ରଚିତ କବିତା ପାଠ ସହିତ ଆଲୋଚନାଚକ୍ର ପାଳିତ ହୋଇଯାଇଛି। ସମାଜସେବୀ ସତ୍ୟ ରଞ୍ଜନ କରଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନା ଚକ୍ରରେ ମୂଖ୍ୟ ଅତିଥି ରୁପେ ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ଯୋଗ ଦେଇ ଭାରତୀୟ ମୁକ୍ତି ସଂଗ୍ରାମର ଅନ୍ୟତମ ପୂଜାରୀ ଥିଲେ ଜାତୀୟ କବି ବାଂଛାନିଦି ଦାସ , ତାଙ୍କ କବିତା ଥିଲା ପ୍ରତିଟି ଜାତୀୟ ପ୍ରେମି ମଣିଷ ନିମନ୍ତେ ପ୍ରେରଣାର ଉତ୍ସ ବୋଲି କହିଥିଲେ। ଉକ୍ତ ଆଲୋଚନା ଚକ୍ରର ଉଦଘାଟକ ଭାବେ ଗ୍ଲୋବାଲ ପିସ ଫାଉଣ୍ଡେସନର ଅଧକ୍ଷ ଡଃ ରାଜକିଶୋର ପଣ୍ଡା ଯୋଗ ଦେଇ କବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ସହ ତାଙ୍କର କବିତା ପାଠ୍ୟ ପୁସ୍ତକରେ ସ୍ଥାନ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ଯାଜପୁର ଜିଲ୍ଲା ଲେଖକ ସମ୍ମେଳନର ସଭାପତି ଡାକ୍ତର ରୁଦ୍ର ନାରାୟଣ ପୃଷ୍ଟି ମୂଖ୍ୟ ବକ୍ତା ଭାବରେ ଯୋଗ ଦେଇ ନିଜର ସାରଗର୍ଭକ ବକ୍ତବ୍ୟ ମାଧ୍ୟମରେ କବିଙ୍କ କାର୍ଯ୍ୟ ଧାରାକୁ ମୂଲ୍ୟାୟନ କରିଥିଲେ। ବିଶିଷ୍ଟ ବକ୍ତା ଭାବେ ପ୍ରଫେସର ମନୋରଞ୍ଜନ ମହାନ୍ତି ଯୋଗ ଦେଇ ଜାତୀୟ କବିଙ୍କ ଜୀବନ ବ୍ୟାପି ସାଧନା ଉପରେ ଆଲୋଚନା କରିଥିଲେ। ଲକ୍ଷ୍ମୀନାରାୟଣ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସନ୍ତନ ମହାବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ଦାଶ ସ୍ୱାଗତ ଅଭିଭାଷଣ ଦେଇଥିଲେ। ବିଦ୍ୟା ଭବନର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ଶ୍ରାବଣୀ ଓଝା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗଗନ ବିହାରୀ ଜେନା, ପ୍ରଭାସ ଦାସ, ମକର ଚନ୍ଦ୍ର ଘଡାଇ , ଗୁନଚରଣ ନାୟକ, କବି କୁମାର ସରୋଜ ପ୍ରମୂଖ ନିଜ ନିଜର ସାରଗର୍ଭକ ବକ୍ତବ୍ୟ ମାଧ୍ୟମରେ କବିଙ୍କ କାର୍ଯ୍ୟଧାରାକୁ ମୂଲ୍ୟାୟନ କରିଥିଲେ ସହ ଜାତୀୟ କବି ବାଂଛାନିଧି ଦାସ ମାର୍ଗ କରିବାକୁ ପ୍ରଶାସନକୁ ଦାବି କରିଛନ୍ତି।ରିରିଶ ବିହାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧାପକ ପ୍ରଶାନ୍ତ ସାହୁ, ରାମକୃଷ୍ଣ ଦାଶ, ଦୂର୍ଗା ମାଧବ ଦାଶ, ଅଜୟ ସାହୁ, ଗୁରୁଚରଣ ସାହୁ, ଭବାନୀ ପନ୍ପା, ଗଙ୍ଗାଧର ଦାସ, ବନ୍ଦନା ସାମଲ, ସବିତା ନାୟକ, ପ୍ରମୂଖ ଯୋଗଦାନ କରି ବାଂଛାନିଧି ଦାସଙ୍କ ରଚିତ କବିତା ଆବୃତି କରିଥିଲେ. ଏବଂ ଜଗନ୍ନାଥ ପ୍ରସାଦ ଦାଶ, ଓମ୍ ପ୍ରକାଶ ମହାନ୍ତି, ପଦ୍ମନ କର, ଅଜୟ ରଥ, ଅଜୟ ରଥ, ପ୍ରଶାନ୍ତ ପରିଆଡି ଓସାମ୍ବାଦିକ ସଂଘ ବରୀର କର୍ମକର୍ତା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ମାଓବାଦୀ ଅଜୟ ସରକାରଙ୍କ ଧାମତରୀ ଏସପି ନିକଟରେ ଆଜି ଆତ୍ମସମର୍ପଣ



**ଧମତରୀ, (ମହାଭାରତ) :** ପଡ଼ୋଶୀ ଛତିଶଗଡର ଧମତରୀ ଜିଲ୍ଲାର ୫ ଲକ୍ଷ ଟଙ୍କା ପୁରସ୍କାର ଘଷିତ ସାଇଟନାଡି କ୍ଷେତ୍ର କମିଟିର ସଦସ୍ୟ ମାଓବାଦୀ ଅଜୟ ସରକାରଙ୍କ ଧାମତରୀ ଏସପି ନିକଟରେ ଆଜି ଆତ୍ମସମର୍ପଣ କରିଛି । ସେ ଏସିଏମ୍ ସୀତା ନଦୀ କ୍ଷେତ୍ର କମିଟିର ଡେପୁଟି କମାଣ୍ଡର ଦାଇତ୍ୱ ରର ଥିବା ବେଳେ ଅନେକ ମାଓ କାର୍ଯ୍ୟକଳାପରେ ଜଡ଼ିତ ଥିବା ସହ ହତ୍ୟା ଭଳି ଅନେକ ଅପରାଧରେ ଥିବା ନେଇ ସୂଚନା । ତେବେ ମାଓବାଦୀ ଅଜୟଙ୍କୁ ମାଓ ସଂଘଟନରେ ଅସଦାଚରଣ, ଅବହେଳା ଏବଂ ନିର୍ଯାତନା ଦେବା ସହ ଭେଦଭାବ କରୁଥିବା ରୁ ଆଜି ସେ ଧାମତରୀ ଏସପି ଅଞ୍ଜାନେ ଭାରଶନିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ ଉପରେ ତାଙ୍କୁ ଉତ୍ସାହିତ କରିବା ପାଇଁ ସରକାରଙ୍କ ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତି ଅନୁଯାୟୀ ତାଙ୍କୁ ୨୫,୦୦୦ ଟଙ୍କା ନଗଦ ପ୍ରୋତ୍ସାହନ ଦିଆଯାଇଥିଲା।

## ସାତକୋଶିଆ ପୋଖରୀରେ ଭାସୁଥିବା ଶବ ଉଦ୍ଧାର



**କରଞ୍ଜିଆ,(ମହାଭାରତ) :** ମହୁଲଡ଼ିହା ଥାନା ସାତକୋଶିଆ ଗ୍ରାମ ପୋଖରୀରେ ଶନିବାର ମଧ୍ୟାହ୍ନ ସମୟରେ ଭାସୁଥିବା ଏକ ଶବକୁ ପୋଲିସ ଉପସ୍ଥିତିରେ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଶବ କରଞ୍ଜିଆ ଥାନା ଅନ୍ତର୍ଗତ ସାନବଡ଼ପୋଷୀ ଗ୍ରାମର ନାରଣ ନାୟକ (୫୦) ବୋଲି ଜଣାପଡ଼ିଛି। ଶବ ଉଦ୍ଧାର ପରେ ମହୁଲଡ଼ିହା ଥାନା ପୋଲିସ ୧୦/୨୪ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ନିମନ୍ତେ ଆନନ୍ଦପୁର ଉପଖଣ୍ଡ ପଠାଇ ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ ନାରଣ ପ୍ରାୟ ତିନି ବର୍ଷ ପୂର୍ବରୁ ସାତକୋଶିଆ ଗ୍ରାମରେ ଥିବା ଶଶୁର ଘରେ ରହୁଥିଲେ। ଶୁକ୍ରବାର ଦିନ ପ୍ରାୟ ୧୧ ଟା ବେଳେ ଘରୁ ନାରଣ ଗାଧୋଇବା ପାଇଁ ଆସି ଆଉ ଘରକୁ ଫେରି ନଥିଲେ। ନାରଣ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ମଧ କେଉଁଠାରେ ପାଇ ନଥିଲେ। କିନ୍ତୁ ତା ପରଦିନ ପ୍ରାୟ ୨ ଟା ସମୟ ରେ ଠାକୁରମୁଣ୍ଡା- ଆନନ୍ଦପୁର ରାସ୍ତା କଡ କୁ ଲାଗି ଥିବା ଗ୍ରାମ ପୋଖରୀ ଭିତରେ ଏକ ଶବ ଭାସୁଥିବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଶବ ଉଦ୍ଧାର ପରେ ନିଖୋଜ ନାରଣ ର ଶବ ବୋଲି ଚିହ୍ନଟ ହୋଇଥିଲା।

## ନାଲକୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘର ପ୍ରତିଷ୍ଠା ଦିବସ ପାଳିତ



**ଅନୁଗୋଳ,(ମହାଭାରତ) :** ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ନାଲକୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ ର ୩୯ତମ ପ୍ରତିଷ୍ଠା ଦିବସ ଅଫିସ କାର୍ଯ୍ୟାଳୟ ଠାରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏସ. ଏ. ବସୁ,(ଜି ଏମ) ଏସ ଆଣ୍ଡ ପି. ନାଲକୋ , ସମ୍ମାନିତ ଅତିଥି ବିନୟ ଠାକୁର (ଜି ଏମ) ଏଚ ଆଣ୍ଡ ଏ , ସ୍ମେଲ୍ଟର୍ , ପ୍ରସନ୍ନ କୁମାର ସାହୁ, (ଜି ଏମ) ଏଚ୍ ଆଣ୍ଡ ଏ (ସିପିପି), ଶତ୍ରୁଘ୍ନ ନାଏକ, ଚେୟାରମ୍ୟାନ ବାବା ସାଏବ ଆମ୍ବେଦକର ଫାଉଣ୍ଡେସନ, ଅନୁଗୋଳ ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ପୂର୍ବ ଉପକୂଳ ଶ୍ରମିକ ସଂଘରେ ମିଶିଲେ ଏଏମ୍ଏନ୍ଏସ ର ୧୨ ଶହ ଶ୍ରମିକ



**ପାରାଦୀପ,(ମହାଭାରତ) :** ଆର୍ସେଲର ମିତ୍ତଲ ଆଣ୍ଡ ନିପ୍ପନ ଷ୍ଟିଲ (ଏଏମଏନଏସ) କମ୍ପାନୀରେ କାର୍ଯ୍ୟ କରୁଥିବା ପ୍ରାୟତଃ ୧୪ ଶହ ଶ୍ରମିକଙ୍କ ମଧ୍ୟରୁ ପାଖାପାଖି ୧୨ ଶହ ଶ୍ରମିକ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱାଧୀନ ପୂର୍ବ ଉପକୂଳ ଶ୍ରମିକ ସଂଘରେ ବିଧିବଦ୍ଧ ଭାବେ ସାମିଲ ହୋଇ ଏଏମଏନଏସ କାରଖାନା ନିକଟସ୍ଥ ଆଖଣ୍ଡଳମଣି ମନ୍ଦିର ପାର୍ଶ୍ୱରେ ଅଗଷ୍ଟ ୨୩ ତାରିଖ ଶୁକ୍ରବାର ସନ୍ଧ୍ୟାରେ ଏକ ସାଧାରଣ ସଭା କରି ନିଜର ଶକ୍ତି ପ୍ରଦର୍ଶନ କରିଥିଲେ । ୨୦୦୬ ମସିହାରେ କାରଖାନା ପ୍ରତିଷ୍ଠା ପାଇଁ ନୂଆଗଡ ପଞ୍ଚାୟତ ଏବଂ ଆଖପାଖ କିଛି ପଞ୍ଚାୟତର ଲୋକଙ୍କ ଜମି ଅଧିଗ୍ରହଣ କରି ଏସଆର କମ୍ପାନୀ ପ୍ରଥମେ ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିଥିଲା । ୨୦୨୦ ମସିହାରେ ଏସଆର ଠାରୁ ମିତ୍ତଲ କମ୍ପାନୀ ଏଏମଏନଏସ ନାମରେ ଏହି ପ୍ଲାଣ୍ଟ କୁ କିଣି ନେଇଥିଲା । ସ୍ଥାନୀୟ ଲୋକ ଜମି ଦେଇ ଆଶା କରିଥିଲେ ଯେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ରେ ଲୋକ ଜମି ଦେଇ ଉଚ୍ଚ ଦରମାରେ ଚାକିରୀ କଲାଭଳି ଆମ୍ଭେ ମଧ ଏଠି ସେହି ସୁବିଧା ପାଇବୁ । କିନ୍ତୁ ଦୁର୍ଭାଗ୍ୟ ର ବିଷୟ ଲୋକଙ୍କର ଆଶା ଆଶାରେ ହିଁ ରହିଗଲା । ଦୀର୍ଘ ୧୮ ବର୍ଷ ହେବ ସ୍ଥାନୀୟ ଲୋକ ଚାକିରୀ ପାଇ ୧୫/୨୦ ହଜାର ଅଧିକ ଦରମା ପାଇପାରୁ ନାହାନ୍ତି । ସେଥିରେ ପୁଣି ପ୍ରତିବାଦ କଲେ ବର୍ଷ ବର୍ଷ କାମ କରିଥିବା ଶ୍ରମିକଙ୍କୁ ଅନ୍ୟାୟ ଭାବେ ଚାକିରୀରୁ ଛଟେଇ କରାଯାଉଛି । ଏହିସବୁ କାରଣରୁ ନିଜ ସ୍ୱାର୍ଥ ହାସଲ ପାଇଁ ପୂର୍ବ ଉପକୂଳ ଶ୍ରମିକ ସଙ୍ଘକୁ ଭରସା କରି ଶ୍ରମିକ ମାନେ ଏଥିରେ ସାମିଲ ହୋଇ ସାଧାରଣ ସଭାରେ ନିଜର କ୍ଷୋଭ ପ୍ରକାଶ କରିଥିଲେ । ସଙ୍ଘ ସଭାପତି ପ୍ରକାଶ ତ୍ରିପାଠୀ ଆଗାମୀ ଦିନରେ ତିନୋଟି ଦାବୀକୁ ନେଇ ସମଗ୍ର ପାରାଦୀପ ର ଶ୍ରମିକ ମାନଙ୍କୁ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ । ଏହି ଦାବୀ ମଧ୍ୟରେ ପ୍ରଥମରେ ସମାନ କାମକୁ ସମାନ ଦରମା, ଦ୍ୱିତୀୟରେ ଶ୍ରମିକ ମାନଙ୍କୁ ଅନ୍ୟାୟ ଭାବେ ଛଟେଇ ବନ୍ଦ କରାଯିବା ଏବଂ ଶ୍ରମିକ ଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ପାରାଦୀପରେ ଏକ ଅତ୍ୟାଧୁନିକ ଇଏସଆଇ ମେଡିକାଲ ସ୍ଥାପନ କରିବା ଦାବିକୁ ପୂରଣ କରିବାକୁ ନେଇ ଆଗାମୀ ଦିନରେ ଜୋରଦାର ଲଢେଇ କରିବାକୁ ଆହ୍ୱାନ ଦିଆଯାଇଥିଲା । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସାଧାରଣ ସମ୍ପାଦକ ଶ୍ରମିକ ନେତା ଅଭିମନ୍ୟୁ ବେହେରା, କାର୍ଯ୍ୟକାରୀ ସଭାପତି ସୁବ୍ରତ କୁମାର ପ୍ରଧାନ, ମୁଖ୍ୟ ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂ, ସମ୍ପାଦକ ଦିଲ୍ଲୀପ ବଳିୟାରସିଂହ, ପ୍ରଦୀପ ସାହୁ, ହେମନ୍ତ ମହାନ୍ତି, ଦିଗନ୍ତ ରଥ ପ୍ରମୁଖ ଉପସ୍ଥିତ ରହି ଶ୍ରମିକଙ୍କ ହକ ହାସଲ ପାଇଁ ସଂଗ୍ରାମର ଏହି ମହାକୁମ୍ଭରେ ସମସ୍ତ ଶ୍ରମିକ ଏକାଠି ହେବାକୁ ମଞ୍ଚରୁ ଆହ୍ୱାନ ଦେଇଥିଲେ । ସଭା ପୂର୍ବରୁ ନେତା ମାନଙ୍କୁ ଏଏମଏନଏସ ଫାଟକ ପାଖରୁ ଶ୍ରମିକ ମାନେ ଏକ ବିରାଟ ଶୋଭାଯାତ୍ରାରେ ମଞ୍ଚ ସ୍ଥଳକୁ ପାଛୋଟି ନେଇଥିଲେ । ଏହି ଅବସରରେ ଶ୍ରମିକ ମାନେ ବେସ ଉତ୍ସାହିତ ଥିବାର ଦେଖିବାକୁ ମିଳିଥିଲା ।

## କୁର୍ଲୁମୁଣ୍ଡା ପ୍ରକଳ୍ପ ହିଁ ଗ୍ରାମବାସୀଙ୍କ ସାହା ଭରଷା



**କଳାହାଣ୍ଡି, (ମହାଭାରତ):** କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ବ୍ଲକ ଅଧିନ ଦୁନ୍ଦେଲମାଲ ପଞ୍ଚାୟତ ଏକ ଆଦିବାସୀ ବହୁଳ ଅଣ ଜଳସେଚିତ ପଞ୍ଚାୟତ ଅଟେ। ଜିଲ୍ଲାର ଜୀବନରେଖା କୁହାଯାଉଥିବା ଇନ୍ଦ୍ରବତୀ ବହୁମୁଖି ଜଳସେଚନ ପ୍ରକଳ୍ପ ଦ୍ୱାରା ବ୍ଲକର ସିଂହଭାଗ ପଞ୍ଚାୟତ ଜଳସେଚିତ ହୋଇଥିଲେ ମଧ ଏଥିରୁ ବାଦ୍ ପଡ଼ିଛି ଦୁନ୍ଦେଲମାଲ ଗ୍ରାମ ପଞ୍ଚାୟତ । ସଂପୃକ୍ତ ପଞ୍ଚାୟତର ଏକ ମାତ୍ର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କୁର୍ଲୁମୁଣ୍ଡା ଉପେକ୍ଷିତ ହୋଇ ରହିଥିବା ଯୋଗୁଁ ଏହା ଲୋକଙ୍କ କାମରେ ଆସିପାରୁନାହି। କଟିଙ୍ଗପଦର୍ ରାଜସ୍ୱ ଗ୍ରାମର ରାବଣ ପାହାଡ ତଳେ ଏହି ପ୍ରକଳ୍ପ ରହିଛି । ପ୍ରକଳ୍ପର କେନାଲ କାମ ଗାଁ ପର୍ଯ୍ୟନ୍ତ ଆସିଥିଲେ ମଧ ଗ୍ରାମର ଅଦ୍ୟାବଦି ମଧ ଚାଷଜମିକୁ ଜଳସେଚନ ହୋଇ ପାରୁନାହିଁ। ଏହି ପ୍ରକଳ୍ପକୁ ସଠିକ୍ ଢଙ୍ଗରେ ନିର୍ମାଣ କରାଗଲେ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଗଲେ ଅନ୍ତତଃ ଗ୍ରାମର ଶତାଧିକ ଏକର ଜଳସେଚିତ ହୋଇପାରନ୍ତା। ପ୍ରକଳ୍ପର ପୂର୍ଣ୍ଣ କାର୍ଯ୍ୟକ୍ଷମ ପାଇଁ ବିଭିନ୍ନ ସମୟରେ ଗ୍ରାମବାସୀ ଶାସନ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ, ଅଦ୍ୟାବଦୀ ମଧ ସୁଫଳ ପାଇପାରି ନାହାଁନ୍ତି। ଯାହା ଫଳରେ ଏହି ଆଦିବାସୀ ଅଧୁଷିତ ପଞ୍ଚାୟତ ସ୍ୱାଧୀନତାର ଦୀର୍ଘ ବର୍ଷପରେ ମଧ ଅଣଜଳସେଚିତ ହୋଇ ରହିଛି। ଉକ୍ତ ପ୍ରକଳ୍ପକୁ ପୁନଃ କାର୍ଯ୍ୟକ୍ଷମ କରି ଜଳସେଚିତ କରିବା ପାଇଁ ଗ୍ରାମବାସି ଦାବି କରିଛନ୍ତି।

## ବିଭିନ୍ନ ଗାଁରେ ମାତିଛନ୍ତି ଛେଳି ଚୋର

**କୋକସରା,(ମହାଭାରତ) :** କୋକସରା ବ୍ଲକ ଆମପାଣି ଥାନା ଅଞ୍ଚଳର ବିଭିନ୍ନ ଗାଁରେ ଗତ କିଛିଦିନ ହେଲା ରାତି ଅଧରେ ଛେଳି ଚୋରି ହେଉଥିବା ଖବର ସାମ୍ନାକୁ ଆସିଛି। ଶୁକ୍ରବାର ବିଳମ୍ବିତ ରାତିରେ ଥାନା ଅଧିନ ବରାଡଙ୍ଗା ଗ୍ରାମର ମୋହନ ରାଉତଙ୍କ ଘରୁ ଦୁଇ ଗୋଟି ଛେଳି ଚୋରି ହୋଇଥିବା ଜଣାପଡିଛି। ଏନେଇ ଛେଳି ମାଲିକ ଥାନାରେ କୌଣସି ଅଭିଯୋଗ କରି ନଥିବା ଥାନା ସୂତ୍ରରୁ ସୁଚନା ମିଳିଛି। ସେହିପରି ଗତ କିଛିଦିନ ତଳେ ଆମପାଣି ପଞ୍ଚାୟତ କନ୍ଦାଗଡ଼ ଗ୍ରାମର ଆଶାରାମ ମାଝୀ ଓ ଚିତ୍ର ସିନ୍ଧୁ ନାଏକ ଘରୁ ମଧ ଦୁଇ ପଟ ଲେଖାଏଁ ଛେଳି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଭୁର୍ଷାଗୁଡା ଗ୍ରାମର ବସନ୍ତ ଧଙ୍ଗଡାମାଝୀ ଘରୁ ୪ ଗୋଟି ଛେଳି ଚୋରି ହୋଇଥିବା ଜଣାପଡିଛି। ତେବେ ବସନ୍ତ ଅନ୍ୟ ଜଣେ ଲୋକଙ୍କ ଠାରୁ ଛେଳି ଆଣି ନିଜ ଘରେ ରଖି ଚରାଉ ଥିଲେ। ଅଞ୍ଚଳର ବିଭିନ୍ନ ଗ୍ରାମରେ କ୍ରମାଗତ ଛେଳି ଚୋରି ବୃଦ୍ଧି ହେଉଥିବା ଖବର ସାମ୍ନାକୁ ଆସିବା ପରେ ଚୋରି ଭୟରେ ମାଲିକ୍ ମାନେ ଗୁହାଳରେ ନରଖି ନିଜ ଶୋଇବା ଖଟ ତଳେ ଛେଳିକୁ ବାନ୍ଧି ରଖୁଥିବା ଜଣାପଡିଛି। ଚୋର ମାନେ ବିଳମ୍ବିତ ରାତିରେ ଏକ କାର ଯୋଗେ ଆସି ଚୋରି କରି ଫେରାର ମାରୁଥିବା ବିଭିନ୍ନ ଗ୍ରାମର ଲୋକେ କହିଛନ୍ତି। କିଛିଦିନ ପରେ ଗଣପର୍ବ ନୂଆଖାଇ ରହିଛି, ତେବେ ଏହି ପର୍ବ ସମୟରେ ମାଲିକ ମାନେ ଛେଳି ବିକ୍ରୀ କରି ଭଲ ଦୁଇ ପଇସା ରୋଜଗାର କରିଥାନ୍ତେ। କିନ୍ତୁ ଏବେ ଅଞ୍ଚଳରେ ଛେଳି ଚୋରି ଖବର କ୍ରମାଗତ ଆସୁଥିବାରୁ ଚୋରି ଭୟରେ ଲୋକେ ଘରେ ନରଖି ଶୀଘ୍ର ଶୀଘ୍ର ଛେଳି ମେଣ୍ଢା ଗୁଡିକୁ ବିକି ଦେଉଥିବା ଜଣାପଡିଛି। ଅନ୍ୟପଟେ ପୋଲିସ ପ୍ରଶାସନ ପକ୍ଷରୁ କଡ଼ାକଡ଼ି ପେଟ୍ରୋଲିଂ କରିବା ପାଇଁ ସାଧାରଣରେ ଦାବୀ ହୋଇଛି। ଏନେଇ ଆମପାଣି ଥାନା ଅଧିକାରିଣୀ ବିଜୟଲକ୍ଷ୍ମୀ ହିକକାଙ୍କୁ ପଚାରିବାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଛେଳି ଚୋରି ନେଇ କୌଣସି ଅଭିଯୋଗ ଆସି ନଥିବା କହିଛନ୍ତି।

## ବିଭିନ୍ନ ସ୍ଥାନରେ ଚଢ଼ାଉ ମଦ ଜବତ



**ପାଟଣା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲା ଆରକ୍ଷୀକ ଅଧିକାରୀ ବେଣୁଧର ସାମଲଙ୍କ ନିର୍ଦ୍ଦେଶ କ୍ରମେ ପାଟଣା ଅବକାରୀ ଥାନା ଅଧିକାରୀ ପ୍ରିୟମ୍ବୀତା ଓଝାଙ୍କ ନେତୃତ୍ୱ ରେ ସାହାରପଡା ବ୍ଲକ ଭାଲିଆଡ଼ିହା ଓ ପିଙ୍ଗୁ ପାଟଣା ଅଞ୍ଚଳ ର ବିଭନ୍ନ ସ୍ଥାନ ଚୋରା ମଦ ବିକ୍ରି ସହିତ ମଦ ପ୍ରସ୍ତୁତି ଭାଟି ଗୁଡିକ ଉପରେ ଚଢ଼ାଉ କରି ୬୮୦ ଲିଟର ଦେଶୀ ମହୁଲି ମଦ ଜବଦ ସହ ୬ହଜାର ୫୦କିଗ୍ରା ପୋଚ ନଷ୍ଟ କରାଯିବା କରାଯାଇ ଛି । ଏହା ବିଭିନ୍ନ ସ୍ଥାନରେ ମଦ ତିଆରି ସ୍ଥାନରେ ମଦ ପ୍ରସ୍ତୁତି ସାମଗ୍ରୀ ହାଣ୍ଡି, ଦେକିଚି ଅବକାରୀ ବିଭାଗ ଜବତ କରିଥିବା ବେଳେ ଏଥିରେ ଅବକାରୀ ବିଭାଗ କାହାରି କୁ ଗିରଫ କରି ନାହିଁ । ପାଟଣା ଅବକାରୀ ବିଭାଗ ର ଚଢ଼ାଉ ରେ ଅତିରକ୍ତ ଅବକାରୀ ଅଧିକାରୀ ପ୍ରଶାନ୍ତ ପରିଡା,ଅବକାରୀ କନେଷ୍ଟବଳ ସୁନାରାମ ଟୁଡୁ ,ସଞ୍ଜିତ କୁମାର ସ୍ୱାଇଁ,ଗୀତାଞ୍ଜଳି ଭୋଇ ପ୍ରମୁଖ ଚଢ଼ାଉ ରେ ସାମିଲ ଥିଲେ ।



# ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଅଜଣା ଗାଡି ଧକ୍କାରେ ପଥଚାରୀଙ୍କ ମୃତ୍ୟୁ,

ବଅଁରପାଳ,(ମହାଭାରତ): ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ଅଞ୍ଚଳରେ ଦିବ୍ୟ ଦର୍ଶନ ଶିଶୁ ମନ୍ଦିର ସମ୍ମୁଖ ୫୫ନମ୍ବର ଜାତୀୟ ରାଜପଥ ରେ ଅଜଣା ଗାଡି ଧକ୍କାରେ ବୃଦ୍ଧ ପଥଚାରୀଙ୍କ ମୃତ୍ୟୁ ଘଟିଛି। ମୃତ ପଥଚାରି ହେଲେ ରବିନ୍ଦ୍ର ବାରିକ। ସେ ବଅଁରପାଳ ତଳସାହି ର ବୋଲି ଜଣାପଡିଛି। ପୋଲିସ ପକ୍ଷରୁ ସୂଚନା ଅନୁଯାୟୀ ଭୋର୍ ପ୍ରାୟ ୪ ଘଟିକା ସମୟରେ କୌଣସି ଏକ ଅଜଣା ଗାଡି ଧକ୍କାରେ ରବୀନ୍ଦ୍ର ଗୁରୁତର ହୋଇ ରାସ୍ତା ପାର୍ଶ୍ୱରେ ପଡି ରହିଥିଲେ।ସ୍ଥାନୀୟ ଜନସାଧାରଣ ୧୦୮ ଆମ୍ବୁଲାନ୍ସ କୁ ଯୋଗାଯୋଗ କରିବା ପରେ ମଧ ଆମ୍ବୁଲାନ୍ସ ପହଞ୍ଚି ପାରିନଥିଲା, ପ୍ରାୟ ୨ଘଣ୍ଟା ଅପେକ୍ଷା ପରେ ବଅଁରପାଳ ପୋଲିସ ପହଞ୍ଚି ଏକ ଅଟୋ ମାଧ୍ୟମରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟ କୁ ନେଇଥିଲେ। ଚିକିତ୍ସାଧିନ ଥିବାବେଳେ ରବିନ୍ଦ୍ର ଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଅତି ଗରିବ ଶ୍ରେଣି ର ହୋଇଥିବାରୁ ରବିନ୍ଦ୍ର ଙ୍କ ଶେଷକୃତ୍ୟ ପାଇଁ ସକ୍ଷମ ହୋଇନଥିଲେ। ଏଥିନେଇ ଚିକିତ୍ସାଳୟ ରୁ ସମାଜସେବୀ ଚିନ୍ମୟୀ ଦାସଙ୍କୁ ଯୋଗାଯୋଗ କରିଥିଲେ। ସମାଜସେବୀ ଚିନ୍ମୟୀ ଓ ସାମ୍ବାଦିକ ସୁଧାକର ସାହୁ ଓ ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ, କାଣ୍ଡସର ର ସଦସ୍ୟ ମାନେ ଚିକିତ୍ସାଳୟ ରେ ପହଞ୍ଚି ମୃତଦେହ କୁ କରଡ଼ଗାଡ଼ିଆ ଶ୍ମଶାନ କୁ ନେଇ ପରିବାରବର୍ଗ ଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଇଥିଲେ।

## ଉତ୍କଳ ଆଲୁମିନାରେ ରକ୍ତଦାନ ଶିବିର




ରାୟଗଡା(ମହାଭାରତ): ଆଦିତ୍ୟ ବିର୍ଲା ଗ୍ରୁପ୍ର ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଏକ ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ତାହାର ସିଏସ୍ଆର ପ୍ରୟାସ ଅଧୀନରେ ସଫଳତାର ସହିତ ଏକ ରକ୍ତଦାନ ଶିବିର ଆୟୋଜନ କରିଥିଲା, ଯାହା ଉଲ୍ଲେଖନୀୟ ଭାବରେ ସଫଳ ହେବା ସହିତ ସେଥିରେ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ବହୁ ସଂଖ୍ୟାରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଶ୍ରୀ ରବି ମିଶ୍ର, ୟୁନିଟ ହେଡ୍, ଉତ୍କଳ ଆଲୁମିନା ଏବଂ ବିଶିଷ୍ଟ ଅତିଥି ଶ୍ରୀ ଭାସ୍କର ରଇତ, ଓଏଏସ୍ (ଏସ୍‌ଏଜି), ଆଡିସନାଲ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ (ଏଡିଏମ୍) ରାୟଗଡା, ଶ୍ରୀ ଫିରୋଜ କୁଲରୁ, ସିଆରପିଏଫ୍ କମାଣ୍ଡାଣ୍ଟ, ରାୟଗଡା, ଶ୍ରୀ ଅମୃତ ରାଓଲା, ଓଏଏସ୍, ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ), କାଶୀପୁର, ଶ୍ରୀ ଜଗବନ୍ଧୁ ମାଝୀ, ସରପଞ୍ଚ ଟିକିରି ଏବଂ ଶ୍ରୀମତୀ ଲୋପାମୁଦ୍ରା ମିଶ୍ର, ସିଏସ୍ଆର ହେଡ୍, ଉତ୍କଳ ଉଦ୍ଘାଟନ କରିଥିଲେ।ଶ୍ରୀ ଜଗବନ୍ଧୁ ମାଝୀ, ସରପଞ୍ଚ ଟିକିରି, ଶ୍ରୀ ଯଦୁ ମାଝୀ, ସରପଞ୍ଚ ହାଡିଗୁଡା, ଶ୍ରୀ ବଙ୍ଗାରୀ ମାଝୀ, ସରପଞ୍ଚ କୁଚେଇପଦର ଏବଂ ଉତ୍କଳ ଆଲୁମିନା କର୍ମଚାରୀ ୟୁନିୟନ୍ର ସଦସ୍ୟଗଣ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରକାଶ କରି ଶ୍ରୀ ରବି ମିଶ୍ର ଗୁରୁତ୍ୱ ଦେଇ କହିଥିଲେ ଯେ ପ୍ରତ୍ୟେକ ୟୁନିଟ୍ ରକ୍ତର ତିନିଟି ଜୀବନ ବଞ୍ଚାଇବା ସାମର୍ଥ୍ୟ ରହିଛି, ଏବଂ ସମସ୍ତ ଉପସ୍ଥିତ ବ୍ୟକ୍ତି ରକ୍ତଦାନ ଶିବିରରେ ଅଂଶଗ୍ରହଣ କରି ଆଗ୍ରହର ସହିତରକ୍ତଦାନ କରିବାକୁ ନିବେଦନ କରିଥିଲେ ଏଡିଏମ୍ ରାୟଗଡା ଏହି ପ୍ରୟାସକୁ ପ୍ରଶଂସା କରିବା ସହିତ ଏହାର ଗୋଷ୍ଠୀ ଉପରେ ସକାରାତ୍ମକ ପ୍ରଭାବ ପଡୁଥିବା ଉଲ୍ଲେଖ କରି ଏଭଳି ମହତ୍ ଉଦ୍ଦେଶ୍ୟ ନିମନ୍ତେ ନିଜର ସମର୍ଥନ ରହିଥିବା ପ୍ରକାଶ କରିଥିଲେ । ବିଡିଓ ସମାନ ବକ୍ତବ୍ୟରଖୁବା ସହିତ ଏହି ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ଏହିଭଳି ଅଧିକରୁ ଅଧିକ ଗୋଷ୍ଠୀ ଦ୍ୱାରା ପରିଚାଳିତ ପ୍ରୟାସସମୂହକୁ ଉତ୍ସାହିତ କରିଥିଲେ । ଅନୁରୂପ ଭାବରେ ସିଆରପିଏଫ୍ ସହଭାଗୀତା ଏବଂ ଏଥିରେ ସଂପୃକ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କର ରକ୍ତଦାନ କରିବାର ଆଗ୍ରହକୁ ପ୍ରଶଂସା କରିଥିଲେ ଶ୍ରୀମତୀ ଲୋପାମୁଦ୍ରା ମିଶ୍ର, ସିଏସଆର ହେଡ୍ ଅବଦାନ ରଖୁଥିବା ସମସ୍ତ ବ୍ୟକ୍ତି ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ନିମନ୍ତେ ଧନ୍ୟବାଦ ଜଣାଇଥିଲେୟ ଅଂଶଗ୍ରହଣକାରୀମାନଙ୍କର ସାମଗ୍ରିକ ଉଦ୍ୟମ ଏବଂ ପ୍ରତିବଦ୍ଧତା ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ, ଯାହା ଏହିଭଳି କାର୍ଯ୍ୟକ୍ରମର ସଫଳତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖେ । ଏହି ଶିବିର ବିଶାଳ ସଫଳତା ହାସଲ କରିଥିଲା ଏବଂ ଏଥିରେ ୧୫୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ଏସଜି କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱାଗତୋତ୍ସବ

ଦଶରଥପୁର (ମହାଭାରତ ): ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ଥ ସାଧୁଗୌରେଶ୍ୱର ମହାବିଦ୍ୟାଳୟ (ଏସଜି କଲେଜ ) ରେ ଆଜି ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ +୩ ପ୍ରଥମ ବର୍ଷ ସମ୍ମାନ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ମନୋଜ୍ଞ ପରିବେଶ ମଧ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । + ୩ ଦ୍ୱିତୀୟ ଓ ତୃତୀୟ ବର୍ଷ ସମ୍ମାନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ନିକୁଞ୍ଜ ବିହାରି ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ଗଣିତ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଉଜ୍ଜଳକାନ୍ତ ଦାସ ଯୋଗଦେଇ ନୂତନ ଛାତ୍ର ଛାତ୍ରୀ ମାନଙ୍କୁ ଉଚ୍ଚ ଶିକ୍ଷା ସମାପନ ପରେ ସମାଜରେ ଜଣେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ ଉତ୍ସବର ପ୍ରାରମ୍ଭରେ ଅଧ୍ୟକ୍ଷ ନିକୁଞ୍ଜ ବିହାରି ମହାପାତ୍ର ପ୍ରଦୀପ ପ୍ରଜ୍ଜଳନ କରିଥିବା ବେଳେ ବିଭାଗର ଛାତ୍ର ସଇଳେନ୍ଦ୍ର କୁମାର ଜେନା ଓ ଛାତ୍ରୀ ସମୀକ୍ଷା ଦାସଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ପ୍ରାଣୀ ବିଜ୍ଞାନର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଦେବି ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ସମସ୍ତ ୨୪ ଜଣ ନୂତନ ସମ୍ମାନ ଛାତ୍ର ଛାତ୍ରୀଙ୍କୁ ପାଠଚକ୍ର ତରଫରୁ ସ୍ୱାଗତ କରିଥିଲେ। ପାଠଚକ୍ରର ସମ୍ପାଦିକା ହୀରାନ୍ଧି ରାୟ, ସହସମ୍ପାଦିକା ପ୍ରିତିପ୍ରଜ୍ଞା ଦାସ, ଶୁଭଲକ୍ଷ୍ମୀ ଶତପଥି ଓ ସହସମ୍ପାଦକ ଦେବି ପ୍ରସାଦ ସାହୁ ନୂତନ ସମ୍ମାନର ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ କରିବା ସହ କର୍ତ୍ତବ୍ୟ ପରାୟଣ ଓ ସମୟାନୁବର୍ତ୍ତିତା ହେବାକୁ ଆହ୍ୱାନ ଦେଇଥିଲେ ପ୍ରାଣୀ ବିଜ୍ଞାନ ପାଠଚକ୍ରର ଅନ୍ୟତମ ସହ ଉପଦେଷ୍ଟା ଅଧ୍ୟାପକ ସୋମନାଥ ସିଂ, ଅଧ୍ୟାପିକା ପ୍ରିୟଦର୍ଶିନୀ ଦାସ, ଡ଼ଃ ବିକାଶ କୁମାର ମହାନ୍ତି, ଓ ପୀତବାସ ପଣ୍ଡା ନୂତନ ସମ୍ମାନ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଉତ୍ସବ ଶେଷରେ ନୂତନ ଛାତ୍ର ଛାତ୍ରୀଙ୍କ ମଧ୍ୟରେ +୩ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀ ଅର୍ପିତା ପ୍ରିୟଦର୍ଶନୀ ପାତ୍ର, ସମ୍ବିତ ଶୁଭଙ୍କର ଦାସ, ଯାଜ୍ଞସେନୀ ସେଠୀ, ସୋମନାଥ ସାହୁଙ୍କ ପ୍ରଯୋଜନାରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେବି ପ୍ରସାଦ ସାହୁ ଓ ଶିଳ୍ପା ପ୍ରିୟଦର୍ଶିନୀ ସାହୁ ଯଥାକ୍ରମେ ମିଷ୍ଟର ଓ ମିସ ଫ୍ରେସର ରୂପେ ବିବେଚିତ ହୋଇ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଦେବି ପ୍ରସାଦ ସାହୁ ଓ ଅଧ୍ୟାପିକା ପ୍ରିୟଦର୍ଶିନୀ ଦାସଙ୍କ ଠାରୁ ସ୍ୱତନ୍ତ୍ର ପୁରସ୍କାର ଗ୍ରହଣ କରିଥିଲେ । ଉତ୍ସବ ଶେଷରେ ପାଠଚକ୍ରର ସମ୍ପାଦିକା ହିରାନ୍ଧି ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ବିଶାଖା ସୁତାର, ଚନ୍ଦନା ମଲ୍ଲିକ, ମନୀଷା ମଲ୍ଲିକ, ଲଳିତ କୁମାର ବେହେରା ଓ ମମତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନୟାଗଡ଼ ଦଶପଲ୍ଲା ଠାରେ ବ୍ରେକ୍ ଥ୍ରୋ ହେଲା ରେଲୱେ ଟନେଲ୍

# ୨୦୨୬ ସୁଧା ସରିବ ଦଶପଲ୍ଲା ରୁ ବାଣିଗୋଛା ମଧ୍ୟରେ ଥିବା ୩ଟି ଟନେଲ୍ କାର୍ଯ୍ୟ



ଦଶପଲ୍ଲା, ( ମହାଭାରତ ) : ଖୋର୍ଦ୍ଧା-ବଲାଙ୍ଗୀର ରେଳ ସଂଯୋଗରେ ରେଲୱେ ବିଭାଗ କୁ ମିଳିଛି ଆଉ ଏକ ସଫଳତା। ବୌଦ୍ଧ ପରେ ନୟାଗଡ଼ ଦଶପଲ୍ଲା ଷ୍ଟେସନ ନିକଟରେ ପ୍ରଥମ ଟନେଲର ବ୍ରେକ୍ ଥ୍ରୋ ହୋଇଛି। ଦଶପଲ୍ଲା ରୁ ବାଣୀଗୋଛାକୁ ସଂଯୋଗ କରୁଥିବା ପ୍ରଥମ ଟନେଲ ୮୦୦ ମିଟର ରାସ୍ତାର ବ୍ରେକ୍ ଥ୍ରୋ ହୋଇଛି। ରେଳ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ପ୍ରଥମ ଟନେଲର ବ୍ରେକ୍ ଥ୍ରୋ ହୋଇଛି। ସାତ ମାସ ମଧ୍ୟରେ ଟନେଲ କାର୍ଯ୍ୟ ୯୫% ପ୍ରତିଶତ ଶେଷ ହୋଇଥିବା ରୁ ଉତ୍ସାହିତ ହୋଇଛନ୍ତି ଟନେଲ କାର୍ଯ୍ୟରେ ନିୟୋଜିତ ଇଞ୍ଜିନିୟର, ଶ୍ରମିକ ଏବଂ ରେଳ ବିଭାଗର ଅଧିକାରୀୟ ୨୦୨୬ ସୁଦ୍ଧା ଦଶପଲ୍ଲା ରୁ ବାଣୀଗୋଛାକୁ ସଂଯୋଗ କରୁଥିବା ଟ୍ରେନ ଲାଇନ୍ ର ତିନୋଟି ଯାକ ଟନେଲ କାମ ଶେଷ ହେବା ବୋଲି ରେଳ ବିଭାଗ ପକ୍ଷରୁ କୁହାଯାଇଛି। ଦଶପଲ୍ଲା ଷ୍ଟେସନ ନିକଟରେ ଥିବା ପ୍ରଥମ ଟନେଲ୍ ନିର୍ମାଣ କାର୍ଯ୍ୟ ୯୫% ପ୍ରତିଶତ ଶେଷ ହୋଇଥିବାରୁ ଅନ୍ୟ ଦୁଇଟି ଟନେଲର କାମ ଦୃତ ଗତିରେ ଚାଲିଥିବା ରେଳ ବିଭାଗ ପକ୍ଷରୁ କୁହାଯାଇଛି। ରେଳ ବିଭାଗ ପକ୍ଷରୁ କୁହାଯାଇଛି ଦଶପଲ୍ଲାରୁ ବାଣିଗୋଛା ମଧ୍ୟରେ ରହିଛି ୩ ଟନେଲୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ ହେବାରେ ଆଗେଇ ଚାଲିଛି। ଏଥିପାଇଁ କୋଟିକୋଟି ଟଙ୍କା ବ୍ୟୟବରାଦ ହେଉଛି। ଆସନ୍ତା ୨୦୨୬ ଡିସେମ୍ବର ସୁଦ୍ଧା ଏହି ରେଳପଥ ଖୋର୍ଦ୍ଧା ରୋଡ଼ ଠାରୁ ବଲାଙ୍ଗୀରକୁ ସ୍ୱାଭାବିକଭାବେ ହେବାନେଇ ଘୋଷଣା ରେଳ ବିଭାଗ ପକ୍ଷରୁ କରାଯାଇଛି। ଗୋଟିଏ ପଟେ ରେଳ ପ୍ରକଳ୍ପ କାର୍ଯ୍ୟ ଯଦିଓ ତବରିତ ବେଗରେ ଆଗେଇ ଚାଲିଛି ଏଥିରେ ପ୍ରତିବନ୍ଧକ ସାଜିଛି ଟନେଲ ନିର୍ମାଣ କାର୍ଯ୍ୟୟ କାରଣ ଦଶପଲ୍ଲାରୁ ବାଣୀଗୋଛା ମଧ୍ୟରେ ଜଙ୍ଗଲ ସହ ବଡ ବଡ ପାହାଡ଼ ରହିଥିବାରୁ ଟନେଲ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଖୋର୍ଦ୍ଧା ରୋଡ୍ ଠାରୁ ଦଶପଲ୍ଲା ମଧ୍ୟରେ କୌଣସି ଟନେଲ୍ ନଥିବା ହେତୁ ଚଳିତ ବର୍ଷ ଜାନୁଆରି ୬ ତାରିଖ ଦିନ ଦଶପଲ୍ଲା ପର୍ଯ୍ୟନ୍ତ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଛି। ଯାହାକି ଦଶପଲ୍ଲା ଠାରୁ ଦୈନିକ ରେଳ ଚଳାଚଳ ସ୍ୱଭାବକ ରହିଛି। ଏହା ମଧ୍ୟରେ ନୟାଗଡ଼ ଦଶପଲ୍ଲା ରୁ ବୌଦ୍ଧ ପୁରୁଣା କଟକ ୭୫ କିଲୋମିଟର ମଧ୍ୟରେ ମୋଟ ୭ଟି ଟନେଲ୍ ନିର୍ମାଣ ହେଉଥିବା ଜଣାପଡ଼ିଛି। ନୟାଗଡ଼ ଜିଲ୍ଲାର ଦଶପଲ୍ଲା ଠାରୁ ବାଣିଗୋଛା ମଧ୍ୟରେ ୩ଟି ଟନେଲ୍ ରହିଛି। ସର୍ବାଧିକ ଲମ୍ୱ ଥିବା ଟନେଲ୍ ବୌଦ୍ଧର ଆଡ଼େଣିଗଡ଼ ଠାରେ ପ୍ରାୟ ୪ କିମିରୁ ଉର୍ଦ୍ଧ ରହିଛି। ଏହା ମଧ୍ୟରେ ଦଶପଲ୍ଲା ଠାରୁ ବାଣିଗୋଛା ମଧ୍ୟରେ ରହିଥିବା ୩ଟି ଟନେଲ୍ ମଧ୍ୟରେ ପ୍ରଥମ ଟନେଲଟି ୮ ଶହ ମିଟର ରହିଥିବା ବେଳେ ଏହାର ଅନତି ଦୂରରେ ରହିଥିବା ଦ୍ୱିତୀୟ ଟନେଲ୍ର ଲମ୍ୱ ୧୭୭୫ ମିଟର ରହିଛି। ସେହିଭଳି ବାଣିଗୋଛା ନିକଟରେ ରହିଥିବା ତୃତୀୟ ଟନେଲର ଲମ୍ୱ ୨୬୨୦ ମିଟର ରହିଛି। ପ୍ରଥମ ଟନେଲ କାମ ସାତ ମାସ ମଧ୍ୟରେ ବ୍ରେକ୍ ଥ୍ରୋ ହୋଇଥିବାରୁ ଅନ୍ୟ ଦୁଇଟି ଟନେଲ ନିର୍ମାଣ କାର୍ଯ୍ୟ ରେ କାରିଗର ମାନଙ୍କ ମଧ୍ୟରେ ଉତ୍ସାହ ଦେଖିବା ପାଇଁ ମିଳିଛି। ଦଶପଲ୍ଲା ରୁ ବାଣୀଗୋଛା ପର୍ଯ୍ୟନ୍ତ ରହିଥିବା ୩ଟି ଟନେଲ ନିର୍ମାଣ ପାଇଁ ୨୦୨୩ ଜୁନ ୯ ତାରିଖ ଦିନ ଟେଣ୍ଡର୍ ହୋଇଥିବା ବେଳେ ଏହାକୁ ପୂର୍ଣ୍ଣାଙ୍ଗ ବା ଶେଷ କରିବା ପାଇଁ ୨୬ ମାସ ସମୟସୀମା ରହିଛି। ୩ ଟି ଯାକ ଟନେଲ କାର୍ଯ୍ୟ ଶେଷ ହେବାକୁ ପ୍ରାୟ ଆଉ ଦୁଇ ବର୍ଷ ସମୟ ଲାଗିଯିବ ବୋଲି କର୍ମଚାରୀ ମାନେ କହିଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ର ର ଅବ୍ୟବସ୍ଥା ଉପରେ ହେବ କାର୍ଯ୍ୟାନୁଷ୍ଠାନ :ସିଡ଼ିଏମଓ

କାକଟପୁର / ଅସ୍ତରଙ୍ଗ (ମହାଭାରତ): ମହାଭାରତ -ଦୀର୍ଘ ଦିନ ହେବ ଅସ୍ତରଙ୍ଗ କାକଟପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଅନେକ ଅନିୟମିତତା ସାମ୍ନା କୁ ଆସିଛି, ନିକଟରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଗୃହ ଗୁଡିକ ରି ଛେଲା ଛେଲା ସିମେଣ୍ଟ ପଲସ୍ତରା ଖସିବା, ଲଗାଣ ବର୍ଷା ରେ ପାଚେରୀ ଭୁଷୁଡ଼ି, ଡାକ୍ତର ଙ୍କ ଅଭାବ,ଅତ୍ୟାଧୁନିକ ପରୀକ୍ଷା ନହେବା, ନିରାମୟ ଔଷଧ ବଦଳରେ ରୋଗୀ ଙ୍କୁ ବାହାର କମ୍ପାନୀ ର ଦାମୀ ଦାମୀ ଔଷଧ ପ୍ରେସକ୍ରାଇବ କରିବା, ମେଡିକାଲ ଡ୍ୟୁଟି ସମୟ ରେ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ବିଭିନ୍ନ ବେସରକାରୀ ମେଡ଼ିସିନ କମ୍ପାନୀ ପ୍ରତିନିଧି ଙ୍କ ବାର୍ତ୍ତାଳାପ କାରଣ ରୁ ରୋଗୀ ପାଇଁ ସୃଷ୍ଟି ହେଉଥିବା ସମସ୍ୟା ଭଳି ଅନେକ ଛୋଟ ବଡ଼ ସମସ୍ୟା ସାମ୍ନା କୁ ଆସିଛି ଠିକ ସେହିପରି କାକଟପୁର ବ୍ଲକ ବାଙ୍ଗୁରୀ ଗାଁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଓ କାକଟପୁର ସ୍ୱାସ୍ଥ୍ୟ କେନ୍ଦ୍ର ର ଅବସ୍ଥା କହିଲେ ନସରେ, ଅସ୍ତରଙ୍ଗ ଭଳି ଏହି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭି ଅନୁରୂପ ପରିସ୍ଥିତି ସୃଷ୍ଟି ହେଇଛି,ଏହି ଚିକିତ୍ସା କେନ୍ଦ୍ର ରେ ଅନେକ ଅଭିଯୋଗ ଆସିଛି ଚିକିତ୍ସା ଅବହେଳା ରୁ ରୋଗୀ ଙ୍କ ମୃତ୍ୟୁ ମଧ ଘଟିଛି, ଡାକ୍ତର ଙ୍କ ବଦଳ ରେ ଏଠି ଫାର୍ମାସିଷ୍ଟ ରୋଗୀ ଦେଖିବା ଘଟଣା ଅନେକ ଦିନ ରୁ ଅଭିଯୋଗ ହୋଇ ଆସିଛି, ଅନେକ ସମୟ ରେ ବାଙ୍ଗୁରୀ ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଭ୍ରୁଣ ହତ୍ୟା ଭଳି ଜଘନ୍ୟ ଘଟଣା ମଧ ସାମ୍ନା କୁ ଆସିଛି, ଅନେକ ବ୍ୟକ୍ତି ବିଶେଷ ଙ୍କ ଅଭିଯୋଗ ମଧ ରହିଛି ଡାକ୍ତର ମାନେ ସେମାନଙ୍କ ଡ୍ୟୁଟି ସମୟ ଭିତରେ ବିଭିନ୍ନ ବେସରକାରୀ ସଂସ୍ଥା ରେ ରୋଗୀ ଦେଖିବାକୁ ଯାଉଛନ୍ତି ଯାହା ସମ୍ପୂର୍ଣ୍ଣ ରୂପେ ବେଆଇନ,ସରକାର ଙ୍କ ତରଫରୁ ଉଭୟ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଅନେକ ଆର୍ଥିକ ଅନୁଦାନ ଆସୁଥିବା ବେଳେ ସେହି ଅର୍ଥ କେଉଁ କାର୍ଯ୍ୟ ରେ ବିନିଯୋଗ ହେଉଛି କି ନାହି ତାହା ମଧ ଜଣାପଡୁନି, ଉଭୟ ବ୍ଲକ ର ସ୍ୱାସ୍ଥ୍ୟ କେନ୍ଦ୍ର ର ବିଭିନ୍ନ ସମସ୍ୟା କୁ ନେଇ ଗଣମାଧ୍ୟମ ପ୍ରତିନିଧି ମାନେ କାକଟପୁର ଗସ୍ତ ରେ ଆସିଥିବା ପୁରୀ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ ) ଶ୍ରୀଯୁକ୍ତ ରୁପଭାନୁ ମିଶ୍ର ଙ୍କୁ ପ୍ରଶ୍ନ କରାଯିବା ପରେ ସେ ଏହି ସବୁ ଘଟଣା ଉପରେ ତଦନ୍ତ କରିବା ସହ ସମସ୍ତ ସମସ୍ୟା ର ସମାଧାନ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି, ପରିଶେଷରେ ଯେଉଁ ଡାକ୍ତର ମାନେ ନିଜ ଡ୍ୟୁଟି ରେ ଅବହେଳା କରୁଛନ୍ତି ତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

## ପାରାଦୀପ ପୌରପାଳିକା ପକ୍ଷରୁ ସାମୁହିକ ବେଳାଭୂମି ସଫେଇ କାର୍ଯ୍ୟକ୍ରମ

ପାରାଦୀପ (ମହାଭାରତ) : ଆସନ୍ତା ଅଗଷ୍ଟ ୩୧ ତାରିଖ ସ୍ୱାୟତତ୍ତ ଶାସନ ଦିବସ ପାଳନ ଉପଲକ୍ଷେ ପାରାଦୀପ ପୌରପାଳିକା ପକ୍ଷରୁ ଦୀର୍ଘ ଏକମାସ ଧରି ପୌରାଞ୍ଚଳର ସମସ୍ତ ୧୯ ଟି ୱାର୍ଡ ରେ ସଫେଇ କାର୍ଯ୍ୟକ୍ରମ ଜାରି ରହିଛି ।ଏହି ପରିପ୍ରେକ୍ଷୀରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ନେତୃତ୍ୱରେ କଳିଙ୍ଗ ବାଲିଯାତ୍ରା ପଡିଆ ନିକଟସ୍ଥ ବେଳାଭୂମି ନିକଟରେ ଏକ ସାମୁହିକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଶନିବାର ଦିନ ସକାଳେ ଆୟୋଜିତ ହୋଇଯାଇଛି ।କାର୍ଯ୍ୟକ୍ରମ ପ୍ରାରମ୍ଭର ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ଙ୍କ ସଭାପତିତ୍ୱ ଆୟୋଜିତ ଏକ ସଭାରେ ପାରାଦୀପ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା,ଭାରତୀୟ ତଟ ରକ୍ଷୀ ଅଧିକାରୀ ଚନ୍ଦ୍ରମା ସିଂହ, ପାରାଦୀପ ମହାବିଦ୍ୟାଳୟ ଏନସିସି ଅଧିକାରୀ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର, ଗୋଆ କାର୍ବନ ଜିଏମ ବେନୁ ଗୋପାଳ ନାଇଡ୍ଡୁ, ବରିଷ୍ଠ ନାଗରିକ ଡ଼ଃ. କୈଳାଶ ମହାରଣା, ଏସିଇ କମର୍ସିଆଲ ଅଧିକାରୀ ଅକ୍ଷୟ ସୁତାର, ମନସା ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ବିଭିନ୍ନ ସଂଗଠର ସମସ୍ତ ସ୍ୱେଚ୍ଛାସେବୀ ମାନଙ୍କୁ ବେଳାଭୂମି ସ୍ୱଚ୍ଛତା ଉପରେ ଆଲୋକପାତ କରି ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ପୌରପାଳିକା ର ସମସ୍ତ ପାରିଷଦ ଓ କର୍ମଚାରୀ ଙ୍କ ସମେତ ପାରାଦୀପ ଗ୍ରୀନ ଟ୍ରଷ୍ଟ, ମନସା ଚାରିଟେବୁଲ ଟ୍ରଷ୍ଟ, ସତଭିକ ସୋଲ ଫାଉଣ୍ଡେସନ, ବାବା ବାଲୁଙ୍କେଶ୍ୱର, ନୀଳଚକ୍ର, ବିବେକାନନ୍ଦ ୟୁଥ କ୍ଲବ, ଆହ୍ୱାନ କମ୍ବାଇନ୍ସ, ଅସହାୟ କଲ୍ୟାଣ ସମିତି, ପାରାଦୀପ ନାଗରିକ ମଞ୍ଚ, ରୋଟାରୀ କ୍ଲବ, ପାରାଦୀପ ମହାବିଦ୍ୟାଳୟ ଏନସିସି କ୍ୟାଡେଟ, କୋଷ୍ଟ ଗାର୍ଡ, ଲଫିଙ୍ଗ କ୍ଲବ ଇତ୍ୟାଦି ସଂଗଠନ ଓ ଅନୁଷ୍ଠାନର ଶତାଧିକ ସ୍ୱେଚ୍ଛାସେବୀ ଯୋଗଦେଇ ସମୁଦ୍ର ବେଳା ଭୂମି ସଫେଇ କରିଥିଲେ ।ତେବେ ପାରାଦୀପ ପୌରପାଳିକା ଏବଂ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ଙ୍କ ଏପରି ଉଦ୍ୟମ କୁ ସାଧାରଣରେ ବେସ ପ୍ରଶଂସା କରାଯାଇଛି ।



## ବିଦ୍ୟାଳୟକୁ ଫେରିଲେ ଅଧାରୁ ପାଠ ଛାଡିଥିବା ବିଦ୍ୟାର୍ଥୀ

ବାଣପୁର :( ମହାଭାରତ )ବିଦ୍ୟାର୍ଥୀଙ୍କ ମୁଖରେ ହସ ଫୁଟାଇଲେ ବାଣପୁର ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ।ବିଚାରପତି ଶ୍ରୀ ମହାପାତ୍ରଙ୍କ ହସ୍ତକ୍ଷେପକ୍ରମେ ପୁନଶ୍ଚ ଶିକ୍ଷାଲାଭ କରିବାର ସୁଯୋଗ ପାଇଲେ ବାଣପୁର ଅଞ୍ଚଳର ଅଧାରୁ ପାଠ ଛାଡିଥିବା ୩ ଛାତ୍ରଛାତ୍ରୀ । ସୂଚନା ମୁତାବକ ବାଣପୁର ଏନଏ ସି ର ଜନୈକ ଅସହାୟ ଗରିବ ବିଧବା ମହିଳାଙ୍କ ସ୍ୱାମୀଙ୍କ ବିୟୋଗପରେ ତାଙ୍କର ୩ ଛୋଟ ଛୋଟ ଝିଅ ମାନେ ନିରୁପାୟ ହୋଇ ଅଧାରୁ ପାଠ ଛାଡିଦେଇଥିଲେ । ତେବେ ନିଜ ପିଲାଙ୍କୁ ପୁନଶ୍ଚ ଶିକ୍ଷାଦାନ ପାଇଁ ମହିଳା ଜଣକ ନିକଟରେ ବାଣପୁର ତାଲୁକ ଆଇନ ରିଟେନର ପଦ୍ମଜା ପଟ୍ଟନାୟକଙ୍କ ଜରିଆରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଉକ୍ତ ଘଟଣାକୁ ଗୁରୁତର ସହ ନେଇ ବିଚାରପତି ଶ୍ରୀ ମହାପାତ୍ର ସଙ୍ଗେସଙ୍ଗେ ବାଣପୁର ବିଇଓଙ୍କୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଆଜି ବାଣପୁର ତାଲୁକ ଆଇନ ସେବା ସମିତି ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟ ,ବାଣପୁର-୨ ପରିସରରେ ଏନରୋଲମେଣ୍ଟ ଅଫ ଡ୍ରପ ଆଉଟ ଷ୍ଟୁଡେଣ୍ଟସ(ଅଧା ରୁ ପାଠ ଛାଡିଥିବା ବିଦ୍ୟାର୍ଥୀଙ୍କ ପୁନଃ ନାମଲେଖା ) ଶୀର୍ଷକ ବିଷୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି ।ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବାଣପୁର କୋର୍ଟର ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଉକ୍ତ ସଭାରେ ଅଧ୍ୟକ୍ଷତା କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ସଭାରେ ବାଣପୁର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସି.ଏଚ ବିଜୟଲକ୍ଷ୍ମୀ, ବାଣପୁର ଓକିଲ ସଂଘ ସମ୍ପାଦକ ରଞ୍ଜନ କୁମାର ବେଦମୁଣ୍ଡା, ରିଟେନର ପଦ୍ମଜା ପଟ୍ଟନାୟକ, ଆଇନଜୀବୀ ଜଗଦୀଶ ପଟ୍ଟନାୟକ,ବିଦ୍ୟାଳୟ ର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବହୁ ଅଭିଭାବକ ମାନେ ଯୋଗଦେଇଥିଲେ। ବିଦ୍ୟାର୍ଥୀମାନେ ଆମ ଦେଶର ଭବିଷ୍ୟତ ଏବଂ ଉତ୍ତମ ଶିକ୍ଷାଦାନ ଦ୍ୱାରା ବିଦ୍ୟାର୍ଥୀମାନେ ଦେଶର ଉନ୍ନତିରେ ସହଯୋଗ କରିପାରିବେ ବୋଲି ବରିଷ୍ଠ ଦେୱାନୀ ବିଚାରପତି ଶ୍ରୀ ମହାପାତ୍ର କହିଥିଲେ ।ଆଜିର ସମାଜରେ ଅନ୍ଧବିଶ୍ୱାସ ଦୂର କରିବାକୁ ହେଲେ ଶିକ୍ଷାର ଆଲୋକ ନିତାନ୍ତ ଜରୁରୀ । ତେଣୁ ସମସ୍ତ ବିଦ୍ୟାର୍ଥୀ ମାନେ ପୂର୍ଣ୍ଣାଙ୍ଗ ଶିକ୍ଷା ଗ୍ରହଣ କରିବା କଥା ଏବଂ ଅଧାରୁ ପାଠ ଛାଡୁଥିବା ବିଦ୍ୟାର୍ଥୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପୁନଶ୍ଚ ଶ୍ରେଣୀରେ ନାମ ଲେଖାଇବା ପାଇଁ ସଚେତନତା କରାଇବା ଆଜି ସମସ୍ତଙ୍କ ପାଇଁ ଆହ୍ୱାନ ବୋଲି କହିଥିଲେ ବିଚାରପତି ଶ୍ରୀ ମହାପାତ୍ର । ଏହି ଅବସରରେ ଅଧା ରୁ ପାଠ ଛାଡିଥିବା ବିଦ୍ୟାର୍ଥୀଙ୍କ ପୁନଃ ନାମଲେଖା ପ୍ରକ୍ରିୟାକୁ ଗୁରୁତ୍ୱ ଦେବା ସହ ଏଥି ନିମନ୍ତେ ସମସ୍ତ ବାଣପୁର ବ୍ଲକ ଓ ଏନଏସି ଅଞ୍ଚଳରେ ସଚେତନତା ଅଭିଯାନ ଜାରି ରହିବା ଦରକାର । ଏହି ଅବସରରେ ବାଣପୁର ଅଞ୍ଚଳର ଅଧାରୁ ପାଠ ଛାଡିଥିବା ସମ୍ପୃକ୍ତ ୩ ଛାତ୍ରଛାତ୍ରୀଙ୍କୁ ତାଙ୍କ ବୟସ ଉପଯୋଗୀ ଶ୍ରେଣୀ ଯଥା ଅଷ୍ଟମ, ଷଷ୍ଠ ଏବଂ ତୃତୀୟରେ ନାମ ଲେଖାଯାଇଥିଲା। ସେହିପରିଭାବେ ବାଣପୁର ବ୍ଲକର ବିଭିନ୍ନ ବିଦ୍ୟାଳୟର ଅଧାରୁ ପାଠ ଛାଡିଥିବା ଚାରି ଛାତ୍ରଛାତ୍ରୀ ମାନଙ୍କୁ ୟୁ ଡ଼ାଇସ୍ ପ୍ଲସ୍ ରେ ନାମ ସ୍ଥାପନ ପାଇଁ ସଭାର ସଭାପତି ଶ୍ରୀ ମହାପାତ୍ର ଙ୍କ ଦ୍ୱାରା ସୁଯୋଗ ପ୍ରଦାନ କରାଯାଇଥିଲା ।

# ମହିଳା ହୋମଗାର୍ଡଙ୍କୁ ଆକ୍ରମଣ ଅଭିଯୋଗରେ କନେଷ୍ଟବଳ ଗିରଫ

ନୟାଗଡ଼, ( ମହାଭାରତ ) : ଆଇନ ସମସ୍ତଙ୍କ ପାଇଁ ସମାନୟ ଅପରାଧ ଯିଏ ବି କରିବ, ସେ ଏହାର ଦଣ୍ଡ ଭୋଗିବାକୁ ପଡ଼ିବ। ଏହି ନ୍ୟାୟରେ ନୟାଗଡ଼ ଏସ୍ପି ରାହୁଲ ଜୈନ ଦୁଇ ଜଣ ପୁଲିସ କର୍ମଚାରୀଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇ ଚର୍ଚ୍ଚାକୁ ଆସିଛନ୍ତି। ଦୁଇ ଦିନ ତଳେ ଖଣ୍ଡପଡ଼ା ଥାନାରେ କାର୍ଯ୍ୟରତ ଜଣେ ହୋମ୍ଗାର୍ଡ ଜିତେନ୍ଦ୍ର ନାୟକଙ୍କୁ ଦାଦାବଟି ମାମଲାରେ ଗିରଫ କରାଯାଇଥିଲା। ଆଜି ନୟାଗଡ଼ ଟାଉନ ଥାନା ପୁଲିସ କନେଷ୍ଟବଳ ଭାବେ କାର୍ଯ୍ୟରତ ଆଲୋକ ଶତପଥୀଙ୍କୁ ଗିରଫ କରିଛି ନୟାଗଡ଼ ପୁଲିସ। ଆଲୋକଙ୍କ ବିରୋଧରେ ମହିଳା ପୁଲିସ ହୋମଗାର୍ଡଙ୍କୁ ଗାଳିଗୁଲଜ ଓ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଦୁଇ ଜଣଙ୍କୁ ଏସ୍ପି ନିଲମ୍ବିତ କରିଥିବା ବେଳେ ବିଶୃଙ୍ଖଳାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି। ଗିରଫ ହୋଇଥିବା କନେଷ୍ଟବଳ ଆଲୋକଙ୍କ ବିରୋଧରେ ପୂର୍ବରୁ ମଧ ମାମଲା ରହିଛି। ନିର୍ଦ୍ଦିଷ୍ଟ ଭାବେ ତାଙ୍କର କୌଣସି ଥାନାରେ ନିଯୁକ୍ତି ନଥିଲା। ଯେତେବେଳେ ଯେଉଁଠି ଆବଶ୍ୟକ ପଡ଼େ ଆଲୋକଙ୍କୁ ସେଠାରେ ଡ୍ୟୁଟି କରିବାକୁ ହୁଏ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଡ୍ୟୁଟିରେ ଥିବା ଜଣେ ବରିଷ୍ଠ ମହିଳା ହୋମ୍ଗାର୍ଡଙ୍କୁ ସେ ନିଶାସକ୍ତ ଅବସ୍ଥାରେ ଗାଳିଗୁଲଜ କରିଥିଲେ। ମହିଳା ଜଣକ ଏହାର ବିରୋଧ କରିବାରୁ ସେ ତାଙ୍କ ହାତକୁ ଜୋରରେ ଘୋଷାଡ଼ି ଦେଇଥିଲେ। ଫଳରେ ତାଙ୍କର ଅଙ୍ଗୁଳି ଭାଙ୍ଗି ଯାଇଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଆଉ ଜଣେ କନେଷ୍ଟବଳ ଏହାର ବିରୋଧ କରିବାରୁ ତାଙ୍କୁ ମଧ ଆଲୋକ ଆକ୍ରମଣ କରିବାକୁ ପଛେଇ ନଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ ମହିଳା ହୋମଗାର୍ଡ ।ଘଟଣାର ତଦନ୍ତ କରି ପୁଲିସ ଆଜି ତାଙ୍କୁ




ଗିରଫ କରି କୋର୍ଟ ଚାଲାଣ କରିଛି। ଆଲୋକଙ୍କ ନାଁରେ ପୂର୍ବରୁ ୭ଟି ପ୍ରୋସିଡିଂ ହୋଇଛି। ଏମିତିକି ଫତେଗଡ଼ ଥାନା ପୁଲିସ ମଦ ପିଇ ଗାଡ଼ି ଚଳାଉଥିବା ଅଭିଯୋଗରେ ତାଙ୍କ ନାଁରେ ମାମଲା ରୁଜୁ କରିଛି। ଏଥିରୁ ଆଲୋକ କେତେ ବିବାଦୀୟ ତାହା ସ୍ପଷ୍ଟ ଭାବେ ଅନୁମାନ କରି ହେଉଛି। ଅନ୍ୟପଟେ ଉନ୍ନୟନମୂଳକ କାର୍ଯ୍ୟକୁ ଅଟକାଇବା ସହ ଠିକାଦାରଙ୍କୁ ଆକ୍ରମଣ କରିବା ଓ ଦାଦାବଟି ଆଦାୟ କରିବା ଅଭିଯୋଗରେ ଖଣ୍ଡପଡ଼ା ଥାନା ପୁଲିସ ୫ ଜଣ ଯୁବକଙ୍କୁ ଗିରଫ କରିଥିଲା। ବାଲୁଗାଁ ଅଞ୍ଚଳର ସୁଜିତ କୁମାର ଦଳବେହେରା ଏକ ପାଣି ଟାଙ୍କି କାମ କରୁଥିବା ବେଳେ ଗତ ରବିବାର ନାଟୁଗାଁର ସୁଧାକର ବିଶ୍ୱାଳ (ଇତୁ), ଜିତେନ୍ଦ୍ର ନାୟକ, ମନୁଆ ନାଏକ, ନିରଞ୍ଜନ ବେହେରା ଏବଂ ସଜନାପଡ଼ା ଗ୍ରାମର ପ୍ରକାଶ ସ୍ୱାଇଁ ପ୍ରମୁଖ ସେଠାରେ ପହଞ୍ଚି ଦାଦାବଟି ମାଗିବା ଅଭିଯୋଗ ହୋଇଥିଲା। ତେବେ କାମ ହାତେଇଥିବା ଠିକାଦାରଙ୍କ ବାପା ଶଙ୍କର୍ଷଣ ଦଳବେହେରା ଏଥିରେ ପ୍ରତିବାଦ କରିବାରୁ ସେମାନେ ମିଳିତ ଭାବେ ଆକ୍ରମଣ କରିଥିବା ଅଭିଯୋଗ କରିଥିଲେ। ଆହତ ଶଂକର୍ଷଣ ମେଡିକାଲରେ ନିଜର ଚିକିତ୍ସା କରାଇବା ସହ ଘଟଣା ସମ୍ପର୍କରେ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେୟ ପୁଲିସ ଏହି ହୋମଗାର୍ଡ ଜିତେନ୍ଦ୍ରଙ୍କ ସମେତ ପାଞ୍ଚ ଜଣଙ୍କୁ ଗିରଫ କରିଥିଲା।

# ଫତେଗଡ଼ ରାମ ମନ୍ଦିର ନିର୍ମାଣକୁ ନେଇ ସୃଷ୍ଟି ହୋଇଛି ବିବାଦ

- ମନ୍ଦିର ନିର୍ମାଣ ପାହାଡ଼ ରୁ ବହୁ ମୂଲ୍ୟବାନ ଗଛକଟା ଯାଇଛି
- ମନ୍ଦ ଉଦ୍ଦେଶ୍ୟରେ ଜାଲ ଦସ୍ତଖତ ନେଇ କରାଯାଇଛି ଅଭିଯୋଗ

**ଭାପୁର,(ମହାଭାରତ) :** ବହୁଚର୍ଚ୍ଚିତ ଫତେଗଡ଼ ରାମ ମନ୍ଦିର ନିର୍ମାଣକୁ ନେଇ ସୃଷ୍ଟି ହୋଇଛି ବିବାଦ। ବ୍ୟକ୍ତିଗତ ମାଲିକାନାରେ ମନ୍ଦିର ରହିଥିବା ବେଳେ ମନ୍ଦିର ନିର୍ମାଣ ସ୍ଥାନରୁ ବହୁ ମୂଲ୍ୟବାନ ଗଛକଟା ଯାଇଛି ତାହା ପୁଣି ଜଙ୍ଗଲ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ବିନା ଅନୁମତିରେ। ପାହାଡ଼ ଉପରେ ମନ୍ଦିର ନିର୍ମାଣ ପାଇଁ ରାଜସ୍ୱ ଏବଂ ଜଙ୍ଗଲ ବିଭାଗର ଅନୁମତି ନିଆଯାଇନାହିଁ। ଅଭିଯୋଗ ପରେ ଏହାର ତଦନ୍ତ ପାଇଁ ନୟାଗଡ଼ ଜିଲ୍ଲାପାଳ ଓ ଖଣି ବିଭାଗକୁ ଚିଠି ଲେଖିଛି ରାଜ୍ୟ ଇସ୍ପାତ ଓ ଖଣି ବିଭାଗ। ଚିଠିକୁ ନେଇ ଏବେ ପୁଣି ଚର୍ଚ୍ଚାକୁ ଆସିଛି ବହୁଚର୍ଚ୍ଚିତ ନୟାଗଡ଼ର ଫତେଗଡ଼ ରାମମନ୍ଦିର। ଏହାର ମାଲିକାନା କୁ ନେଇ ଏବେ ବିବାଦ ସୃଷ୍ଟି ହୋଇଛି। ଅଭିଯୋଗ ହୋଇଛି ବେଆଇନ ଭାବେ ପାହାଡ଼ ଖୋଳାଯିବା ସହ ଗଛ କଟା ଯାଇଛି ଏବଂ ମନ୍ଦିର ନିର୍ମାଣ କରାଯାଇଛି। ମନ୍ଦିର ତିଆରି କରାଯାଇଥିବା ଜାଗାର କିସମ ମଧ୍ୟ ଠିକ୍ ନାହିଁ। ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ନିକଟରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ବିଧାୟକଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ରଣସିଂହ ଏମିତି ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଗ୍ରହଣ କରି ଇସ୍ପାତ ଓ ଖଣି ବିଭାଗ ଉପସଚିବ ରାଜେଶ ପ୍ରସାନ ନାୟକ ନୟାଗଡ଼ ଜିଲ୍ଲାପାଳ ଓ ଖଣି ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଏହି ଘଟଣାକୁ ନେଇ ଏବେ ନୟାଗଡ଼ ଜିଲ୍ଲାବ୍ୟାପୀ ଜୋରଦାର୍ ଚର୍ଚ୍ଚା ଚାଲିଛି। କ'ଣ ହେବ ବହୁ ଚର୍ଚ୍ଚିତ ଫତେଗଡ ଶ୍ରୀରାମ ମନ୍ଦିରର ଭାଗ୍ୟ। କାରଣ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ବିନା ଅନୁମତିରେ ପତେଗଡ଼-ବିଜୟନଗର ପାହାଡ଼କୁ କଟାଯିବା ସହ ଶହ ଶହ ସଂଖ୍ୟାରେ ଗଛ କଟାଯାଇ ପାହାଡ଼ ଶୀର୍ଷରେ ମନ୍ଦିର ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଇଛି। ପାହାଡ଼ ଉପରେ ଗାଡ଼ି ପାର୍କି ଓ ଦୋକାନ ଘର ନିର୍ମାଣ କରାଯାଇଛି। ଯାହାକି ଭାପୁର ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ବ୍ୟକ୍ତିଗତ ମାଲିକାନାରେ ରହିଥିବା ଅଭିଯୋଗ କରିଛନ୍ତି ଜିତେନ୍ଦ୍ର। ବନ ବିଭାଗ ଓ ରାଜସ୍ୱ ଏବଂ ଦେବୋତ୍ତର ବିଭାଗର ଜ୍ଞାତସାରରେ ଏହି ମନ୍ଦିର ନିର୍ମାଣ କରାଯାଇଛି କି ନାହିଁ, ଏହାର ଉତ୍ତର ମଧ୍ୟ କାହା ପାଖରେ ନାହିଁ, ସେପଟେ ନୟାଗଡ଼ ବନଖଣ୍ଡ ଅଧିକାରୀ କହିଛନ୍ତି ପାହାଡ଼ ଉପରେ ମନ୍ଦିର ନିର୍ମାଣ ଏବଂ ସେଠାକୁ ରାସ୍ତା ନିର୍ମାଣ ପାଇଁ ଗଛ କାଟିବା ପାଇଁ କାହାରିକୁ ବନ ବିଭାଗ ପକ୍ଷରୁ କୌଣସି ଅନୁମତି ଦିଆଯାଇ ନାହିଁ। ଅଭିଯୋଗ ହୋଇଛି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେପଟେ ଉପା ଜିଲ୍ଲାପାଳ କହିଛନ୍ତି ଅଭିଯୋଗ ମିଳିଛି ଏହାର ସତ୍ୟାସତ୍ୟ ଜାଣିବା ପାଇଁ ମିଳିତ ଭାବେ ରାଜସ୍ୱ ଏବଂ ଜଙ୍ଗଲ ବିଭାଗ ପକ୍ଷରୁ ତଦନ୍ତ କରାଯିବ। ଫତେଗଡ଼ ଏବଂ ପାର୍ବତୀପୁର ମୌଜାର ଶହେ ଏକର ଜଙ୍ଗଲକୁ କାଟି ଗିରି ଗୋବର୍ଦ୍ଧନ ପାହାଡ଼ ଉପରେ ମନ୍ଦିର ନିର୍ମାଣ ହୋଇଛି। ପାହାଡ଼ ତଳୁ ମନ୍ଦିର ନିକଟକୁ ତଥା ପହାଡ ଉପର ଭାଗ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଏଠାରେ ଥିବା ସମସ୍ତ ମୂଲ୍ୟବାନ ଗଛକୁ କାଟି ଦିଆଯାଇଛି। କଟାଯାଇଥିବା ଏହି କାଠ ଓ ପଥର କୁଆଡ଼େ ଗଲା, ଏ ନେଇ କେହି ବି ମୁହଁ ଖୋଲୁନାହାନ୍ତି। ମନ୍ଦିର ପ୍ରତିଷ୍ଠା ପରେ ଦାନ ଆକାରରେ ଆସୁଥିବା ଟଙ୍କା ଓ ସୁନା ଗହଣାର ହିସାବ ରଖାଯାଉନାହିଁ। ଏହା ସହ ନିୟମ ଉଲଙ୍ଘନ କରି ମନ୍ଦିର ନିର୍ମାଣ ସରକାରୀ ଜଙ୍ଗଲ ଜମିରେ କରାଯାଇଛି। ଏହାର ଖାତା ନଂ-୫୯, ପ୍ଲଟ୍ ନଂ-୧୫୪ ଓ ୧୫୬ ମୋଟ୍ ରକବା ୯୮.୧୨ ଏକର ରହିଛି। ଏହାର କିସମ ପର୍ବତ-୩ ଓ ମୌଜା ବିଜୟନଗର ତହସିଲ ଭାପୁର ରହିଛି। ତେଣୁ ଏହି ମନ୍ଦିରକୁ ବେଣୁଧର ଙ୍କ ଠାରୁ ଉଚ୍ଛେଦ କରି ମନ୍ଦିରକୁ ହିନ୍ଦୁ ଦେବୋତ୍ତର ବିଭାଗ ଅଧୀନକୁ ନିଆଯିବା ପାଇଁ ସେ ଦାବି



କରିଛନ୍ତି। ଏହା ସହ ଯେଉଁ ସରକାରୀ ଅଧିକାରୀ ମାନେ ବେଣୁଧରଙ୍କୁ ଏହି ବେଆଇନ କାମରେ ସହାୟତା କରିଛନ୍ତି ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜୀତେନ୍ଦ୍ର ସହ ବଡ ସହରା, କେନ୍ଦୁପଲ୍ଲୀ, ଶାଳପଡା ସରପଞ୍ଚଙ୍କ ସହ ସ୍ଥାନୀୟ ଅଞ୍ଚଳର ୧୬ ବ୍ୟକ୍ତି ଲିଖିତ ଅଭିଯୋଗ କରି ଦାବି କରିଛନ୍ତି। ଏହାର ତଦନ୍ତ କରାଗଲେ ସବୁତ କିଛି ସ୍ପଷ୍ଟ ହୋଇଯିବ। ଏନେଇ ସେମାନେ ଲିଖିତ ଅଭିଯୋଗ କରିଥିବା ବେଳେ, କିନ୍ତୁ କ୍ୟାମେରା ଆଗରେ କହିବା ପାଇଁ ମନା କରିଛନ୍ତି। ଅନ୍ୟପଟେ ସମସ୍ତଙ୍କ ଅଭିଯୋଗକୁ ଶ୍ରୀରାମ ମନ୍ଦିର ଟ୍ରଷ୍ଟ କମିଟି ଏବଂ ଫତେଗଡ ଗ୍ରାମ ବାସୀଙ୍କ ପକ୍ଷରୁ ଖଣ୍ଡନ କରାଯାଇଛି। ମନ୍ଦିରଟି ସମସ୍ତଙ୍କ ଦାନ ଦକ୍ଷିଣାରେ ନିର୍ମାଣ ହୋଇଛି। କାହାରି ଜଣେ ମାଲିକାନାରେ ମନ୍ଦିର ନାହିଁ। ସମସ୍ତଙ୍କ ସହଯୋଗରେ ମନ୍ଦିର ରକ୍ଷଣବେକ୍ଷଣ ଚାଲିଛି। ଶ୍ରୀରାମ ମନ୍ଦିର କମିଟି ପକ୍ଷରୁ ଏହାକୁ ପରିଚାଳନା କରାଯାଉଛି। ଶ୍ରୀରାମ ମନ୍ଦିରକୁ ନେଇ ରାଜନୀତି ନକରିବା ପାଇଁ ଅନୁରୋଧ କରିଛନ୍ତି ସ୍ଥାନୀୟ ବାସିନ୍ଦା ଏବଂ ମନ୍ଦିର କମିଟି ସଦସ୍ୟ। ମନ୍ଦିରକୁ ନିର୍ମାଣକୁ ନେଇ ସବୁଠୁ ପ୍ରଶଂସା ମିଳୁଥିବା ବେଳେ କିଛି ନିନ୍ଦୁକ ବ୍ୟକ୍ତି ମନ୍ଦ ଉଦ୍ଦେଶ୍ୟରେ ଜାଲ ଦସ୍ତଖତ ନେଇ ଅଭିଯୋଗ କରୁଥିବା ଫତେଗଡ ଶ୍ରୀରାମ ମନ୍ଦିର ଟ୍ରଷ୍ଟ କମିଟିପକ୍ଷରୁ କୁହାଯାଇଛି। ବହୁ ଚର୍ଚ୍ଚିତ ଫତେଗଡର ଏହି ଶ୍ରୀରାମ ମନ୍ଦିର ଅଯୋଧ୍ୟାର ରାମ ମନ୍ଦିର ପ୍ରତିଷ୍ଠା ବେଳେ ଲୋକାର୍ପିତ ହୋଇଥିଲା। ପାହାଡ଼ ଉପରେ ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରିବା ସହ ପ୍ରାକୃତିକ ପରିବେଶଙ୍କୁ ଦେଖିବା ପାଇଁ ପ୍ରତିଦିନ ଏଠାକୁ ଛୁଟୁଛି ହଜାର ହଜାର ପର୍ଯ୍ୟଟକଙ୍କ ସୁଅ। ପାହାଡ଼ ଉପରେ ମନ୍ଦିର ନିର୍ମାଣଙ୍କୁ ନେଇ ବିବାଦ ସୃଷ୍ଟି ହୋଇଥିବାରୁ ଆଗକୁ ଏହାର ଭାଗ୍ୟ କଣ ହେବ ତାହା ଦେଖିବାକୁ ବାକି ରହିଲା।

## ଅବକାରୀ ବିଭାଗର ଚଢ଼ାଉ ଜଣେ ଗିରଫ



**ଆସିକା,(ମହାଭାରତ) :** ଗଞ୍ଜାମ ଜିଲ୍ଲାର ଚିକିଟି ପାତ୍ରପୁର ଅଞ୍ଚଳରେ ମଦ ମୃତ୍ୟୁ ଘଟଣା ପରେ ଆସିକା ଅଞ୍ଚଳରେ ଅବକାରୀ ବିଭାଗର ଚିନ୍ତା ବଢ଼େଇଛି । ଆଜି ଏକ ବିଶ୍ୱସ୍ଥ ସୂତ୍ରରୁ ଖବର ପାଇ ଆସିକା ଅବକାରୀ ବିଭାଗ ପକ୍ଷରୁ କେ. ନୁଆଁପଲି ଆସିକା ଏରୋଗୋଲା ବସା, ଦେବଭୂମି, କମାଗଡ଼ ଅଞ୍ଚଳରେ ବେଆଇନ ଦେଶୀ ମଦ ପ୍ରସ୍ତୁତି ବେଳେ ଅବକାରୀ ବିଭାଗ ଚଢ଼ାଉ କରି ପୋଚ ନଷ୍ଟ କରି ଦୁଇ ଜଣଙ୍କୁ ଗିରଫ କରିଛି। ପୋଚ ପନ୍ଦରସହ ଲିଟର ନଷ୍ଟ କରିବା ସାଙ୍ଗକୁ କୋଡିଏ ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି। ଗିରଫ ଜଣକ ହେଲେ ପାକଲାପଲ୍ଲୀର ସୁରଜ ପ୍ରଧାନ । ଗିରଫ ସୁରଜକୁ ଆସିକା କୋର୍ଟ ଚାଲାଣ କରାଯାଇଥିବା ଆସିକା ଅବକାରୀ ନିରୀକ୍ଷକ ଡମ୍ବୁରୁଧର ହରିଜନ ସୁଚନା ଦେଇଛନ୍ତି। ଆଜିର ଏହି ଚଢ଼ାଅ କାର୍ଯ୍ୟକ୍ରମରେ ଆସିକା ଅବକାରୀ ଥାନାର ରବୀନ୍ଦ୍ର ନାଥ ବିଶ୍ୱାଳ, ନୀଳମ୍ବର ନାୟକ, ଜି. ଭିମା, ସୁଜିତ ସାହୁ, ସିଦ୍ଧାର୍ଥ ବିଷୋୟୀ ଉପସ୍ଥିତ ରହିଥିଲେ ।

## ଗଣେଶ ପୂଜାରେ ଡିଜେ ସାଉଣ୍ଡ ବନ୍ଦ

**କରଞ୍ଜିଆ,(ମହାଭାରତ) :** ଆଗାମୀ ଗଣେଶ ପୂଜାରେ ସାଉଣ୍ଡ ବ୍ୟବହାର ପାଇଁ ସରକାରୀ କଟକଣା ସୂଚନା ଉଦ୍ଦେଶ୍ୟରେ ଠାକୁରମୁଣ୍ଡା ଥାନାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି କ୍ଷ୨୩ ତାରିଖ ସନ୍ଧ୍ୟାରେ ଥାନାଧିକାରିଣୀ ସାବିତ୍ରୀ ଦଳେଇଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ସ୍କୁଲ ଗୁଡିକର ପ୍ରଧାନ ଶିକ୍ଷକ, ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ



ଉପସ୍ଥିତ ରହି ଆଲୋଚନା କରିଥିଲେ । ଆଗାମୀ ଗଣେଶ ପୂଜାରେ ଆଦୌ ଡିଜେ ବାଜିବ ନାହିଁ ବୋଲି ଥାନାଧିକାରୀଣୀ କହିଥିଲେ । ଏଥି ସହିତ ମାଇକ ବଜେଇବାକୁ ହେଲେ ଉପଜିଲ୍ଲାପାଳଙ୍କ ଠାରୁ ଆଗୁଆ ଅନୁମତି ଆଣିବେ । ୬୫ ଡେସିବଲରୁ ଅଧିକ ଶବ୍ଦ ହେବ ନାହିଁ ବୋଲି ସରକାରୀ କଟକଣା ସମ୍ପର୍କରେ ଅବଗତ କରି ସମସ୍ତଙ୍କର ସହଯୋଗ କାମନା କରିଥିଲେ। ମାତ୍ର ପାରମ୍ପରିକ ବାଜା ବଜାଇବା ପାଇଁ କୌଣସି କଟକଣା ରହିବ ନାହିଁ ବୋଲି କହିଥିଲେ । ବୈଠକରେ ବସନ୍ତ କୁମାର ପଇବର୍ତ୍ତି, ବଳରାମ ସ୍ୱାଇଁ, ଲକ୍ଷ୍ମୀ ନାରାୟଣ ମହାନ୍ତ, ଆଶିଷ କୁମାର ପାଣିଗ୍ରାହୀ, ସରପଞ୍ଚ ମଳୟ ପରମାଣିକ, ବ୍ରହ୍ମାନନ୍ଦ ଦେହୁରୀ ଆଦି ବହୁ ସଂଖ୍ୟାରେ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ ।

## ଝିଅକୁ ପରିବାର ପାଖକୁ ଫେରେଇଲା ଲରମ୍ବା ପୁଲିସ

**ପାଟଣାଗଡ଼,(ମହାଭାରତ) :** ଆପଣ ମାନେ ମନେ ମନେ ଝିଅ ଟିକୁ ଦେଖି ପାରୁ ଥିବେ । ଝିଅ ଟିଏ ଅଜଣା କିନ୍ତୁ କୌଣସି କାର୍ଯ୍ୟ ବ୍ୟସ୍ତ ଝିଅ ଟିଏ । ବଲାଙ୍ଗୀର ଜିଲ୍ଲା ଲରମ୍ବା ଥାନା ଭରତବାହାଲ ଗ୍ରାମ/ପଞ୍ଚାୟତ ଅନ୍ତର୍ଗତ ମୁନ୍ଦଲସର୍ ଗ୍ରାମରେ କଥାବାର୍ତ୍ତା କହି ପାରୁ ନ ଥିବା ବୋଲି ଚର୍ଚ୍ଚା ଜୋର ଧରି ଥିଲା କିନ୍ତୁ ଚର୍ଚ୍ଚା ର ବିଷୟ ପାଲଟିଛି ଝିଅଟି କିଏ ? ଯେବେ ଝିଅ ଟି ଆସି ପାଟଣାଗଡ଼ ବ୍ଲକ୍ ଭରତବାହାଲ ଗ୍ରାମ/ପଞ୍ଚାୟତ ମୁନ୍ଦଲସର ଗ୍ରାମରେ ଥିବା ଏକ ସେଠ ଘରର ଖଟିଆରେ ବସି କୌଣସି କଥାବାର୍ତ୍ତା ହେଉ ନ ଥିବା ବେଳେ କିଛି ବ୍ୟକ୍ତି ତାର ଭିଡିଓ ଉତ୍ତଳନ କରି ସୋସିଆଲ ମିଡ଼ିଆରେ ଛାଡ଼ି ଥିବା ବେଳେ ସେଠ ଘର ଲୋକେ ଲରମ୍ବା ପୋଲିସ କୁ ଖବର ଦେଇ ଜଣାଇ ଥିଲେ । ଏ ଖବର ପାଇଲା ପରେ ଲରମ୍ବା ଥାନାଧିକାରୀ ମନୋଜ ପଧାନ ସଙ୍ଗେ ସଙ୍ଗେ ଏକ ଟିମ ସହ ମୁନ୍ଦଲସର ଗ୍ରାମ କୁ ପଠାଇ ଦେଇ ଥିଲେ , ପୋଲିସ ପହଞ୍ଚିବା ମାତ୍ରେ ଝିଅ ଟିର ପାଟି ରୁ କଥାବାର୍ତ୍ତା ବାହାରି ଥିଲା । ସେ ପାଖରେ ଥିବା ଧରୁଆପାଲି ଗ୍ରାମର ବୋଲି ଜଣା ପଡିଲା । ଝିଅ ଟିର ନାମ ପୂର୍ଣ୍ଣିମା ଠାକୁର ବୋଲି ଜଣା ପଡିଛି କିନ୍ତୁ ତାର ମାନସିକ ଭଲ ନ ଥିବାରୁ ଘରେ ନ ରହି ମୁନ୍ଦଲସର କୁ ପଳାଇ ଆସିଥିଲା। ସେହି ଝିଅ ଟି ର ମାଁ ବାପାଙ୍କୁ ପୋଲିସ ଖବର ଦେଇ ତା ମାଁ ବାପା କୁ ଝିଅ ଟି କୁ ଫେରସ୍ତ କରିଛି ଲରମ୍ବା ପୋଲିସ ବର୍ତ୍ତମାନ ସେହି ଅଞ୍ଚଳରେ ଏବେ ଲରମ୍ବା ପୁଲିସର ଏପରି କାର୍ଯ୍ୟ ଦେଖି ଲୋକେ ବହୁତ ବହୁତ ଧନ୍ୟବାଦ୍ ଦେବା ସହ ପ୍ରଶସାଂ ମଧ୍ୟ କରୁଛନ୍ତି ।

## ବ୍ୟାପୁଛି କିଡନୀ ରୋଗ, ୪ ଦିନରେ ତିନି ମୃତ

**ଟିଟିଲାଗଡ,(ମହାଭାରତ) :** ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକ ଯାମଖୁଣ୍ଟା ଗାଁ ରେ ବ୍ୟାପୁଛି କିଡନୀ ରୋଗ। ଗତ ୫ ଦିନ ମଧ୍ୟରେ ୩ ଜଣଙ୍କ ଜିବନ ଯାଇଥିବା ବେଳେ ବର୍ତ୍ତମାନ ଶୁଦ୍ଧା ୪ ଜଣ ଆକ୍ରାନ୍ତ ହୋଇଛନ୍ତି। କିଛି ଦିନ ତଳେ ଉକ୍ତ ଗାଁ ର ଲୋକେ ଝାଡ଼ାବାନ୍ତି ହେଇଥିବା ବେଳେ କିଛି ତିନି ଦିନ ତଳେ ହିଙ୍ଗିଲି କଟା ଓ ସୁକାନ୍ତ ବଗର୍ତ୍ତିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅତି ଗୁରୁତର ଥିବା ବେଳେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କୁ ନିଆଯାଇଥିଲା। ସେ ଠାରେ ଚିକିତ୍ସା ପରେ



ଡାକ୍ତର ଦୁଇଜଣ କୁ କିଡ଼ନି ରୋଗରେ ପୀଡିତ ହୋଇଥିବା କହିଥିଲେ। ତେବେ ଗତ କାଲି ସୁକାନ୍ତି ବଗର୍ତ୍ତି(୫୦) ଓ ହିଙ୍ଗିଲା କୋଟା(୫୦)ଙ୍କ ମୃତ ହୋଇଥିଲା। ତେବେ ଚାରି ଦିନ ତଳେ କିଡ଼ନି ରୋଗରେ ଆକ୍ରାନ୍ତ ହୋଇ ଧରବଗଡର ରଶ୍ମିତା ମାଝି(୫୦)ଙ୍କ ମଧ୍ୟ ମୃତ ହୋଇଥିଲା। ତେବେ ୩ ଜଣଙ୍କ ମୃତପରେ ଆଉ ୪ ଜଣ ମଧ୍ୟ କିଡନି ରୋଗରେ ଆକ୍ରାନ୍ତ ଥିବା ଜଣାପଡିଛି। ଡିର୍ଘ ଦିନ ହେବ ଗାଁ ରେ ପାନିଅ ଜଳ ସମସ୍ୟା ଲାଗିରହିଥିବାରୁ ଗାଁ ଲେକେ ଅନେକ ଥର ବ୍ଲକ ପ୍ରଶାସନ କୁ ଅଭିଯୋଗ କରିଥିଲେ ସୁଦ୍ଧା ତାଙ୍କ ସମସ୍ୟାର ସମାଧାନ ହୋଇପାରି ନାହିଁ। ତେବେ ଗାଁ ଲୋକେ ପାଣି ପରୀକ୍ଷା ପାଇଁ ଦାବି କରିଛନ୍ତି।

## କାଶୀ ନଗରରୁ ଦିର୍ଘ ଦୀନ ହେଲା ବାଲି ଓଭର ଲୋଡ଼ିଙ୍ଗ ଟ୍ରାକଟେର ଓ ଟିପରରେ ନେବା ଚାଲିଛି

**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଦୀର୍ଘ ଦିନ ହେଲା ବାଲି ଓଭର ଲୋଡ଼ିଙ୍ଗ ଚାଲିଛି ବାଲି କାଶୀ ନଗର ରୁ ପାହାନ୍ତିଆ ରୁ ଟ୍ରାକ୍ଟର ଓ ଟିପ୍ପର ବାଲି ଓଭର ଲୋଡିଙ୍ଗଜାଉଛି କିନ୍ତୁ ଖଣି ଅଧିକାରୀଙ୍କ ଦୃଷ୍ଟି ପଡୁନଥିବା ପରି ଜଣ । ପଡିଛି ୩ମାଙ୍କ ଜାଗାରେ ୬ମାଙ୍କ ରେ ରେ ଟ୍ରାକଟର ରେ ବାଲି ଯାଉଛି କିନ୍ତୁ ବିଭାଗର ଦ୍ରୁଷ୍ଟି ପଡିବ କେବେ । ଦୀନ ସରା ସହର ଦେଇ ଟ୍ରକଟରରେ ବାଲି ଓଭର ଲୋଡିଙ୍ଗ ଚାଲି ଥାଏ ବିନ ତ୍ରାପଲ ରେ ବାଲି ଜାଉଛି ଫଳରେ ବାଲି ଉଡ଼ି ଯାତ୍ରୀଙ୍କ ଆଖିରେ ପଡେ ଓ ଟ୍ରାଫିକ ସମସ୍ୟା ସୃଷ୍ଟି ହୁଏ ତତ ସହିତ ଗାଡିର ଡ୍ରାଇଭର ମାନଙ୍କର ଲାଇସେନ୍ସ ଯାଞ୍ଚ କରିବା ଆବଶ୍ୟକତା ରହିଛି। କାରଣ ଶ୍ରମିକ ମାନେ ମଧ୍ୟ ଗାଡି ଡ୍ରାଇଭିଂ କରିଥାନ୍ତି। ସେମାନେ ଶ୍ରମିକରୁ ଯାଇ ଗାଡ଼ି ଚଲାଇ ଥାନ୍ତି। ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ମଧ୍ୟ ନଥାଏ ଏଣୁ ଯାଞ୍ଚ କରିବାର ଆବଶ୍ୟକତା ରହିଛି। ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଚଳ କରୁଥିବା ଅଭିଯୋଗ ହେଉଛି ଯାଞ୍ଚ କରିବା ଆବଶ୍ୟକତା ରହିଛି ।

## ରକ୍ତତୀର୍ଥ କଳାମାଟିଆରେ ସହିଦ ଦିବସ ପାଳନ

**ବରୀ,(ମହାଭାରତ) :** ରକ୍ତ ତୀର୍ଥ ବରୀ କଳାମାଟିଆ ସହିଦ୍‌ପୀ ଠରେ । ଜି ୮୨ ତମ ସହିଦ ଦିବସ ମହାସମାରୋହରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ମୂଖ୍ୟ ଅତିଥି ବରୀ ବିଧାୟକ ଶ୍ରୀଯୁକ୍ତ ବିଶ୍ୱରଞ୍ଜନ ମଲ୍ଲିକ ଯୋଗ ଦେଇ ଜାତୀୟ ପତାକା ଉତୋଳନ କରି ଉଦଘାଟନ କରିଥିବା ବେଳେ ମୂଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ ଶତପଥୀ ଯୋଗ ଦେଇ ବିର ସହିଦ ମାନଙ୍କ ସ୍ମୃତି ଚାରଣ କରିଥିଲେ। ବରୀ ମାଟିର ଇତିହାସ ଓ ଗୌରବ ଗାଥା ଓ ବିର ସହିଦ ସାଉଁଟି, ସାନନ୍ଦ, ମାୟାଧର ଓ ହାଡି ବନ୍ଧୁଙ୍କ ତ୍ୟାଗ ଓ ଅମର କୀର୍ତି କଥା ଆଲୋକ ପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଅଧକ୍ଷ ଶ୍ରୀଯୁକ୍ତ ଦେବ ପ୍ରସାଦ ସାମଲ ସଭାପତିତ୍ୱ କରିଥିବା ବେଳେ ସହିଦ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟର ସଭାପତି ଶ୍ରୀଯୁକ୍ତ ସୁକଦେବ ପରିଡା ସ୍ୱାଗତ ଭାଷଣ ରଖିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ଶ୍ରୀ ମନୋଜ କୁମାର ଜେନା ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମର ମୂଖ୍ୟ ଅତିଥି ମାନ୍ୟବର ବିଧାୟକ ସହିଦ ପୀଠର ଉନ୍ନତି ନିମନ୍ତେ ତାଙ୍କ ଦୁଇ ମାସର ବେତନ ଦାନ କରିବାକୁ ପ୍ରତିଶୃତି ଦେବା ସହିତ ସହିଦପୀଠର ଉନ୍ନତି ପାଇଁ ଯାହା ସମ୍ଭବ ନିଶ୍ଚିତ କରିବେ ବୋଲି ମତ ରଖିଥିଲେ। ଚଳିତ ବର୍ଷ ସହିଦ ସ୍ମାରକି ସମ୍ମାନ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କର , ଶ୍ରୀଯୁକ୍ତ ନିଳମଣି ସାମଲ, ଶ୍ରୀଯୁକ୍ତ ଗିରିଶ କୁମାର ମିଶ୍ର ଓ ଶ୍ରୀ ଅଶୋକ କୁମାର ସାହୁଙ୍କୁ ପ୍ରଦାନ କରା।ଇଥିବା ବେଳେ ଚଳିତ ବର୍ଷ ମେଧା ସମ୍ମାନ ସୂଶ୍ରୀ ସିପ୍ରା ରାୟ, ସନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟ ବରୀଙ୍କୁ ପ୍ରଦାନ କରାଯାଇଛି। ଅନ୍ୟ ମଂଚାସିନ ଅତିଥି ମାନଙ୍କ ମଦ୍ଧ୍ୟରେ ଶ୍ରୀମତୀ ଅଞ୍ଜନସା ଧଳ, ଶ୍ରୀଯୁକ୍ତ ଗୟାଧର ଦାସ ସଭାପତି ଅବସର ପ୍ରାପ୍ତ ସୈନୀକ ସଂଘ ବକ୍ତବ୍ୟ ରଖିଥିଲେ।

## ମା 'ଭଗବତୀଙ୍କ ପୀଠରେ ଗହ୍ମାପର୍ବ ନିଆରା ଢଙ୍ଗରେ ପାଳିତ

**ବାଣପୁର,(ମହାଭାରତ) :** ଖୋର୍ଦ୍ଧା ଜିଲ୍ଲାର ପ୍ରସିଦ୍ଧ ପ୍ରାଚୀନ ଶକ୍ତିପୀଠ ବାଣପୁରର ମା'ଭଗବତୀଙ୍କ ମନ୍ଦିରରେ ବାରମାସର ତେର ଯାତ ସ୍ୱତନ୍ତ୍ର ନିଆରା ଢଙ୍ଗରେ ପାଳିତ ହୁଏ ଓ ଶ୍ରାବଣ ମାସର ପୂର୍ଣ୍ଣମା ବିଷ୍ଣୁ ମନ୍ଦିରରେ ସର୍ବତ୍ର ରକ୍ଷାବନ୍ଧନ, ବଳଭଦ୍ର ଜନ୍ମ ଭାବରେ ପାଳନ କରାଯାଉଥିବା ବେଳେ, ମା' ଯୋଗମାୟା ଭଗବତୀଙ୍କ ପୀଠରେ ଗୋପୂଜନ ଓ ଗହ୍ମା ଡିଆଁପର୍ବ ଭାବରେ ସ୍ୱତନ୍ତ୍ର ନୀତି କାନ୍ତିରେ ପାଳନ କରାଯିବାର ବିଧି କାହିଁ କେଉଁ କାଳରୁ ଚଳି ଆସିଛି। ପୂର୍ଣ୍ଣମୀ ଦିନ ପ୍ରତ୍ୟୁଷରୁ ମା'ଙ୍କ ଅଙ୍ଗରାଗ ମାଜଣା, ମହାପ୍ରସାଦ ଅର୍ପଣ, ବେଶ, ବଲ୍ଲଭ ଆଳତୀ, ମଧ୍ୟାହ୍ନରେ ଶଙ୍କୁଡ଼ି ଧୂପ ପରେ ପହୁଡ଼ ପରେ ଅପରାହ୍ନରେ ନିଶଙ୍କୁଡ଼ି ଧୂପ ଆଳତି ସରି ରାତ୍ର ୪ପ୍ରହରରେ ବଡ଼ ଶିଙ୍ଗାରଧୂପପରେ ମା'ଙ୍କ ଚଳନ୍ତି ପ୍ରତିମା ସ୍ୱପ୍ନେଶ୍ୱରୀ କାଠି ଠାକୁରାଣୀ , ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଦେବ ଓ ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କ ସହିତ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରରୁ ବିଜେ କାହାଳି ବାଜିବା ପରେ ଗହ୍ମାପଡ଼ିଆକୁ ବିଜେ କରିଥିଲେ । ଘଣ୍ଟା ଘଣ୍ଟ କାହାଳି ଢ଼ୋଲମହୁରୀ ଆଲଟଚାମର ଛତ୍ର ତରାସ, ଆଦି ଥାଟ ପଟୁଆରସହିତ ସେବାୟତ ଓ ଶ୍ରଦ୍ଧାଳୁଙ୍କ ଗ୍ରହଣରେ ବିଜେ କଲା ବେଳେ ହୁଳହୁଳି ଓ ଜୟ ଜୟକାର ଧ୍ୱନୀରେ ପଡ଼ିଆ ଉଚ୍ଛୁଳି ପଡ଼ିଥିଲା । ବିଷର ପାଟଣା ଛକ ଉପରେ ପଲେଇ ସେବକ ଏକ ବାଲିର ବେଦୀକରି ତା ଉପରେ ପାଟବସ୍ତ୍ର ପକାଇ ଆସନପ୍ରସ୍ତୁତ କରିଥିଲେ । କାଠିନାହାକ, ଓ ପରିଛା ସାଆନ୍ତ ମା' ଙ୍କୁ ଓ ଜୀଉମାନଙ୍କୁ ଉକ୍ତବେଦୀ ଉପରେ ବିଜେ କରାଇ ଷୋଡ଼ଷ ଉପଚାରରେ ପୂଜାକରି ଗୋମାତା ଓ ଠାକୁର ଠାକୁରାଣୀଙ୍କୁ ପରମ୍ପରା କ୍ରମେ କେବଳ ଶାକର ଓ ନଡ଼ିଆ ପାତି ୪ପତ୍ରରେ ଠା କରି ନୈବେଦ୍ୟ ଆକାରରେ ଧୂପ ବଢ଼ାଇ ଆଳତି ସମର୍ପଣ କରିଥିଲେ । ପଲେଇ ସେବକ ଆଗରୁ ଗୋମାତାଙ୍କ ପ୍ରତୀକ ଭାବରେ ବାଛୁରୀଟି ଏ ଆଣି ତାଙ୍କୁ ଚନ୍ଦନ ସିନ୍ଦୁର ଫୁଲ ମାଳଦେଇ ପୂଜା କରି ଶାକର ନଡ଼ିଆ ଖୁଆଇ ସାରି ଉକ୍ତବେଦି ଉପରେ ଡ଼ିଆଁଇବା ପରେ ମା'ଙ୍କ ଗହ୍ମା ଡିଆଁପର୍ବଶେଷ ହୋଇଥିଲା । ଏହି ପବିତ୍ର ମୂହୁର୍ତ୍ତ ରେ ମା'ଙ୍କୁ ଦର୍ଶନ କରିବାକୁ ଆସିଥିବା ଅଗଣିତ ଶ୍ରଦ୍ଧାଳୁଙ୍କ ହୁଳହୁଳିଜୟ ଜୟକାର ଧ୍ୱନୀରେ ପରିବେଶ ବେଶ ଆଧ୍ୟାତ୍ମିକ ମୟ ହୋଇ ଉଠିଥିଲା । ପରେ ଠାକୁର ଠାକୁରାଣୀ ମାନେ ମନ୍ଦିର ଫେରିବା ବାଟରେ ପରିଛାଙ୍କ ଦ୍ୱାର ମାନଙ୍କରେ ପନ୍ତିଭୋଗ ଖାଇପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରକୁ ଫେରି ରାତ୍ରପହୁଡ଼ ହୋଇଥିଲୋ।



କୃଷିରପର୍ବ ଶ୍ରାବଣ ପୂର୍ଣ୍ଣିମାପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନ ଭାବରେ ଓଡ଼ିଶାର ପ୍ରତ୍ୟେକ ବିଷ୍ଣୁ ମନ୍ଦିରରେ ଧୁମ୍ ଧାମରେ ପାଳିତ ହେଉଥିବା ବେଳେ ପରମ ବୈଷ୍ଣବୀ ଦେବୀ ଯୋଗମାୟା ମା' ଭାଗବତୀଙ୍କ ପୀଠରେ ମଧ୍ୟ କୃଷି କାର୍ଯ୍ୟର ପ୍ରମୁଖ ଗୋମାତାଙ୍କ ପୂଜନ ପରି ପରମ୍ପରା କୈଣସୀ ଶକ୍ତିପୀଠରେ ପାଳିତ ହେଉଥିବାର ଦେଖିବାକୁ ମିଳେନାହିଁ ବୋଲି ଶ୍ରୀ ଶ୍ରୀଦକ୍ଷେଶ୍ୱର ଭଗବତୀ ଦେବୋତ୍ତର କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ବାଳମୁକୁନ୍ଦ ଦାସଙ୍କଠାରୁ ପ୍ରକାଶ ।

## ବନଜ୍ୟୋସ୍ନା ସାହିତ୍ୟ ସଂସଦର ଆଗାମୀ ଗୁରୁଦିବସ ପାଇଁ ପ୍ରସ୍ତୁତି ବୈଠକ

**ଫୁଲବାଣୀ,(ମହାଭାରତ) :** କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋସ୍ନା ସାହିତ୍ୟ ସଂସଦ ତରଫରୁ ଆଗାମୀ ସେପ୍ଟେମ୍ବର ୫ ତାରିଖ (ଗୁରୁବାର) ଅପରାହ୍ନରେ ଜିଲ୍ଲା ସ୍ତରୀୟ ଗୁରୁ ପୂଜନ ଓ ଶିକ୍ଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରିବା ପାଇଁ ଅନୁଷ୍ଠାନ ର ସଭାପତି ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୫ବର୍ଷ ହେଲା କେନ୍ଦ୍ର,ରାଜ୍ୟ ଓ ଜିଲ୍ଲା ସ୍ତରୀୟ ଶିକ୍ଷକ ପୁରସ୍କାର ବନ୍ଦ ରହିଥିବା ବେଳେ, ଚଳିତ ବର୍ଷ ଠାରୁ ବନଜ୍ୟୋସ୍ନା ସାହିତ୍ୟ ସଂସଦ,ଫୁଲବାଣୀ ତରଫରୁ ଶିକ୍ଷକ ମାନଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟରତ ୩୦ ଜଣ ଶିକ୍ଷକ ଏବଂ ଶିକ୍ଷିକାଙ୍କୁ ଆଗାମୀ ଗୁରୁ ଦିବସରେ ସମ୍ବର୍ଦ୍ଧିତ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା । ଏଥିପାଇଁ ଜିଲ୍ଲାର ୧୨ ଟି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ,ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି । ଏହି ପୁରସ୍କାର ପାଇଁ କେବଳ କନ୍ଧମାଳ ଜିଲ୍ଲାର ୧୨ ଜଣ ପ୍ରାଥମିକ, ୧୨ ଜଣ ଉଚ୍ଚ ଇଂରାଜୀ,୬ଜଣ ଜିଲ୍ଲାମଙ୍ଗଳ ବିଭାଗ ସରୀୟ ଶିକ୍ଷକଙ୍କୁ ସେମାନଙ୍କ ଶିକ୍ଷା ଦାନ,



କର୍ତ୍ତବ୍ୟନିଷ୍ଠ ଓ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚୟନ କରାଯିବ । ଏହି ପ୍ରସଙ୍ଗ କୁ ନେଇ ଜିଲାର ସମସ୍ତ ବି.ଇ.ଓ,ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଉତ୍ତମ ଶିକ୍ଷକ,ଶିକ୍ଷିକା ମାନଙ୍କ ନାମ ଚୟନ କରି ଆଗାମୀ ୨୫.୮.୨୪ ମଧ୍ୟରେ ଦେବାପାଇଁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି । ସେମାନଙ୍କ ଚୟନକୁ ନେଇ ଅନୁଷ୍ଠାନ ତରଫରୁ ସମ୍ପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିମନ୍ତ୍ରଣ କରାଯିବ । ଯଦି ଉପରୋକ୍ତ ପର୍ଯ୍ୟାୟର କୌଣସି ଶିକ୍ଷକ,ଶିକ୍ଷିକା ସିଧା ଆବେଦନ କରିବାକୁ ଚାହିଁ ବେ ସେମାନେ ମଧ୍ୟ ୨୫.୮.୨୪ ମଧ୍ୟରେ ନିଜସ୍ୱ ବିବରଣୀ ଓ ଫଟୋ ହ୍ୱାଟ ସପ୍ ନମ୍ବର ୯୪୩୮୩୬୪୩୨୩ ରେ ଆବେଦନ କରିପାରିବେ। କିନ୍ତୁ ସେମାନଙ୍କ ବିଦ୍ୟାଳୟ ର ପଦସ୍ଥ କର୍ମକର୍ତା ମାନଙ୍କ ସହ ଆଲୋଚନା ତଥା ସମ୍ମତି ପରେ ସେମାନଙ୍କୁ ପୁରସ୍କାର ପ୍ରଦାନ ପାଇଁ ଚୟନ କରାଯିବ। ପୁରସ୍କାର ଗୁଡିକ ନିର୍ବିବାଦୀୟ କରିବା ପାଇଁ ବିଭିନ୍ନ ଚୟନ କମିଟି ମଧ୍ୟ କରା ଯାଇଛି । ବୈଠକରେ ସଂସଦର ଉପ ସଭାପତି ଶରତଚନ୍ଦ୍ର ମହାନ୍ତି ଙ୍କ ସମେତ ଶ୍ରୀମତୀ ସୁନିତୀ ଆଚାରୀ,ବିରାଜିନୀ ମହାପାତ୍ର, ରୂପମ୍ବିକା ତ୍ରିପାଠୀ, ସୁଶ୍ରୀ ମୁସ୍କାନ, ସୋମନାଥ ସାହୁ ଅଂଶ ଗ୍ରହଣ କରିବା ସହ ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ଡକ୍ଟର କାହ୍ନୁ ଚରଣ ଶତପଥୀ ବୈଠକ ପରିଚାଳନା କରିଥିଲେ ।

# କ୍ରିକେଟ୍‌ରୁ ଧୱନଙ୍କ ଅଲବିଦା

**ନୂଆଦିଲ୍ଲୀ,୨୪।୮:** ସନ୍ନ୍ୟାସ ନେଲେ ଭାରତୀୟ କ୍ରିକେଟ୍ ଟିମ୍‌ର ଗବ୍ବର୍ ତଥା ଷ୍ଟାର ଓପନର୍ ଶିଖର ଧୱନ। ୧୪ ବର୍ଷର କ୍ରିକେଟ ଯାତ୍ରାରେ ଲାଗିଲା ଫୁଲ୍‌ଷ୍ଟପ। ସେ କ୍ରିକେଟର ସମସ୍ତ ଫର୍ମାଟରୁ ସନ୍ନ୍ୟାସ ନେଇଥିବା ଘୋଷଣା କରିଛନ୍ତି। ସୋଶାଲ ମିଡିଆରେ ଏକ ଭିଡିଓ ଜାରି କରି ସେ ଉଭୟ ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟରୁ ଅବସର ନେଇଥିବା ଘୋଷଣା କରିଛନ୍ତି। ଶିଖର ସୋଶାଲ ମିଡିଆରେ ଭିଡିଓ ଜାରି କରି କ୍ରିକେଟ ଯାତ୍ରାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା ବୋଲି କହିଛନ୍ତି। ଏଥିସହ କ୍ରିକେଟରୁ ଅବସର ଘୋଷଣା କରିବା ବେଳେ ସେ ଭାବୁକ ହୋଇପଡିଥିବା ଦେଖିବାକୁ ମିଳିଛି। ସେ ବିସିସିଆଇ, ଡିଡିସିଆଇ (ଦିଲ୍ଲୀ ଆଣ୍ଡ




ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏସନ୍) ଓ ତାଙ୍କ ଫ୍ୟାନ୍‌ମାନଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

କେବଳ ସେତିକି ନୁହେଁ ଭାରତୀୟ କ୍ରିକେଟ ୱାଲ୍ଡରେ 'ଗବ୍ବର' ନାମରେ ପ୍ରସିଦ୍ଧ ଥିବା ଶିଖର ତାଙ୍କ ସାଥୀ ଖେଳାଳିଙ୍କୁ ମଧ୍ୟ ପ୍ରଶଂସା କରିଛନ୍ତି। ମ୍ୟାଚ୍ ସମୟରେ ମୁଁ ତାଙ୍କର ସମ୍ପୂର୍ଣ୍ଣ ସମର୍ଥନ ଏବଂ ଭଲପାଇବା ପାଇଛି ବୋଲି ସେ କହିଛନ୍ତି।

ଶିଖର ଧୱନ୍ ନିଜ କ୍ୟାରିୟରରେ ୩୪ ଟେଷ୍ଟ, ୧୬୭ ଦିନିକିଆ ଓ ୬୮ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ୨୦୧୩ରେ ଟେଷ୍ଟ କ୍ୟାରିୟର ଆରମ୍ଭ କରି ୩୪ ମ୍ୟାଚରୁ ୪୦ ଆଭରେଜରେ ୨ ହଜାର ୩୧୫ରନ ସଂଗ୍ରହ କରିଥିଲେ। ସେହପରି ୨୦୧୦ ମସିହାରେ ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆ କ୍ୟାରିୟର ଆରମ୍ଭ କରିଥିବା ଧନ ୧୬୭ ମ୍ୟାଚରୁ ୬ ହଜାର ୯୯୩ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୧୭ଟି ଶତକ ଓ ୩୯ଟି ଅର୍ଦ୍ଧଶତକ ସାମିଲ ରହିଛି ନିଜ କ୍ୟାରିୟରରେ ସେ ୬୮ ଟି-୨୦ ଖେଳି ୧୭୫୯ ରନ ସଂଗ୍ରହ କରିଛନ୍ତି ୨୦୧୩ ଚାମ୍ପିଅନସ ଟ୍ରଫିରେ ଭଲ ପ୍ରଦର୍ଶନ କରିଥିଲେ ଶିଖର ଧୱନ।

# ଏସୀୟ କରାଟେ: ଆଲିଶାଙ୍କୁ କାଂସ୍ୟ ପଦକ

**ଭୁବନେଶ୍ୱର,୨୪।୮:** ଫିଲିପାଇନ୍ସର ମାନିଲାରେ ଚାଲିଥିବା ଏସୀୟ କ୍ୟାଡେଟ୍ ଓ ଜୁନିୟର୍ କରାଟେ ପ୍ରତିଯୋଗିତାରେ ଓଡ଼ିଆ ଝିଅ ଆଲିଶା ସୁବୁଦ୍ଧି କାଂସ୍ୟ ପଦକ ଜିତି ରାଜ୍ୟର ଗୌରବ ବଢ଼ାଇଛନ୍ତି। ୧୫ ବର୍ଷୀୟା ଆଲିଶା ପୂର୍ବରୁ ଜାତୀୟସ୍ତରରେ ସ୍ୱର୍ଣ୍ଣ ଏବଂ ଦକ୍ଷିଣ ଏସୀୟ କରାଟେ ପ୍ରତିଯୋଗିତାର କାଟା ଇଭେଣ୍ଟରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଭାଲିନା ଭାଲେଣ୍ଟିନାଙ୍କ ପ୍ରଶିକ୍ଷଣରେ ଆଗକୁ ବଢ଼ିଥିବା ଆଲିଶାଙ୍କୁ ରାଜ୍ୟ କରାଟେ ସଂଘ ପକ୍ଷରୁ ହରିପ୍ରସାଦ ପଟ୍ଟନାୟକ ଓ ଗୌରୀ ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି।



ଏହି ଅବସରରେ ଆଲିଶା ତାଙ୍କ ଏହି ସଫଳତା ଲାଗି ପ୍ରଶିକ୍ଷକ ଭାଲେଣ୍ଟିନାଙ୍କ ସହ କିଓ ସଭାପତି ଭାରତ ଶର୍ମା, ସହାସଚିବ ସଂଜୀବ କୁମାର ଜାଙ୍ଗରା, କୋଷାଧ୍ୟକ୍ଷ ମୁଟୁମ ସିଂହଙ୍କ ଦୂରଦୃଷ୍ଟି ନେତୃତ୍ୱକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଭାରତୀୟ ଦଳ ପ୍ରଶିକ୍ଷକ ସେନସେଇ ଅନିକେଶ ଗୁପ୍ତା, ସେନସେଇ କୀର୍ତ୍ତନ, ସନ୍ଦୀପ ଗାଢ଼େଙ୍କ ମାର୍ଗଦର୍ଶନକୁ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ଅଧିକ ସଫଳତା ପାଇଁ ଆଲିଶା ପ୍ରତିଶ୍ରୁତି ଦେଇଛନ୍ତି।

# ପଦ୍ମିନୀଙ୍କୁ ସ୍ୱିସ୍ କ୍ୱିନ୍ସ ମୁକୁଟ

**ଭୁବନେଶ୍ୱର,୨୪।୮:** ଓଡ଼ିଶାର ଚେସ୍ ରାଣୀ ଆନ୍ତର୍ଜାତିକ ମାଷ୍ଟର ପଦ୍ମିନୀ ରାଉତ ବୁଧବାର ୩୦ତମ ସ୍ୱିସ୍ କ୍ୱିନ୍ସ ଅନ୍‌ଲାଇନ୍ ବ୍ଲିଜ୍ ପ୍ରତିଯୋଗିତାର ବିଜେତା ହୋଇଛନ୍ତି। ମୋଟ୍ ୧୧ ରାଉଣ୍ଡରୁ ପଦ୍ମିନୀ ୯ ପଏଣ୍ଟ ସ୍କୋର କରି ବେଲାରୁଷର ଓଲଗାୱାଦେଲ୍‌କାଙ୍କ ସହ ଯୁଗ୍ମ ପ୍ରଥମ ସ୍ଥାନରେ ରହିଥିଲେ। କିନ୍ତୁ ଟାଇବ୍ରେକର୍‌ରେ ପଦ୍ମିନୀ ବିଜେତା ଘୋଷିତ ହୋଇଥିଲେ। ପଦ୍ମିନୀ ୯ ମ୍ୟାଚ୍ ଜିତିଥିଲା ବେଳେ ଦୁଇଟିରେ ପରାଜିତ ହୋଇଥିଲେ। ଆଜରବାଇଜାନ୍‌ର ସାଦତ ବର୍ସିଲି, ମମାଡୋଭା, ଫ୍ରାନ୍ସର ସେସିଲେ ହାଉସେର୍ନୋଟ୍, ଭାରତର ଭୋନ୍ତି ତ୍ରିପୁରାମ୍ବିକା, ଜର୍ଜିଆର ମେରି ଅରାବିଦ୍‌ଜେ, ପୋଲାଣ୍ଡର ଆଲେକଜାଣ୍ଡ୍ରା ମାଡ଼ସେଭ୍‌ସକ୍ୟା, ରୁଷିଆର ଆନାସ୍ତାସିଆ



ବୋଦ୍‌ନାରୁକ୍, ୟୁକ୍ରେନ୍‌ର ଇଭ୍‌ଜେନିଆ ଦେଲଉହାନୋଭା, ଭିଏତ୍ନାମ୍‌ର ହୋଆଙ୍ଗ ବାଓ ଆଲ୍ ଟ୍ରାନ୍‌ଙ୍କୁ ପଦ୍ମିନୀ ହରାଇଥିଲା ବେଳେ ଭାରତର ସବିତା ଶ୍ରୀ ବି ଓ ବେଲାରୁଷର ଓଲ୍‌ଗା ବାଦେଲ୍‌କାଙ୍କଠୁ ସେ ପରାଜିତ ହୋଇଥିଲେ। ଏଥିସହ ପଦ୍ମିନୀ ବିବାହପରେ ପ୍ରଥମ ବଡ ପ୍ରତିଯୋଗିତା ଜିତି ଆତ୍ମବିଶ୍ୱାସ ଫେରିପାଇଛନ୍ତି। ଆଗକୁ ତାମିଲନାଡୁରେ ଅକ୍ଟୋବର ୩ରୁ ୧୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ମହିଳା ଚେସ୍ ଚାମ୍ପିଅନ୍‌ସିପ୍ ଉପରେ ପଦ୍ମିନୀଙ୍କ ନଜର ରହିଛି।

# ପାଣ୍ଡ୍ୟାଙ୍କ ଲୋକଦେଖାଣିଆ ଗୁଣକୁ ପସନ୍ଦ କରୁଥିଲେ ନତାଶା

**ମୁମ୍ବାଇ,୨୪।୮:** ଟିମ୍ ଇଣ୍ଡିଆର ଅଲରାଉଣ୍ଡର ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଓ ତାଙ୍କ ପତ୍ନୀ ନତାଶା ଅଲଗା ହୋଇଯାଇଛନ୍ତି। ଉଭୟ କିଛି ଦିନ ତଳେ ନିଜର ଛାଡପତ୍ର ବାବଦରେ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ସୂଚନା ଦେଇଥିଲେ ନତାଶା ଓ ହାର୍ଦ୍ଦିକ। ଏକ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଥିଲେ ଯେ ଉଭୟ ପାରସ୍ପରିକ ସମ୍ମତି ସହିତ ଅଲଗା ହୋଇଯାଇଛନ୍ତି। ଛାଡ଼ପତ୍ର ଘୋଷଣା ପରେ ଦୁହେଁ ଏହା ପଛର କାରଣ ଜଣାଇନଥିବା ବେଳେ ଏବେ ଛାଡ଼ପତ୍ର ପଛର କାରଣ ସାମ୍ନାକୁ ଆସିଛି।

କୁହାଯାଉଛି ଯେ, ହାର୍ଦ୍ଦିକଙ୍କର ଟିକେ ଲୋକ ଦେଖାଣିଆ ଗୁଣ ଥିଲା ଏବଂ ସେ ନିଜ ଭିତରେ ସବୁବେଳେ ରହୁଥିଲେ।



ପ୍ରଥମେ ପ୍ରଥମେ ହାର୍ଦ୍ଦିକ ବଦଳିଯିବେ ବୋଲି ଭାବି ନତାଶା ତାଙ୍କ କାମକୁ ଅଣଦେଖା କରୁଥିଲେ। ହେଲେ ସମୟ ବିତିବା ପରେ ବି ହାର୍ଦ୍ଦିକ ବଦଳିନଥିଲେ। ୪ବର୍ଷ ଭିତରେ ଅଭିନେତ୍ରୀ ହୃଦୟଙ୍ଗମ କଲେ ଯେ ମଣିଷ ଭାବରେ ଦୁହିଁଙ୍କ ମଧ୍ୟରେ ବହୁତ ଅଧିକ ପାର୍ଥକ୍ୟ ଅଛି ନତାଶା ତାଙ୍କ ବ୍ୟକ୍ତିକୁ ହାର୍ଦ୍ଦିକଙ୍କ ବ୍ୟକ୍ତି ସହିତ ମେଳାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏଭଳି କରି ସେ ଖୁସି ହୋଇପାରିନଥିଲେ। ୪ବର୍ଷ ସମ୍ପର୍କ ସମ୍ଭାଳିବାକୁ ଚେଷ୍ଟା କରି କ୍ଲାନ୍ତ ହୋଇଯିବା ପରେ ଶେଷରେ ସେ ଛାଡ଼ପତ୍ର ନେବାର ନିଷ୍ପତ୍ତି ନେଲେ ବୋଲି ସାମ୍ନାକୁ ଆସିଛି।

ଉଲ୍ଲେଖଯୋଗ୍ୟ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କଠାରୁ ଅଲଗା ହେବା ପରେ ନତାସା ଷ୍ଟାନକୋଭିକ୍ ବର୍ତ୍ତମାନ ତାଙ୍କ ସହର ସର୍ବିଆରେ ଅଛନ୍ତି ମେ ୨୦୨୦ରେ ନିରାଡମ୍ବର ଭାବେ ବିବାହ କରିବା ପରେ ଫେବୃଆରୀ ୨୦୨୩ରେ ହିନ୍ଦୁ ଏବଂ ଖ୍ରୀଷ୍ଟିଆନ ରୀତିନୀତି ଅନୁଯାୟୀ ବଡ଼ ଆଡମ୍ବରରେ ବିବାହ କରିଥିଲେ ହାର୍ଦ୍ଦିକ-ନତାଶା ହେଲେ ଜୁଲାଇ ୨୦୨୪ରେ ସେମାନେ ଅଲଗା ହେଉଥିବା ନିଶ୍ଚିତ କରିଥିଲେ। ଛାଡ଼ପତ୍ର ବିଷୟରେ ଘୋଷଣା କରି ଦୁହେଁ ଲେଖିଥିଲେ, ପ୍ରାୟ ୪ ବର୍ଷ ପରେ ଆମେ ପାରସ୍ପରିକ ସହମତିରେ ଅଲଗା ହେବାକୁ ନିଷ୍ପତ୍ତି ନେଇଛୁ ଆମେ ଦୁହେଁ ଏକାଠି ରହି ନିଜର ସର୍ବଶ୍ରେଷ୍ଠ ସମୟ ଦେଇଥିଲୁ କିନ୍ତୁ ବର୍ତ୍ତମାନ ଦୁହେଁ ସମାନ ନିଷ୍ପତ୍ତି ନେଇଛୁ। ଏହା ଆମ ପାଇଁ ବହୁତ କଷ୍ଟସାଧ ନିଷ୍ପତ୍ତି ଥିଲା। ଅଗସ୍ତ୍ୟ ଆମର ଉଭୟ ଜୀବନର ଏକ ଅଂଶ ହୋଇ ରହିବ। ଆମେ ଦୁହେଁ ତାଙ୍କୁ ସମସ୍ତ ଖୁସି ଦେବାକୁ ଚେଷ୍ଟା କରିବୁ।

# ସବୁଠି ଅମିତ ରୋହିଦାସଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

**ସୁନ୍ଦରଗଡ,୨୪।୮ (ମହାଭାରତ) :** ଗୁରୁବାର ଜନ୍ମମାଟି ସଉନାମୁରାରେ ସମ୍ବର୍ଦ୍ଧନା ପରେ ଶୁକ୍ରବାର ସକାଳେ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଓ ରାଉରକେଲା ପ୍ରଶାସନ ପକ୍ଷରୁ ପ୍ୟାରିସ ପଦକ ବିଜେତା ଅଲିମ୍ପିଆନ୍ ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଉନାମୁରାରୁ ସ୍ମାର୍ଟସିଟି ରାଉରକେଲା ଯାଏ ଅମିତ.. ଅମିତ.. ଗୁଞ୍ଜରିତ ହୋଇଥିଲା ଶୁକ୍ରବାର ସକାଳେ ଅମିତଙ୍କୁ ସୁନ୍ଦରଗଡ଼ରେ ଓ ସନ୍ଧ୍ୟାରେ ରାଉରକେଲାରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଅମିତ ସୁନ୍ଦରଗଡ଼ ପ୍ରଦକ୍ଷଣ ଗୃହରେ ପହଞ୍ଚିବା ପରେ ସେଠାରେ ଜିଲ୍ଲାପାଳ ମନୋଜ ମହାଜନ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ପରେ ସହର ମଧ୍ୟରେ ଏକ ରଙ୍ଗାରଙ୍ଗ ରୋଡ୍‌ସୋ ଅନୁଷ୍ଠିତ ହୋଇଥିଲା। ପ୍ରଦକ୍ଷଣ ଗୃହରୁ ଡିଆରଡିଏ ଛକ,




ବ୍ୟାଙ୍କ୍ ଛକ, ମ୍ୟୁନିସିପାଲିଟି ଛକ ଦେଇ ବିକାଶ ଭବନ ପର୍ଯ୍ୟନ୍ତ ଆସିଥିଲା। ଡିଆରଡିଏ ଛକରେ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଏବଂ ବିକାଶ ଭବନରେ ସମ୍ବର୍ଦ୍ଧନା ସମାରୋହରେ ଜିଲ୍ଲାପାଳଙ୍କ ସହ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅଭିମନ୍ୟୁ ମାଝୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୁଃଖବନ୍ଧୁ ନାୟକ, କ୍ରୀଡ଼ା ଅଧିକାରୀ ବିଶ୍‌କେସନ ପାଣ୍ଡେ, ଅମିତଙ୍କ କୋଚ୍ ବିଜୟ ଲାକ୍ରା, ବରିଷ୍ଠ କୋଚ୍ ତେଜ୍‌କୁମାର ଖେସ୍ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ ମହାଜନ ଅମିତଙ୍କ ଜୀବନ ସଂଘର୍ଷ ଓ ସଫଳତା ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ବୋଲି କହିଥିଲେ। ସମ୍ବର୍ଦ୍ଧନାର ଉତ୍ତର ରଖି ଅମିତ ଦାରିଦ୍ର୍ୟ ମଧ୍ୟରେ କିପରି ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ପଛରେ ପକାଇ ଲକ୍ଷ୍ୟ ସାଧନ ନିମନ୍ତେ ପ୍ରୟାସ କରିଥିଲେ, ତାହା କହିଥିଲେ। ନିଜର ଅଲିମ୍ପିକ ଅଭିଜ୍ଞତା ବାଂଟିବା ସହ ପ୍ରତ୍ୟେକ ଛାତ୍ରଛାତ୍ରୀ, ଖେଳାଳି ସମୟାନୁବର୍ତ୍ତୀ ଓ ପରିଶ୍ରମୀ ହେବା ସହ ଲକ୍ଷ୍ୟ ହାସଲ ପାଇଁ ସ୍ୱପ୍ନ ଦେଖି ତାକୁ ସାକାର କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସ୍ୱାଗତିକା ପଣ୍ଡା ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଅମିତ ହକି ଛକରେ ପହଞ୍ଚିବାପରେ ପାନପୋଷ କ୍ରୀଡ଼ା ଛାତ୍ରାବାସର କୋଚ୍, ଯୁବ ହକି ଖେଳାଳି ତାଙ୍କୁ ପାଛୋଟି ନେଇଥିଲେ। ଏକ ବିଶାଳ ଶୋଭାଯାତ୍ରାରେ ସେ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ପାନପୋଷ କ୍ରୀଡ଼ାଛାତ୍ରାବାସରେ ପହଞ୍ଚିବାପରେ ସେଠାରେ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଏହି ଅବସରରେ ଅମିତ ନିଜର ଆଦ୍ୟ କ୍ରୀଡ଼ା ଜୀବନକୁ ମନେ ପକାଇଥିଲେ। ନିଜ ହକି ଖେଳ ଆରମ୍ଭ, କ୍ରୀଡ଼ା ଛାତ୍ରାବାସ ରହଣି, ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ଅନୁଭୂତି ଆଦି ବାଣ୍ଟିଥିଲେ। ପରେ ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମକୁ ଯାଇ ସେଠାକାର ଅନ୍ତେବାସୀଙ୍କ ସହ ବେଶ୍ କିଛି ସମୟ କାଟିଥିଲେ।

# ଟି-୨୦ ଭଳି ଟେଷ୍ଟ କ୍ରିକେଟ ଖେଳୁଥିବା ଖେଳାଳିଙ୍କ ଉପରେ ହେବ ଟଙ୍କାବର୍ଷା

**ମୁମ୍ବାଇ,୨୪।୮:** ଟି -୨୦ ଟୁର୍ନାମେ ଯୋଗୁଁ ଟେଷ୍ଟ କ୍ରିକେଟର କ୍ରେଜ୍ ହ୍ରାସ ପାଇଛି। ଟେଷ୍ଟ କ୍ରିକେଟକୁ ବଞ୍ଚାଇବା ପାଇଁ ଆଇସିସି ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରୁଛି। ଏକ ରିପୋର୍ଟ ଅନୁଯାୟୀ, ଆଇସିସି ଟେଷ୍ଟ କ୍ରିକେଟ୍ ପାଇଁ ୧୨୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରିଛି। ଏହା ସହିତ ଖେଳାଳିଙ୍କୁ ଦରମା ପ୍ରଦାନ କରାଯିବ। ଆଇସିସିର ଏହି ଯୋଜନାକୁ ବିସିସିଆଇ ସମର୍ଥନ କରିଛି। ଇଣ୍ଡିଆନ୍ ପ୍ରିମିୟର ଲିଗ୍ ସହିତ ଅନେକ ଟି -୨୦ ଲିଗ୍ ଯୋଗୁଁ ଟେଷ୍ଟ କ୍ରିକେଟ୍ ବର୍ତ୍ତମାନ କମ୍ ପସନ୍ଦ କରାଯାଉଛି। ଏକ ରିପୋର୍ଟ ଅନୁଯାୟୀ, କ୍ରିକେଟ୍ ଅଷ୍ଟ୍ରେଲିଆ ଟେଷ୍ଟ କ୍ରିକେଟ୍ ପାଇଁ ଏକ ସ୍ୱତନ୍ତ୍ର ପାଣ୍ଠି ସଂଗ୍ରହ କରିବାକୁ ପ୍ରସ୍ତାବ ଦେଇଛି। ବିସିସିଆଇ ସଚିବ ଜୟ ଶାହା ଏବଂ ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ୍ ବୋର୍ଡ ଏହି ଯୋଜନାକୁ ସମର୍ଥନ କରିଛନ୍ତି।



ଜୟ ଶାହା ବର୍ତ୍ତମାନ ଆଇସିସି ସଭାପତି ହେବାକୁ ଦୌଡ଼ରେ ଆଗରେ ଅଛନ୍ତି ଆଇସିସି ଦ୍ୱାରା ସଂଗ୍ରହ ହୋଇଥିବା ପାଣ୍ଠି ସହିତ ଟେଷ୍ଟ କ୍ରିକେଟରଙ୍କ ସର୍ବନିମ୍ନ ମ୍ୟାଚ୍ ଫି ବୃଦ୍ଧି କରାଯିବ। ଏହା ସହିତ, ବିଦେଶୀ ଭ୍ରମଣରେ ହେଉଥିବା ଖର୍ଚ୍ଚକୁ ମଧ୍ୟ ଦୃଷ୍ଟି ଦିଆଯିବ।

ଭାରତ ତଥା ଅନ୍ୟାନ୍ୟ ଦେଶର ଅନେକ ଖେଳାଳି ଟେଷ୍ଟ ଅପେକ୍ଷା ଟି -୨୦କୁ ପ୍ରାଧାନ୍ୟ ଦେଉଛନ୍ତି। ଆଇପିଏଲରେ ଖେଳୁଥିବା ଖେଳାଳିମାନେ ବିପୁଳ ପରିମାଣର ଟଙ୍କା ପାଆନ୍ତି। ଅଧିକାଂଶ ଷ୍ଟେଇଣ୍ଡିଜ୍ ଖେଳାଳି ଟେଷ୍ଟ ପରିବର୍ତ୍ତେ ଟି -୨୦ ଖେଳିବାକୁ ପସନ୍ଦ କରୁଛନ୍ତି। ଏହି କାରଣରୁ ଟେଷ୍ଟ କ୍ରିକେଟ୍ କ୍ରେଜ୍ ହ୍ରାସ ପାଉଛି କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଇସିସି ଦ୍ୱାରା ସଂଗୃହୀତ ପାଣ୍ଠି ଭାରତ, ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ଖେଳାଳିଙ୍କ ପାଇଁ ଅଧିକ ଲାଭଦାୟକ ହେବାର ସମ୍ଭାବନା ନାହିଁ।

# ରୁଷ ଗଣମାଧ୍ୟମ ବଜାର ସାମର୍ଥ୍ୟ ଆକଳନ କରିବେ ଭାରତୀୟ ଚଳଚ୍ଚିତ୍ର ନିର୍ମାତା

**ମୁମ୍ବଇ,୨୪।୮:** ମସ୍କୋ ଇଣ୍ଟରନ୍ୟାସନାଲ ଫିଲ୍ମ ୱିକ୍ ରୁଷର ରାଜଧାନୀ ସହରରେ ଅଗଷ୍ଟ ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମ ରୁଷର ରାଜଧାନୀକୁ ଏକ ବିଶାଳ ଚଳଚ୍ଚିତ୍ର ପେଣ୍ଠସ୍ଥଳରେ ପରିଣତ କରିବ, ଯେଉଁଥିରେ ଭାରତ, ଚୀନ, ତୁର୍କୀ, ଇରାନ, ଇଜିପ୍ଟ, ଥାଇଲାଣ୍ଡ ଏବଂ ସିଆଇଏସ୍ ରାଷ୍ଟ୍ରସମୂହରୁ ବିଶିଷ୍ଟ ପ୍ରତିନିଧିଗଣଙ୍କ ସମେତ ୪୦ରୁ ଅଧିକ ରାଷ୍ଟ୍ରରୁ ଅଂଶଗ୍ରହଣ ରହିବ; ଏହି ଉତ୍ସବ ଆନ୍ତର୍ଜାତିକ ସମୁଦାୟଙ୍କ ପାଇଁ ଏକ ପ୍ରମୁଖ କାର୍ଯ୍ୟକ୍ରମ ହେବାର ପ୍ରତିବଦ୍ଧତା ରଖୁଛି। କୁହାଯାଉଛି ଯେ ଚଳଚ୍ଚିତ୍ର ବଜାର ଭାରତ, ଚୀନ, ଇଣ୍ଡୋନେସିଆ, ବ୍ରାଜିଲ ଓ ରୁଷିଆର ଚଳଚ୍ଚିତ୍ର ଶିଳ୍ପର ପ୍ରତିନିଧିମାନଙ୍କୁ ଏକତ୍ରିତ କରିବ। ଏଥିରେ ଯୋଗ ଦେବାକୁ ଥିବା ପ୍ରତିନିଧିମାନଙ୍କ ମଧ୍ୟରେ ଶୀର୍ଷସ୍ତରୀୟ ସରକାରୀ ପଦାଧିକାରୀ ଶ୍ରୀ ସୁଧୀର ଏସ୍ ମୁନଗାଣ୍ଟିୱାର, ସାଂସ୍କୃତିକ ବିଭାଗ ମନ୍ତ୍ରୀ, ମହାରାଷ୍ଟ୍ର ସରକାର, ବିକାଶ ଖାରାଗେ, ପ୍ରିନସିପାଲ ସେକ୍ରେଟାରୀ, ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ଏବଂ ସଂସ୍କୃତି ବିଭାଗ, ଶ୍ରୀ ଡିଲ୍ ରାଜୁ, ପ୍ରେସିଡେଣ୍ଟ, ତେଲୁଗୁ ଫିଲ୍ମ ଚାମ୍ବର ଅଫ କମର୍ସ ଏବଂ ଚଳଚ୍ଚିତ୍ର ଓ ଗଣମାଧ୍ୟମ ଶିଳ୍ପର ନେତୃବୃନ୍ଦ ସନ୍ଦୀପ ମାରୱା, ଫାଉଣ୍ଡର୍ ନଏଡା ଫିଲ୍ମ ସିଟି, ଶ୍ରୁତି ରାଜକୁମାର, ଭାଇସ ପ୍ରେସିଡେଣ୍ଟ ଇନ୍‌ଭେଷ୍ଟ ଇଣ୍ଡିଆ ଏବଂ ହେଡ୍, ଏଫଏଫଓ (ଇଣ୍ଡିଆ), ରାଜୀବ ଚିଲାକା, ସିଇଓ ଗ୍ରୀନ୍‌ଗୋଲ୍ଡ ଷ୍ଟୁଡିଓଜ୍, ଅଙ୍କୁର ଭାସିନ, ସିଇଓ ମେଡିଆ ଆଣ୍ଡ ଏଣ୍ଟରଟେନମେଣ୍ଟ ଆସୋସିଏସନ୍ ଅଫ ଇଣ୍ଡିଆ, ରଥାନ୍ ସାମ୍ ଜର୍ଜ, ଗ୍ଲୋବାଲ ହେଡ୍ ପ୍ରଡକ୍ସନ, ଟୁନ୍‌ଜ୍ ମେଡିଆ, ମାରିଜ୍‌କେ ଡି ସୁଜା, ହେଡ୍ ପ୍ରଡକ୍ସନ, ଧର୍ମା ପ୍ରଡକ୍ସନ୍ସ, ଗାୟତ୍ରୀ ଗୁଲାଟି, ସିନିୟର ଭାଇସ ପ୍ରେସିଡେଣ୍ଟ, ଭାୟକମ୍ ୧୮ ଷ୍ଟୁଡିଓଜ୍ ପ୍ରମୁଖ ଅନ୍ତର୍ଭୁକ୍ତ।

# ୨୮ରେ ଖୋଲିବ ଇକୋସ (ଇଣ୍ଡିଆ) ମୋବିଲିଟି ଆଣ୍ଡ ହସ୍ପିଟାଲିଟିର ଆଇପିଓ

**ନୂଆଦିଲ୍ଲୀ,୨୪।୮:** ଇକୋସ (ଇଣ୍ଡିଆ) ମୋବିଲିଟି ଆଣ୍ଡ ହସ୍ପିଟାଲିଟିର ଇନିସିଆଲ ପବ୍ଲିକ ଅଫର (ଆଇପିଓ) ବିଡ ୨୦୨୪ ଅଗଷ୍ଟ ୨୮ ବୁଧବାର ଦିନ ଖୋଲିବ। ଏହି ଅଫରରେ ୧୮,୦୦୦,୦୦୦ ଇକ୍ୱିଟି ସେୟାରକୁ ଅଫର ଫର ସେଲରେ ବିକ୍ରି କରାଯିବ। ଆଙ୍କର ନିବେଶକମାନେ ୨୦୨୪ ଅଗଷ୍ଟ ୨୭ରେ ବିଡ ଦାଖଲ କରିପାରିବେ। ଏହି ଇସ୍ୟୁର ଅଫର ୨୦୨୪ ଅଗଷ୍ଟ ୩୦,ଶୁକ୍ରବାର ବନ୍ଦ ହେବ।

ଅଫରରେ ଇକ୍ୱିଟି ସେୟାର ପିଛା ଦାମ ୩୧୮ ଟଙ୍କାରୁ ୩୩୪ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଛି। ନିବେଶକମାନେ ସର୍ବନିମ୍ନ ୪୪ଟି ଇକ୍ୱିଟି ସେୟାର ପାଇଁ ବିଡ ଦାଖଲ କରିପାରିବେ ଏବଂ ପରେ ସେଥିରେ ୪୪ଟି ଲେଖାଏଁ ଇକ୍ୱିଟି ସେୟାର ଯୋଡ଼ିପାରିବେ।

ଅଫର ଫର ସେଲରେ ରାଜେଶ ଲୋମ୍ବାଙ୍କ ତରଫରୁ ୯,୯୦୦,୦୦୦ ପର୍ଯ୍ୟନ୍ତ ଇକ୍ୱିଟି ସେୟାର ଓ ଆଦିତ୍ୟ ଲୋମ୍ବା ୮,୧୦୦,୦୦୦ ପର୍ଯ୍ୟନ୍ତ ଇକ୍ୱିଟି ସେୟାରକୁ ଅଫର ଫର ସେଲରେ ବିକ୍ରି କରିବେ। କମ୍ପାନିର ଇକ୍ୱିଟି ସେୟାରକୁ ବିଏସଇ ଲିମିଟେଡ ଓ ନ୍ୟାସନାଲ ଷ୍ଟକ ଏକ୍ସଚେଂଜରେ ତାଲିକାଭୁକ୍ତ କରିବା ପ୍ରସ୍ତାବ ରହିଛି। ଏହି ଅଫରର ବୁକ ରନିଂ ଲିଡ ମ୍ୟାନେଜର ହେଉଛନ୍ତି ଇକ୍ୱିରସ କ୍ୟାପିଟାଲ ପ୍ରାଇଭେଟ ଲିମିଟେଡ ଓ ଆଇଆଇଏଫଏଲ ସିକ୍ୟୁରିଟିଜ ଲିମିଟେଡ। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିୟମ ଅନୁସାରେ ଅଫରର ୬୦ ପ୍ରତିଶତ ଇକ୍ୱିଟି ସେୟାରକୁ ଯୋଗ୍ୟ ସଂସ୍ଥାଗତ କ୍ରେତା (କ୍ୟୁଆଇବି)ଙ୍କୁ ଆବଂଟନ କରାଯିବ।

# ସାମସଙ୍ଗ ଗାଲାକ୍ସି ଏ୫୫ ୫ଜି ଟ.୨୫୯୯୯ରୁ ଉପଲବ୍ଧ

**ନୂଆଦିଲ୍ଲୀ,୨୪।୮:** ସାମସଙ୍ଗ ଭାରତର ସର୍ବବୃହତ୍ ଇଲେକ୍‌ଟ୍ରୋନିକ୍ ବ୍ରାଣ୍ଡ, ଆଜି ଏହାର ପୂର୍ବରୁ କେବେ ଦେଖାଯାଇ ନଥିବା ମୂଲ୍ୟର ଘୋଷଣା କରିଛି ଯାହା ଗାଲାକ୍ସି ଏ୫୫ ୫ଜି ତଥା ଏମ୩୫ ୫ଜି ସ୍ମାର୍ଟଫୋନରେ ଉପଲବ୍ଧ। ଗାଲାକ୍ସି ଏ୫୫ ୫ଜି ତଥା ଏମ୩୫ ୫ଜି ସବୁଠାରୁ ଉତ୍କୃଷ୍ଟ ସାମସଙ୍ଗର ଫ୍ଲାଗସିପ୍ ଅଭିନବୀକରଣ ମୋବାଇଲରେ ପ୍ରଦାନ କରିବା ସହିତ, ବ ?ମାନ ସର୍କଲ ଟୁ ସର୍ଚ୍ଚ ସହିତ ଗୁଗୁଲ ଏବଂ ଏଆଇ ବିଶେଷତ୍ୱକୁ ନେଇ ଆସୁଅଛି। କିଛି ସୀମିତ ସମୟ ମଧ୍ୟରେ ଏହି ଗାଲାକ୍ସି ଏ୫୫ ୫ଜି ପ୍ରଭାବୀ ମୂଲ୍ୟ ୩୩୯୯୯ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ଗାଲାକ୍ସି ଏମ୩୫ ୫ଜି ପ୍ରଭାବୀ ମୂଲ୍ୟ ୨୫୯୯୯ ଟଙ୍କାରୁ ଉପଲବ୍ଧ ହେବାକୁ ଯାଉଛି। ଗାଲାକ୍ସି ଏ୫୫ ୫ଜି ତଥା ଗାଲାକ୍ସି ଏମ୩୫ ୫ଜିରେ ରହିଥିବା ବିବିଧ ବିଶେଷତ୍ୱ ମଧ୍ୟରେ ରହିଛି ଗୋରୀଲା ଗ୍ଲାସ ଭିକଟସ ଯୁକ୍ତ କ୍ୟାମେରା ଯାହାର ବିଶେଷତ୍ୱ ଏଆଇ ଦ୍ୱାରା ବୃଦ୍ଧି ପ୍ରାପ୍ତ, ସାମସଙ୍ଗ ନକ୍ସ ଭଲଟ, ଫୋରଓଏସ ଅଧୁନତମ ତଥା ୫ବର୍ଷର ସୁରକ୍ଷା ଅପଡ଼େଟ୍। ଗାଲାକ୍ସି ଏ୫୫ ୫ଜିରେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ୬୦୦୦ ଟଙ୍କାର ବ୍ୟାଙ୍କ କ୍ୟାସବ୍ୟାକ୍ ସୁବିଧା ଥିବା ବେଳେ ଗାଲାକ୍ସି ଏମ୩୫ ୫ଜିରେ ସେହିଭଳି ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ୫୦୦୦ ଟଙ୍କାର ବ୍ୟାଙ୍କ କ୍ୟାସବ୍ୟାକ୍ ଉପଲବ୍ଧ କରିପାରିବେ ଏଥିସହିତ ଅଗ୍ରଣୀ ବ୍ୟାଙ୍କ ଗୁଡ଼ିକରେ ଏହି ସ୍ମାର୍ଟଫୋନ କ୍ରୟ କରିବା ସମୟରେ କ୍ରେଡ଼ିଟକାର୍ଡ଼ ବ୍ୟବହାରର ମଧ୍ୟ ସୁବିଧା ରହିଛି। ସେମାନେ ମଧ୍ୟ ଏଥିପାଇଁ ୬ମାସର ଇଏମଆଇ ସୁବିଧା ଉପଲବ୍ଧ କରୁଛନ୍ତି। ଗ୍ରାହକମାନେ ଗାଲାକ୍ସି ଏ୫୫ ୫ଜି ଉପରେ ଅପଗ୍ରେଡ଼ ୬୦୦୦ ଟଙ୍କାର ବୋନସ ତଥା ଗାଲାକ୍ସି ଏମ୩୫ ୫ଜିରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଅପଗ୍ରେଡ଼ ବୋନସର ସୁବିଧା ଉଠାଇ ପାରିବେ। କିନ୍ତୁ ଏଥିପାଇଁ ଗ୍ରାହକମାନଙ୍କୁ ବ୍ୟାଙ୍କ କ୍ୟାସବ୍ୟାକ କିମ୍ବା ଅପଗ୍ରେଡ଼ ବୋନସ ମଧ୍ୟରୁ ଯେକୌଣସି ଗୋଟିଏର ସୁଯୋଗ ନେଇପାରିବେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ